RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-181 SATURDAY 27 DECEMBER 2025 PAGE-12 ₹ 6.00 | JEYPORE | ବର୍ଷ-୪୩ ସଂଖ୍ୟା-୧୮୧ ଶନିବାର ୨୭ ଡିସେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦



ଜ୍ୟୋସ୍ନା ଶବରଙ୍କୁ ରାଷ୍ଟ୍ରୀୟ ବାଲ୍ ପୁରସ୍କାର

ପୃଷ୍ଠା ୩ ଦେଖନ୍ତୁ...

୨୯ ତମ ପ୍ରତିଷ୍ଠା ଦିବସ

# ବିଜେଡି ଅଛି; ରହିବ: ନବୀନ

## ଶହେ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସ୍ୱର ହେବ ବିଜେଡି

**ଡବଲ ଇଞ୍ଜିନ୍ ସରକାରକୁ କଟାକ୍ଷ**

- ରାଜ୍ୟରେ ଏବେ ସରକାର ଥିବା ପରି ଅନୁଭବ ହେଉ ନାହିଁ
- ଚାଷୀଙ୍କୁ ସାର ନାହିଁ, ମଣ୍ଡି ଖୋଲୁନାହିଁ, ଟୋକନ ମିଳୁନାହିଁ
- ଯୁବ ସମାଜ ହତାଶ, ମିଶନଶକ୍ତି ମା'ମାନେ ହଇରାଣ
- ଆଇନଶୃଙ୍ଖଳା ଶୋଚନୀୟ, ବୃଦ୍ଧି ପାଇଛି ମହିଳା ହିଂସା

**ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର**

- ୨୦୦୦ରୁ ୨୦୨୪ ଓଡ଼ିଶା ବିକାଶ ଇତିହାସର ସୁବର୍ଣ୍ଣଯୁଗ
- ସେବା, ସଂଗ୍ରାମ ଓ ସ୍ୱାଭିମାନ ହେଉଛି ବିଜେଡିର ମୂଳମନ୍ତ୍ର
- ଯୁବବର୍ଗମାନେ ଦଳର ସମ୍ପତ୍ତି; ଅପପ୍ରଚାରର ମୁକାବିଲା ଆହ୍ୱାନ
- ଆହ୍ୱାନକୁ ସୁଯୋଗରେ ପରିଣତ କରିବାକୁ କର୍ମୀଙ୍କୁ ପରାମର୍ଶ

■ ଭୁବନେଶ୍ୱର, ୨୬ା୧୨ (ସମିସ): ସେବା, ସଂଗ୍ରାମ, ସ୍ୱାଭିମାନ ହେଉଛି ବିଜେଡିର ମୂଳମନ୍ତ୍ର। କିଛି ଲୋକ ବିଜେଡି ବିରୋଧରେ ଅପପ୍ରଚାର କରୁଛନ୍ତି, ଦଳ ଭାଙ୍ଗିଯିବ ବୋଲି ଗୁଜବ ସୃଷ୍ଟି କରାଯାଉଛି। ମାତ୍ର ବିଜେଡି ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଶାବାସୀଙ୍କ ଆଶା, ଆକାଂକ୍ଷା ସହ ସହ ଜଡ଼ିତ। ଏବେ ବିଜେଡି ଅଛି, ଭବିଷ୍ୟତରେ ବି ରହିବ। ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ବିଜେଡି ଓଡ଼ିଶାବାସୀଙ୍କ ସ୍ୱର ଭାବରେ କାର୍ଯ୍ୟ କରିବ ବୋଲି ଦଳର ୨୯ତମ ପ୍ରତିଷ୍ଠା ଦିବସରେ କହିଛନ୍ତି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ।

ଶଙ୍ଖଭବନରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ନବୀନ କହିଛନ୍ତି ଯେ ଗଣତନ୍ତ୍ରରେ ହାରଜିତ ରହିଛି। ମାତ୍ର ଏବେ କିଛି ଲୋକ ବିଜେଡିକୁ ନେଇ ଅପପ୍ରଚାର କରୁଛନ୍ତି; କିନ୍ତୁ ସେମାନେ ଜାଣି ରଖିବା ଉଚିତ ଯେ ବିଜୁ ଜନତା ଦଳ ଜଣେ କିମ୍ବା ଦୁଇଜଣ ନେତାଙ୍କର ନୁହେଁ। ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ଲଢ଼େଇରୁ ବିଜେଡିର ଜନ୍ମ । ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ଦଳ; ଏହା ଏକ ଜନ ଆନ୍ଦୋଳନ।

ବିଜୁ ଜନତା ଦଳକୁ ଏକ ସଫଳ ଆଞ୍ଚଳିକ ଦଳ ଭାବରେ ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ୧୯୯୭ ରୁ ବିଜୁବାବୁଙ୍କ ଆଦର୍ଶରେ ବିଜେଡି ଓଡ଼ିଶା ବାସୀଙ୍କ ସେବା କରିଚାଲିଛି। ୨୦୦୦ ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି ଶାସନ ଥିଲା ଓଡ଼ିଶା ବିକାଶ ଇତିହାସର ସୁବର୍ଣ୍ଣ ଯୁଗ। ଆମେ ଦାରିଦ୍ର୍ୟ, କ୍ଷୁଧା, ଶିଶୁ ମୃତ୍ୟୁ ଓ ପ୍ରାକୃତିକ ବିପତ୍ତି ସହ ଲଢ଼ିଛୁ; ସଫଳ ମଧ୍ୟ ହୋଇଛୁ। ଓଡ଼ିଶାକୁ ନୂଆ ପରିଚୟ ଦେଇଛୁ, ମା' ମାନଙ୍କୁ ସଶକ୍ତ କରିଛୁ। ଚାଷୀଙ୍କ ରୋଜଗାର ବୃଦ୍ଧି କରିଛୁ। ବିଏସ୍‌କେୱାଇ ପରି ମାଗଣା ସ୍ୱାସ୍ଥ୍ୟ ସେବା ଦେଇଛୁ। ରାଜ୍ୟକୁ ପୁଞ୍ଜି ଆଣିଛୁ। ଯୁବ ସମାଜକୁ ନିଯୁକ୍ତି ଦେଇଛୁ। ଓଡିଶାକୁ ବିଜେଡି ସରକାର ନୂଆ ପରିଚୟ ଦେଇଛି ବୋଲି ନବୀନ କହିଛନ୍ତି।



ଏହି ଅବସରରେ ନବୀନ ବର୍ତ୍ତମାନର ବିଜେପି ସରକାରକୁ କଠୋର ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ଏବେ ଡବଲ ଇଞ୍ଜିନ ସରକାର ଚାଲିଛି। କିନ୍ତୁ ବିକାଶ କାହିଁ କାହିଁ? ଏବେ ଚାଷୀକୁ ସାର ମିଳୁନି। ଧାନ ବିକ୍ରି ପାଇଁ ମଣ୍ଡି ଖୋଲୁନି। ମିଶନ ଶକ୍ତି ମା' ମାନେ ହଇରାଣ ହେଉଛନ୍ତି। ଯୁବ ସମାଜ ହତାଶ। ଅଠର ମାସରେ ଅଠର ଥର ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେଲାଣି। ଆଇନ ଶୃଙ୍ଖଳା କଥା ନ କହିବା ଭଲ। ମହିଳା ମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି। ଏପରିକି ଛୋଟ ଛୋଟ ଝିଅ ମାନେ ମଧ୍ୟ ନିରାପଦ ନୁହନ୍ତି। ରାଜ୍ୟରେ ଏକ ସରକାର ଥିବା ପରି ଅନୁଭବ ହେଉ ନାହିଁ ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଛନ୍ତି।

ପୃଷ୍ଠା-୭

# ଓଡ଼ିଶାରେ ବିଷ ବାୟୁ

## ବେଶି ଦୂର ନୁହେଁ ଦିଲ୍ଲୀ ଭଳି ଯନ୍ତ୍ରଣା

- ବାଲେଶ୍ୱରର ବାୟୁ ସବୁଠୁ ଅଧିକ ପ୍ରଦୂଷିତ
- ଅଧିକାଂଶ ସହରର ଏକ୍ୟୁଆଇ ୩୦୦ ଉପରେ
- ପ୍ରାତଃ-ସାନ୍ଧ୍ୟ ଭ୍ରମଣ ପାଇଁ ବିଶେଷଜ୍ଞଙ୍କ ବାରଣ



■ ଭୁବନେଶ୍ୱର, ୨୬ା୧୨ (ସମିସ): ସୁସ୍ଥ ବାୟୁ ଓ ସବୁଜିମା ପାଇଁ ଦେଶରେ ଏକ ଉତ୍ତମ ରାଜ୍ୟ ଭାବେ ପରିଗଣିତ ହେଉଥିବା ଓଡ଼ିଶା ଏବେ ବିଷ ବଳୟ ପାଲଟିଛି। ଜଳରେ ଜହର ସାଙ୍ଗକୁ ଏବେ ପବନ ବି ବିଷ ପାଲଟିଛି। ରାଜ୍ୟରେ ବାୟୁର ମାନ ଏବେ କମିକମି ଚାଲିଛି ଓ ଏକ୍ୟୁଆଇ (ଏୟାର କ୍ୱାଲିଟି ଇଣ୍ଡେକ୍ସ) ଖରାପ ହେବାରେ ଲାଗିଛି। ପୂର୍ବରୁ ଅନୁଗୋଳ, ରାଉରକେଲା ଓ ତାଳଚେର ପରି ଶିଳ୍ପାଞ୍ଚଳ ପ୍ରଦୂଷିତ ସହର ମାନ୍ୟତା ପାଉଥିଲା; ମାତ୍ର ଏବେ ଉପାନ୍ତ ଓ ଉପକୂଳ ସବୁ ଅଞ୍ଚଳ ବାୟୁ ପ୍ରଦୂଷଣର ଶିକାର ହୋଇଛି। ଶୁକ୍ରବାର କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଦେଶର ଅତି ଖରାପ ସ୍ଥିତିଥିବା ଦେଶର ୧୬ ସହର ମଧ୍ୟରେ ଓଡ଼ିଶାର ୩ଟି ସହର ସାମିଲ ହୋଇଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ବାଲେଶ୍ୱର ବର୍ତ୍ତମାନ ରାଜ୍ୟର ସବୁଠୁ ପ୍ରଦୂଷିତ ସହରରେ ପରିଣତ ହେବାକୁ ବସିଛି।

ପୃଷ୍ଠା-୭

# 'ଭାରତ ରତ୍ନ', 'ପଦ୍ମ' ସମ୍ମାନ କୌଣସି ଉପାଧି ନୁହେଁ

**ବମ୍ବେ ହାଇକୋର୍ଟଙ୍କ ରାୟ**

**ନାମର ଆଗ-ପଛରେ ଏହାକୁ ଲଗାଇବା ଆଇନ ଦୃଷ୍ଟିରୁ ଭୁଲ୍**

■ ମୁମ୍ବାଇ, ୨୬ା୧୨ (ଏଜେନ୍ସି): ଭାରତ ରତ୍ନ, ପଦ୍ମଶ୍ରୀ, ପଦ୍ମ ଭୂଷଣ, ପଦ୍ମ ବିଭୂଷଣ ଭଳି ନାଗରିକ ସମ୍ମାନ କୌଣସି ଉପାଧି ନୁହେଁ। ତେଣୁ ଏହାକୁ କାହାର ନାମ ଆଗରେ କିମ୍ବା ପଛରେ ଲଗା ଯାଇପାରିବ ନାହିଁ ବୋଲି ବମ୍ବେ ହାଇକୋର୍ଟ କହିଛନ୍ତି। ଏକ ଆବେଦନରେ ମାମଲାର ଶୀର୍ଷକରେ 'ପଦ୍ମଶ୍ରୀ' ଲେଖା ଯାଇଥିବା ଉପରେ ଚିନ୍ତା ପ୍ରକଟ କରି କୋର୍ଟ ଏହି ରାୟ ଦେଇଛନ୍ତି। ଜଷ୍ଟିସ ସମଶେଖର ସୁନ୍ଦରେସନଙ୍କ ଖଣ୍ଡପୀଠ ଗତ ବୁଧବାର ଏହି ମାମଲାର ଶୁଣାଣି କରିଥିଲେ। ଏଥିରେ ୨୦୦୪ରେ ପଦ୍ମଶ୍ରୀ ସମ୍ମାନ ପାଇଥିବା ଡ. ଶରଦ ମୋରେଶ୍ୱର ହାର୍ଡିକର ମଧ୍ୟ ପକ୍ଷଭୁକ୍ତ ଅଛନ୍ତି। ମାମଲା ଶୀର୍ଷକରେ ତାଙ୍କ ନାମ ପଦ୍ମଶ୍ରୀ ଡ. ଶରଦ ମୋରେଶ୍ୱର

ପୃଷ୍ଠା-୭



# ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମ ନିଷିଦ୍ଧ ହେଉ: ମାଡ୍ରାସ ହାଇକୋର୍ଟ

ଚେନ୍ନଇ, ୨୬।୧୨(ଏଜେନ୍ସି): ମାଡ୍ରାସ ହାଇକୋର୍ଟ ଶୁକ୍ରବାର ସାମାଜିକ ଗଣମାଧ୍ୟମ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମଗୁଡ଼ିକ ନିଷିଦ୍ଧ ହେବା ଉଚିତ। ଅଷ୍ଟ୍ରେଲିଆରେ ଏହି ନିୟମ ଲାଗୁ ହୋଇଛି। ଏବେ ଭାରତରେ ଏହାକୁ ଲାଗୁ କରିବାର ଆବଶ୍ୟକତା ରହିଛି ବୋଲି କୋର୍ଟ କହିଛନ୍ତି। ଏ ସଂକ୍ରାନ୍ତରେ ଗୁରୁତର ସହ ବିଚାର କରିବା ଉଚିତ ବୋଲି କୋର୍ଟ କହିଛନ୍ତି। ମଦୁରାଇ ହାଇକୋର୍ଟର ବିଚାରପତି ଜି ଜୟଚନ୍ଦ୍ରନ ଓ କେକେ ରାମକୃଷ୍ଣନଙ୍କ ବେଞ୍ଚ୍ ନାବାଳକମାନଙ୍କ ପାଇଁ ଅନଲାଇନ୍‌ରେ ପର୍ଣ୍ଣୋଗ୍ରାଫିକ୍ ବିଷୟବସ୍ତୁ ସହଜରେ ଉପଲବ୍ଧ ହେଉଥିବା ନେଇ ଦାଏର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହି ମନ୍ତବ୍ୟ ଦେଇଛନ୍ତି। ଆବେଦନକାରୀ ଏସ ବିଜୟକୁମାରଙ୍କ ଓକିଲ କେପିଏସ୍ ପାଲନେଭେଲ ରାଜନ ଅଷ୍ଟ୍ରେଲିଆରେ ଜାରି ହୋଇଥିବା ନିୟମର ଉଦାହରଣ ଦେଇଥିଲେ। ଇଣ୍ଟରନେଟ ସେବା ପ୍ରଦାନକାରୀ (ଆଇଏସ୍‌ପି)ଙ୍କ ଉପରେ କଡ଼ା ନିୟମ ଲାଗୁ କରିବାକୁ କୋର୍ଟ ସୁପାରିସ କରିଛନ୍ତି। ପିଲାମାନଙ୍କ ଅନ୍‌ଲାଇନ କାର୍ଯ୍ୟକଳାପ ଉପରେ ଅଭିଭାବକ ତଥା ପିତାମାତାଙ୍କ ନିୟନ୍ତ୍ରଣ ରହିବା ବାଧ୍ୟତାମୂଳକ ହେବା ଉଚିତ ବୋଲି କୋର୍ଟ କହିଛନ୍ତି। ଏହି ମାମଲା ଏକ ପୁରୁଣା ଆବେଦନ ସହିତ ଜଡ଼ିତ। ଅନେକ ସମୟରେ ଛୋଟପିଲାଙ୍କୁ ଇଣ୍ଟରନେଟ୍‌ରେ ଅଶ୍ଳୀଳ କଣ୍ଟେଣ୍ଟ ସହଜରେ ମିଳିଯାଉଛି। ଏହାକୁ ରୋକିବା ପାଇଁ ଉଚିତ ବ୍ୟବସ୍ଥା ନାହିଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା।

ଉଲ୍ଲେଖଥାଉ କି, ଅଷ୍ଟ୍ରେଲିଆରେ ଡିସେମ୍ବର ୯ରୁ ୧୬ ବର୍ଷରୁ କମ୍ ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଆକାଉଣ୍ଟ ତିଆରି କରିବାକୁ ନିଷେଧ କରିଛି।



ବିଶ୍ୱର ପ୍ରଥମ ଦେଶ ଭାବେ ଅଷ୍ଟ୍ରେଲିଆ ଏହି ନିୟମ ଲାଗୁ କରିଛି। ଏଥିପାଇଁ ଅଷ୍ଟ୍ରେଲିଆ ଗତବର୍ଷ 'ଅନ୍‌ଲାଇନ୍ ସେଫ୍ଟି ଆମେଣ୍ଡମେଣ୍ଟ ବିଲ୍' ଆଗତ କରିଥିଲା। ଏଥିରେ ୧୬ ବର୍ଷରୁ କମ୍ ପିଲା ଟିକ୍‌ଟକ, ଏକ୍ସ, ଫେସବୁକ, ଇନ୍‌ଷ୍ଟାଗ୍ରାମ, ସ୍ନାପଚାଟ, ୟୁଟ୍ୟୁବ ଭଳି ସାମାଜିକ ଗଣମାଧ୍ୟମଗୁଡ଼ିକଠାରୁ ଦୂରେଇ ରଖିବାର ବ୍ୟବସ୍ଥା କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଭାରତରେ ୯୬ ପ୍ରତିଶତ ୧୦ରୁ ୧୫ ବର୍ଷର ପିଲା ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିଛନ୍ତି। ଏ ପର୍ଯ୍ୟନ୍ତ ଭାରତରେ ସାମାଜିକ ଗଣମାଧ୍ୟମ ନେଇ କୌଣସି ଆଇନ୍ ଜାରି ହୋଇନାହିଁ।

# ଏସ୍‌ଆଇଆର୍: ଉତ୍ତର ପ୍ରଦେଶରୁ ହଟିଲେ ୨.୮୯ କୋଟି ଭୋଟର

ଲକ୍ଷ୍ନୌ, ୨୬।୧୨ (ଏଜେନ୍ସି): ଉତ୍ତର ପ୍ରଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସଆଇଆର) ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଯାଇଛି। ରାଜ୍ୟରୁ ୨.୮୯ କୋଟି ଭୋଟରଙ୍କ ନାମ କାଟି ଦିଆଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ନବଦୀପ ରିଣ୍ୱା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏସଆଇଆର ହେବା ପୂର୍ବରୁ ରାଜ୍ୟରେ ୧୫ କୋଟି ୪୪ ଲକ୍ଷ ଭୋଟର ଥିଲେ। ପ୍ରଥମ ପର୍ଯ୍ୟାୟ ଫର୍ମ ଜମା ଏବଂ ଡିଜିଟାଲାଇଜେସନ କାମ ଆଜି ସମ୍ପୂର୍ଣ୍ଣ ହୋଇଛି। ଏ ପର୍ଯ୍ୟନ୍ତ ୨.୮୯ କୋଟି ଭୋଟର କମ୍ ହେଲେଣି। ଚୂଡ଼ାନ୍ତ ଚିଠା ତାଲିକା ୩୧ ତାରିଖରେ ଜାରି କରାଯିବ।

ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୧.୨୬ କୋଟି ଭୋଟର ରାଜ୍ୟ ବାହାରକୁ ସ୍ଥାନାନ୍ତର ହୋଇଯାଇଛନ୍ତି। ୪୫.୯୫ ଲକ୍ଷ ଭୋଟରଙ୍କ ମୃତ୍ୟୁ ହୋଇସାରିଛି। ୨୩.୩୨ ଲକ୍ଷ ନକଲି ଭୋଟର ଜଣାପଡ଼ିଛନ୍ତି। ୮୪.୨୦ ଲକ୍ଷ ନିଖୋଜ ଅଛନ୍ତି। ୯.୩୭ ଲକ୍ଷ ଫର୍ମ ଜମା କରିନାହାନ୍ତି। ଉତ୍ତର ପ୍ରଦେଶରେ ୧୫ ଦିନ ସମୟ ବଢ଼ିବାରୁ ଭୋଟର ସଂଖ୍ୟା ପ୍ରାୟ ୨ ଲକ୍ଷ ବୃଦ୍ଧି ପାଇଛି। ଏହା ପୂର୍ବରୁ ୧୧ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଏସଆଇଆର ତାଲିକା ଜାରି ହୋଇସାରିଛି। ଏହି ସବୁ ରାଜ୍ୟରୁ ୩.୬୯ କୋଟି ଭୋଟରଙ୍କୁ ବାଦ ଦିଆଯାଇଛି। ଏମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶର ୪୨.୭୪ ଲକ୍ଷ, ଛତିଶଗଡ଼ର ୨୭.୩୪ ଲକ୍ଷ, କେରଳର ୨୪.୦୮ ଲକ୍ଷ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜର ୩.୧୦ ଲକ୍ଷ, ପଶ୍ଚିମବଙ୍ଗରୁ ୫୮.୨୦ ଲକ୍ଷ, ରାଜସ୍ଥାନରୁ ୪୧.୮୫ ଲକ୍ଷ, ଗୋଆରୁ ୧୧.୮୫ ଲକ୍ଷ, ପୁଡୁଚେରିରୁ ୧.୦୩ ଲକ୍ଷ, ଲାକ୍ଷାଦ୍ୱୀପରୁ ୧୬୧୬, ତାମିଲନାଡୁରୁ ୯୭ ଲକ୍ଷ ଏବଂ ଗୁଜରାଟରୁ ୭୩ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଥିଲା।

● ୧୧ ରାଜ୍ୟରୁ କଟିଥିଲା ୩.୬୯ କୋଟି ନାମ

# ଆସାମରେ ଥମୁନି ହିଂସା

## କାର୍ବି ଆଙ୍ଗଲଙ୍ଗରେ ହିଂସା ଜାରି; ୧୧ ହଜାର ଲୋକ ଗୃହବନ୍ଦୀ

ୱେଷ୍ଟ କାର୍ବି ଆଙ୍ଗଲଙ୍ଗ୍, ୨୬।୧୨(ଏଜେନ୍ସି): ଆସାମର ୧୨ ଲକ୍ଷ ଲୋକସଂଖ୍ୟା ବିଶିଷ୍ଟ ସ୍ୱୟଂଶାସିତ କାର୍ବି ଆଙ୍ଗଲଙ୍ଗ ଜିଲ୍ଲାରେ ଏବେ ଲୋକଙ୍କ ମନ ଓ ହୃଦୟକୁ ଭୟ କବଳିତ କରିଛି। ସମସ୍ତଙ୍କ ମନରେ ହିଂସା ଓ ଆତଙ୍କର ଭୟ ରହିଛି। ଲୋକଙ୍କ ଘରେ ରୋଷେଇ ବନ୍ଦ ରହିଛି। ବଜାର ସହ ଇଣ୍ଟରନେଟ ସେବା ମଧ୍ୟ ବନ୍ଦ ରହିଛି। ୧୧, ୦୦୦ ଲୋକ ଘରେ ବନ୍ଦୀ ହୋଇ ରହିଛନ୍ତି। ଗତ ଡିସେମ୍ବର ୨୨-୨୩ରେ ସ୍ଥାନୀୟ କାର୍ବି ଆଦିବାସୀ ଓ ବାହାରୁ ଆସି ବସବାସ କରୁଥିବା ଲୋକଙ୍କ ମଧ୍ୟରେ ହିଂସା ଓ ସଂଘର୍ଷ ସୃଷ୍ଟି ହୋଇଥିଲା। ଏଥିରେ ଦୁଇଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୫୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ ୬୦ ପୁଲିସ କର୍ମଚାରୀ ସାମିଲ ଥିଲେ। ଭିନ୍ନକ୍ଷମ ବ୍ୟକ୍ତି ସୁରଜ ଦେଙ୍କୁ ଭିଡ଼ି ଜିଅନ୍ତା ଜାଳି ଦେଇଥିଲେ।

ଜିଲ୍ଲାରେ ସଂଘର୍ଷ କେନ୍ଦ୍ରୀଭୂତ ହୋଇଥିବା ୧୨ଟି ଗାଁରେ ଭୟର ବାତାବରଣ ଜାରି ରହିଛି। ଏହି ଗାଁଗୁଡ଼ିକରେ ଆସାମ ପୁଲିସ, ରାପିଡ ଆକ୍ସନ ଫୋର୍ସ (ଆରଏଏଫ୍), ସେଣ୍ଟ୍ରାଲ ରିଜର୍ଭ ପୁଲିସ ଫୋର୍ସ (ସିଆରପିଏଫ୍) ଓ ଭାରତୀୟ ସେନାର ଯବାନମାନଙ୍କୁ ମୁତୟନ କରାଯାଇଛି। କାର୍ବି ଆଦିବାସୀ ସଂଗଠନଗୁଡ଼ିକ ଦାବି କରିଛନ୍ତି ଯେ, ତାଙ୍କର ଜନସଂଖ୍ୟା କମିବାର ଲାଗିଛି ଓ ଏବେ ଏହା ୩୫ ପ୍ରତିଶତରେ ପହଞ୍ଚିଛି। ବାକି ୬୫ ପ୍ରତିଶତ ଜନସଂଖ୍ୟା ବାହାରର ବୋଲି ସେମାନେ ଦାବି କରିଛନ୍ତି। ଏହି ଲୋକମାନେ ନେପାଳ, ଉତ୍ତରପ୍ରଦେଶ ଓ ବିହାରର ହିନ୍ଦୀ ଭାଷା କହୁଛନ୍ତି। ଯେଉଁ ଗାଁରେ ବିବାଦ ହୋଇଛି ସେ ଗାଁର ଲୋକସଂଖ୍ୟା ୧୧ ହଜାର। ଉଲ୍ଲେଖଥାଉ କି, କାର୍ବି ଆଙ୍ଗଲଙ୍ଗ ଭାରତୀୟ ସମ୍ବିଧାନର ଷଷ୍ଠ ଅନୁସୂଚୀ ଅନୁସାରେ ଗଠିତ ଏକ ସ୍ୱାୟତଶାସନ ଅଞ୍ଚଳ। ଏଠାକାର ଜମି କାର୍ବି ଆଦିବାସୀଙ୍କ ପାଇଁ ସଂରକ୍ଷିତ ରହିଛି। ୧୯୭୧ରେ କାର୍ବି ଲୋକଙ୍କ ଜନସଂଖ୍ୟା ୬୫ ପ୍ରତିଶତ ଥିଲା। କନ୍ତୁ ୨୦୧୧ରେ ଏହା କମିବା ସହ ୫୬.୩ ପ୍ରତିଶତରେ ପହଞ୍ଚିଛି। ଖେରାନୀ ଭଳି ବଜାରରେ ବ୍ୟବସାୟ ଓ ବସତି ଏବେ ମୁଖ୍ୟତଃ ହିନ୍ଦୀ ଭାଷାଭାଷୀ ଲୋକଙ୍କ ନିୟନ୍ତ୍ରଣରେ ରହିଛି। ପଶ୍ଚିମ କାର୍ବି ଆଙ୍ଗଲଙ୍ଗ ଜିଲ୍ଲାର ଆଦିବାସୀ ଅଞ୍ଚଳରେ ଗାଁ, ଗୋଚର ଓ ବୃତ୍ତିଗତ ଚରିବା ସଂରକ୍ଷଣ ଜମିରେ ହିନ୍ଦୀ ଭାଷାଭାଷୀ ଲୋକଙ୍କ ଜବରଦଖଲ ଅଭିଯୋଗକୁ ନେଇ କାର୍ବି ଓ ବିହାରୀ ସମ୍ପ୍ରଦାୟ ମଧ୍ୟରେ ବିବାଦ ରହିଛି। ଜିଲ୍ଲାର ୭, ୧୮୪ ବିଘାରୁ ଅଧିକ ସଂରକ୍ଷିତ ଜମି ବାହାର ଲୋକଙ୍କ କବ୍‌ଜାରେ ରହିଛି। ଏହାକୁ ନେଇ ସଂଘର୍ଷ ଆରମ୍ଭ ହୋଇଥିଲା। ଏବେ ଏହା ବିସ୍ଫୋରଣ ରୂପ ନେଇଛି। ଆଇନଶୃଙ୍ଖଳା ନିୟନ୍ତ୍ରଣକୁ ଆଣିବାକୁ ରାଜ୍ୟ ସରକାର କଡ଼ା ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି।



# ବାଂଲାଦେଶ ହିଂସା: ଉଦ୍‌ବେଗ ଜଣାଇଲା ଭାରତ

ଢାକା, ୨୬।୧୨ (ଏଜେନ୍ସି): ସାଧାରଣ ନିର୍ବାଚନ ଘୁଞ୍ଚାଇବାକୁ ବାଂଲାଦେଶରେ ସରକାରୀ ଷଡ଼ଯନ୍ତ୍ରର ହିଂସା ଜାରି ରହିଥିବାବେଳେ ପୁଣିଥରେ ଭାରତ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ଇନ୍‌କିଲାବ ମଞ୍ଚର ନେତା ସରିଫ ଉସମାନ ହାଦିଙ୍କ ହତ୍ୟାକୁ ବିରୋଧ ଏବଂ ନ୍ୟାୟ ଦାବିରେ ଢାକାର ସାହବାଗ ଅଞ୍ଚଳରେ ବିକ୍ଷୋଭ କରାଯାଇଛି। ଏହି ସମୟରେ ଭାରତ ବିରୋଧୀ ସ୍ଲୋଗାନ ଦିଆଯାଇଛି। ଜୁମାର ନମାଜ ପରେ ଢାକା ୟୁନିଭର୍ସିଟିରେ ପ୍ରସେସନ ବାହାର କରାଯାଇଥିଲା। ଏହା ଶାହବାଗ ପହଞ୍ଚିବା ପରେ ଧାରଣା ପ୍ରଦର୍ଶନରେ ବଦଳି ଯାଇଥିଲା। 'ମୁଁ ହାଦି' ସ୍ଲୋଗାନ ଦିଆଯାଇଥିଲା। ବିକ୍ଷୋଭକାରୀ ରାସ୍ତା ଜାମ କରି ଯାତାୟତକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ। ଇନ୍‌କିଲାବ ମଞ୍ଚ ପକ୍ଷରୁ କୁହାଯାଇଛି ଯେ ହାଦିଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ସୂଚନାଯୋଗ୍ୟ ଯେ ଗତ ବର୍ଷ ଜୁଲାଇରେ ଏହି ୟୁନିଭର୍ସିଟିରୁ ଆନ୍ଦୋଳନର ରଣନୀତି ପ୍ରସ୍ତୁତ କରାଯାଇଥିଲା।

■ ହିନ୍ଦୁଙ୍କ ଉପରେ ଆକ୍ରମଣ ଚିନ୍ତାର ବିଷୟ
■ ଦୀପୁ ଦାସ ହତ୍ୟା ମାମଲାରେ ଆଉ ୬ ଗିରଫ
■ ଢାକାରେ ହିନ୍ଦୁ ସଂଗଠନର ବିକ୍ଷୋଭ ପ୍ରଦର୍ଶନ




ଅନ୍ୟପକ୍ଷରେ ବାଂଲାଦେଶରେ ଜାରି ହିଂସା ଏବଂ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣକୁ ନେଇ ଭାରତ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି। ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ କହିଛନ୍ତି ଯେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କ ନିର୍ମମ ହତ୍ୟାକୁ ଅଣଦେଖା କରିହେବ ନାହିଁ। ହିନ୍ଦୁ ଯୁବକଙ୍କ ହତ୍ୟାକୁ ଭାରତ ନିନ୍ଦା କରୁଛି। ଅପରାଧୀଙ୍କୁ ଶୀଘ୍ର ଦଣ୍ଡ ମିଳିବ ବୋଲି ଆଶା। ସେହିପରି ବାଂଲାଦେଶରେ ପ୍ରଚାରପ୍ରସାର କରାଯାଉଥିବା ଭାରତ ବିରୋଧୀ ମିଛକୁ ଜୟସ୍ୱାଲ ଖାରଜ କରିଦେଇଛନ୍ତି। ଆଇନ ବ୍ୟବସ୍ଥା ଏବଂ ସୁରକ୍ଷା ବଜାୟ ରଖିବା ବାଂଲାଦେଶର କାମଚଳା ସରକାରଙ୍କ ଦାୟିତ୍ୱ। ଏହି ସରକାର ସମୟରେ ସଂଖ୍ୟାଲଘୁଙ୍କ ବିରୋଧରେ ୨୯୦୦ରୁ ଅଧିକ ହିଂସା ଘଟଣା ରୁଜୁ କରାଯାଇଛି। ଏ ସବୁକୁ ରାଜନୈତିକ ହିଂସା କହି ଖାରଜ କରାଯାଇପାରିବ ନାହିଁ। ବାଂଲାଦେଶ ଲୋକଙ୍କ ସହ ସମ୍ପର୍କ ମଜବୁତ କରିବାକୁ ଭାରତ ପ୍ରତିବଦ୍ଧ। ଏହି ଦେଶରେ ନିରପେକ୍ଷ ଏବଂ ସ୍ୱାଧୀନ ନିର୍ବାଚନ ପାଇଁ ଆମେ ଦାବି କରି ଆସୁଛୁ। ବାଂଲାଦେଶ ସ୍ଥିତି ଉପରେ ବିଦେଶ ମନ୍ତ୍ରାଳୟ ତୀକ୍ଷଣ ନଜର ରଖିଛି। ସେଠାକାର ଅଧିକାରୀ ନିକଟରେ ଏହି ପ୍ରସଙ୍ଗ ଉଠାଯାଉଛି।

ଏହା ମଧ୍ୟରେ ବାଂଲାଦେଶରେ ଦୀପୁଙ୍କୁ ପିଟି ପିଟି ଜିଅନ୍ତା ଜାଳିଦେବା ମାମଲାରେ ପୁଲିସ ଆଉ ୬ ଜଣଙ୍କୁ ଗିରଫ କରିଛି। ମୟମନସିଂହ ଜିଲ୍ଲା ଭାଲୁକା ଅଞ୍ଚଳରେ ଚଢ଼ଉ ସମୟରେ ସେମାନଙ୍କୁ ଧରା ଯାଇଥିଲା। ଏହି ମାନେ ଦୀପୁଙ୍କୁ ଚାକିରି ଛାଡ଼ିବା ପାଇଁ ବାଧ୍ୟ କରୁଥିଲେ। ଏ ପର୍ଯ୍ୟନ୍ତ ଏହି ହତ୍ୟାକାଣ୍ଡରେ ୧୮ ଜଣଙ୍କୁ ଗିରଫ କରାଗଲାଣି। ଦୀପୁଙ୍କ ହତ୍ୟାକୁ ବିରୋଧ କରି ହିନ୍ଦୁ ସଂଗଠନ 'ନ୍ୟାସନାଲ ହିନ୍ଦୁ ମହାଜୋଟ' ଢାକାର ନ୍ୟାସନାଲ ପ୍ରେସ କ୍ଲବ ବାହାରେ ବିକ୍ଷୋଭ କରିଛି। ହତ୍ୟାକାରୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରାଯାଇଛି।

# କେରଳରେ ପ୍ରଥମଥର ପାଇଁ ବିଜେପି ମେୟର

ତିରୁଅନନ୍ତପୁରମ, ୨୬।୧୨(ଏଜେନ୍ସି): କେରଳରେ ପ୍ରଥମଥର ପାଇଁ ଜଣେ ବିଜେପି ସଦସ୍ୟ ମେୟର ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ତିରୁଅନନ୍ତପୁରମ ନଗର ନିଗମ ନିର୍ବାଚନରେ ବିଜେପିର ୫୦ ବର୍ଷୀୟ ଆଇନଜୀବୀ ଭିଭି ରାଜେଶ ଜଣେ ସ୍ୱାଧୀନ କାଉନସିଲରଙ୍କ ସମର୍ଥନ ସହ ମୋଟ୍ ୫୧ଟି ଭୋଟ ହାସଲ କରି ବାଜି ମାରିଛନ୍ତି। ଏଥିସହ କେରଳ ରାଜନୀତି ଏକ ନୂଆ ମୋଡ଼ରେ ପହଞ୍ଚିଛି ବୋଲି ଚର୍ଚ୍ଚା ହେଉଛି। ବାମ ଗଣତାନ୍ତ୍ରିକ ମୋର୍ଚ୍ଚା (ଏଲଡିଏଫ୍) ପ୍ରାର୍ଥୀ ୨୯ଟି ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ସେହିପରି ୟୁଡିଏଫ୍ ପ୍ରାର୍ଥୀ କେଏସ୍ ସାବରୀନାଥନ ୧୯ ଭୋଟ ପାଇଥିଲେ। ଏଥିରୁ ଦୁଇଟି ଭୋଟ ନାକଚ୍ ହୋଇଥିଲା। ବିଜେପି ୬ଟି ନଗର ନିଗମ ନିର୍ବାଚନରୁ ମାତ୍ର ଗୋଟିଏରେ ବିଜୟ ହାସଲ କରିବାକୁ ସକ୍ଷମ ହୋଇଛି। ଏହା ସତ୍ତ୍ୱେ ବିଜେପି ପାଇଁ ଏହାକୁ ଏକ ବଡ଼ ସଫଳତା ବିବେଚନା କରାଯାଉଛି। ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ତିରୁଅନନ୍ତପୁରମ ମେୟର ପଦବୀ ପାଇଁ ପୂର୍ବତନ ଆଇପିଏସ୍ ଅଧିକାରୀ ଆର ଶ୍ରୀଲେଖା ଦୌଡ଼ରେ ସର୍ବାଗ୍ରେ ଥିଲେ। କିନ୍ତୁ ଦଳ ଭିଭି ରାଜେଶଙ୍କୁ ହିଁ ମେୟର ପଦ ପାଇଁ ଚୂଡ଼ାନ୍ତ କରିଥିଲା।

■ ତିରୁଅନନ୍ତପୁରମରେ ଭିଭି ରାଜେଶ ନିର୍ବାଚିତ
■ ୪ ଦଶନ୍ଧି ଧରି ବାମମେଣ୍ଟ କ୍ଷମତାରେ ଥିଲା



ଡିସେମ୍ବର ୨ରେ ତିରୁଅନନ୍ତପୁରମ ନଗର ନିଗମ ନିର୍ବାଚନର ୧୦୧ଟି ୱାର୍ଡର ଫଳାଫଳ ଘୋଷଣା କରାଯାଇଥିଲା। ଏଥିରେ ବିଜେପି ୫୦, ଏଲଡିଏଫ୍ ୨୯ ଓ ୟୁଡିଏଫ୍ ୧୯ଟି ଆସନରେ ବିଜୟୀ ହୋଇଥିଲା। ଏଠାରେ ଏଲଡିଏଫ୍ ଗତ ୪୫ ବର୍ଷ ଧରି କ୍ଷମତାରେ ରହିଆସୁଥିଲା। ତିରୁଅନନ୍ତପୁରମ କଂଗ୍ରେସ ବରିଷ୍ଠ ନେତା ତଥା ସାଂସଦ ଶଶି ଥରୁରଙ୍କ ଗଡ଼ ଭାବେ ବିବେଚନା କରାଯାଏ। ଉଲ୍ଲେଖଥାଉ କି, କେରଳର ୧, ୧୯୯ଟି ସ୍ଥାନୀୟ ସଂସ୍ଥା ପାଇଁ ନିର୍ବାଚନ ଡିସେମ୍ବର ୯ ଓ ୧୧ରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୬ଟି ନିଗମ, ୮୬ଟି ପୌରପାଳିକା, ୧୪ଟି ଜିଲ୍ଲା ପରିଷଦ ଓ ୯୪୧ଟି ଗ୍ରାମପଞ୍ଚାୟତ ସାମିଲ ଥିଲା।

# ପାକିସ୍ତାନର ପରମାଣୁ ଅସ୍ତ୍ର ବିଶ୍ୱ ପାଇଁ ବିପଦ

ନୂଆଦିଲ୍ଲୀ, ୨୬।୧୨(ଏଜେନ୍ସି): ପାକିସ୍ତାନର ପରମାଣୁ ଅସ୍ତ୍ର ସାରା ବିଶ୍ୱପ୍ରତି ବିପଦ ସୃଷ୍ଟି କରିଛି। ଏନେଇ ବିଶ୍ୱ ନେତୃତ୍ୱରେ ବାରମ୍ବାର ପରୋକ୍ଷରେ ଚର୍ଚ୍ଚା ଓ ଆଲୋଚନା ହୋଇ ଆସୁଛି। କିନ୍ତୁ ୨୪ ବର୍ଷ ତଳେ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏ ନେଇ ଚିନ୍ତା ପ୍ରକଟ କରିଥିବା କଥା ଏବେ ସାମ୍ନାକୁ ଆସିଛି। ୨୦୦୧ରୁ ୨୦୦୮ ମଧ୍ୟରେ ଦୁଇ ଦେଶ ମଧ୍ୟରେ ହୋଇଥିବା କଥାବାର୍ତ୍ତା ଦଲିଲ୍‌ରୁ ଏହି ସୂଚନା ମିଳିଛି। ସୂଚନା ସ୍ୱାଧୀନତା ଆଇନ୍ ଅଧୀନରେ ଆମେରିକୀୟ ଜାତୀୟ ସୁରକ୍ଷା ଅଭିଲେଖାଗାର ଦ୍ୱାରା ଏହି ଦଲିଲଗୁଡ଼ିକ ପ୍ରକାଶିତ ହେବା ପରେ ଏହି ତଥ୍ୟ ସାମ୍ନାକୁ ଆସିଛି। ପରମାଣୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଏକ ଅଗଣତାନ୍ତ୍ରିକ ଦେଶର ଅସ୍ତିତ୍ୱ ବିଶ୍ୱ ସୁରକ୍ଷା ପାଇଁ ବିପଦ ସୃଷ୍ଟିକରିପାରେ ବୋଲି ସେତେବେଳେ ପୁତିନ ହୃଦୟଙ୍ଗମ କରିଥିଲେ।

ପୁତିନ ୨୦୦୧ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶଙ୍କୁ ନିଜର ପ୍ରଥମ ସାକ୍ଷାତରେ ପାକିସ୍ତାନକୁ ନେଇ ନିଜର ଚିନ୍ତା ପ୍ରକଟ କରିଥିଲେ। ପାକିସ୍ତାନର ପରମାଣୁ ଅସ୍ତ୍ର ବିପଦ ସୃଷ୍ଟି କରିଛି ବୋଲି ସେ ବୁଶଙ୍କୁ କହିଥିଲେ। ପ୍ରକୃତରେ ପାକିସ୍ତାନ ଏକ ଗଣତନ୍ତ୍ର ରାଷ୍ଟ୍ରନୁହେଁ। ଏଠାରେ ସେନାର ଶାସନ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବେ ଚାଲିଛି। କିନ୍ତୁ ପାକିସ୍ତାନ ପାଖରେ ପରମାଣୁ ଅସ୍ତ୍ର ରହିଛି। ଏହା ସତ୍ତ୍ୱେ ବି ପାଶ୍ଚାତ୍ୟ ଦେଶଗୁଡ଼ିକ ପାକିସ୍ତାନକୁ ସମାଲୋଚନା କରୁନାହାନ୍ତି ଓ ପରୋକ୍ଷରେ ସମର୍ଥନ କରୁଛନ୍ତି। ତେଣୁ ଏ ନେଇ ଚିନ୍ତା ସୃଷ୍ଟି ହୋଇଛି। ଏନେଇ ଖୋଲାଖୋଲି ଭାବେ ଚର୍ଚ୍ଚା ହେବାର ଆବଶ୍ୟକତା ରହିଛି। ଦୁଇ ନେତା ପାକିସ୍ତାନର ଅଭ୍ୟନ୍ତରୀଣ ପରିସ୍ଥିତି, ରାଜନୈତିକ ଅସ୍ଥିରତା ଓ ପରମାଣୁ କମାଣ୍ଡ ବିଷୟରେ ଚିନ୍ତିତ ଥିଲେ। ସେମାନେ ଭୟ କରୁଥିଲେ ଯେ, ଯଦି ପରିସ୍ଥିତି ଆହୁରି ଖରାପ ହୁଏ, ତେବେ ପରମାଣୁ ପ୍ରଯୁକ୍ତି ବିଦ୍ୟା ଭୁଲ ହାତରେ ପଡ଼ିପାରେ। ଏନେଇ ହୋଇଥିବା ଆଲୋଚନାରେ ପାକିସ୍ତାନର ଅବଦୁଲ କାଦିର ଖାନ୍ ନେଟୱର୍କ, ଇରାନ ଓ ଉତ୍ତରକୋରିଆ ପର୍ଯ୍ୟନ୍ତ ପରମାଣୁ ପଯୁକ୍ତିବିଦ୍ୟା ପହଞ୍ଚିବାର ବିପଦ ଓ ପାକିସ୍ତାନ ପରମାଣୁ ସୁରକ୍ଷା ବ୍ୟବସ୍ଥା ବିଷୟରେ ଚିନ୍ତା ପ୍ରକଟ କରାଯାଇଥିଲା। ଦୁଇ ନେତା ପାକିସ୍ତାନର ପରମାଣୁ ନୀତି ଓ ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ବିଶ୍ୱାସ କରି ନଥିଲେ। ପୁତିନଙ୍କ ଏହି ଚିନ୍ତାକୁ ମଧ୍ୟ ବୁଶ୍ ବୁଝିବା ସହ ହୃଦୟଙ୍ଗମ କରିଥିଲେ ବୋଲି ଦଲିଲ୍‌ରେ ଉଲ୍ଲେଖ କରାଯାଇଛି।



୨୪ ବର୍ଷ ତଳେ ବୁଶଙ୍କୁ ଚେତାବନୀ ଦେଇଥିଲେ ପୁତିନ

# ଦିଲ୍ଲୀ ହାଇକୋର୍ଟ ବାହାରେ ବିକ୍ଷୋଭ

ନୂଆଦିଲ୍ଲୀ, ୨୬। ୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ଉନ୍ନାଓ ଦୁଷ୍କର୍ମ ମାମଲା।ରେ ଆଜୀବନ କାରାଦଣ୍ଡ ପାଇଥିବା ପୂର୍ବତନ ବିଜେପି ବିଧାୟକ କୁଲଦୀପ ସେଙ୍ଗରଙ୍କ ଜାମିନକୁ ଜୋରଦାର ବିରୋଧ କରାଯାଉଛି। ପୀଡ଼ିତା ଏବଂ ତାଙ୍କ ପରିବାର ପ୍ରତି ପୁଲିସ କରିଥିବା ଅତ୍ୟାଚାରକୁ ନିନ୍ଦା କରାଯାଉଛି। ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ବାହାରେ ସାମାଜିକ କର୍ମୀ ଏବଂ ପୀଡ଼ିତାଙ୍କ ମାଆ ହାଇକୋର୍ଟଙ୍କ ରାୟକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦୁଷ୍କର୍ମକାରୀଙ୍କୁ ସୁରକ୍ଷା ଦେବା ବନ୍ଦ କର ବୋଲି ସ୍ଲୋଗାନ ଦେଇଛନ୍ତି। ପୀଡିତାଙ୍କ ଓକିଲ ଯୋଗିତା ଭୟାନୀଙ୍କ ନେତୃତ୍ୱରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଆସୋସିଏସନର ସାମାଜିକ କର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ସିବିଆଇ ମଧ୍ୟ ହାଇକୋର୍ଟଙ୍କ ରାୟକୁ ବିରୋଧ କରି ସୁପ୍ରିମକୋର୍ଟରେ ଶୁକ୍ରବାର ସ୍ପେସିଆଲ ଲିଭ ପିଟିସନ (ଏସଏଲପି) ଦାଏର କରିଥିବା ଜଣାପଡ଼ିଛି।

କୁଲଦୀପଙ୍କ ଜାମିନକୁ ବିରୋଧ




# କାନାଡ଼ା ବିଶ୍ୱବିଦ୍ୟାଳୟରେ ଭାରତୀୟ ଛାତ୍ରଙ୍କୁ ହତ୍ୟା

ଟରୋଣ୍ଟୋ, ୨୬।୧୨(ଏଜେନ୍ସି): କାନାଡ଼ା ଟରଣ୍ଟୋ ବିଶ୍ୱବିଦ୍ୟାଳୟରେ ଜଣେ ୨୦ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଛାତ୍ର ଶିବାଙ୍କ ଅବସ୍ଥିଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଟରଣ୍ଟୋରେ ଏହା ଚଳିତ ବର୍ଷର ୪୧ତମ ହତ୍ୟା। କ୍ୟାମ୍ପସ ନିକଟରେ ଏହି ହତ୍ୟାକାଣ୍ଡ ଘଟିଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ସୁରକ୍ଷା ନେଇ ଆଲର୍ଟ ଜାରି କରାଯାଇଛି। ପୁଲିସ କହିବା ଅନୁସାରେ, ଡିସେମ୍ବର ୨୩ରେ ଦ୍ୱିପହରରେ ହତ୍ୟା ନେଇ ସୂଚନା ମିଳିଥିଲା। ପୁଲିସ ଘଟଣାସ୍ଥଳରେ ହିଁ ଶିବାଙ୍କଙ୍କୁ ଗୁଳି ଲାଗିଥିବା ଅବସ୍ଥାରେ ପାଇଥିଲେ ଓ ତାଙ୍କୁ ମୃତ ବୋଲି ଘୋଷିତ କରିଥିଲା। ପୁଲିସ ଆସିବା ପୂର୍ବରୁ ଆକ୍ରମଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେବାକୁ ପୁଲିସ ଲୋକଙ୍କୁ ନିବେଦନ କରିଛି। ଏଥିସହ ଟରଣ୍ଟୋରେ ଗତ ୩ ଦିନ ମଧ୍ୟରେ ଦୁଇଜଣ ଭାରତୀୟଙ୍କ ହତ୍ୟା କରାଯାଇଛି। ଏହାପୂର୍ବରୁ ଡିସେମ୍ବର ୨୦ରେ ଜଣେ ଭାରତୀୟ ବଂଶୋଦ୍ଭବ ମହିଳା ହିମାଂଶୀ ଖୁରାନାଙ୍କୁ ହତ୍ୟା କରାଯାଇଥିଲା। ତାଙ୍କସହ ରହୁଥିବା ପାର୍ଟନର ହିଁ ଏହି ହତ୍ୟାକାଣ୍ଡ ଘଟାଇଥିଲେ ବୋଲି କୁହାଯାଇଥିଲା। ଏହି ଘଟଣାରେ ଟରଣ୍ଟୋରେ ଭାରତୀୟ ଦୂତାବାସ ଶୋକ ପ୍ରକାଶ କରିଛି ଓ ଶିବାଙ୍କ ପରିବାର ସହ ଯୋଗାଯୋଗ ରକ୍ଷା କରାଯାଇଛି ବୋଲି କହିଛି। ସ୍ଥାନୀୟ ଅଧିକାରୀଙ୍କ ସହ କାର୍ଯ୍ୟକରି ଦୂତାବାସ ସବୁ ପ୍ରକାର ସହାୟତା ପ୍ରଦାନ କରୁଛନ୍ତି। ଦୂତାବାସ ଶିବାଙ୍କଙ୍କୁ ଜଣେ ଡକ୍ଟରେଟ ଛାତ୍ର ବୋଲି କହିଛି। ଯଦିଓ କିଛି ରିପୋର୍ଟ ତାଙ୍କୁ ଜଣେ ଜୀବ ବିଜ୍ଞାନ ଛାତ୍ର ବୋଲି କହିଛି।

ସୂଚନାଯୋଗ୍ୟ ଯେ, ଗତ କିଛିଦିନ ହେବା କାନାଡ଼ା ସମେତ ବିଭିନ୍ନ ଦେଶରେ ଭାରତୀୟମାନଙ୍କୁ ଟାର୍ଗେଟ କରାଯାଉଛି ଓ ହତ୍ୟା କରାଯିବାର ଖବର ମିଳୁଛି। ଖାସ୍ କରି କାନାଡାରେ ଭାରତୀୟଙ୍କ ବିରୋଧରେ ହେଟ୍ କ୍ରାଇମ୍ ବା ଘୃଣା ହତ୍ୟା ବୃଦ୍ଧିପାଉଥିବା ଲକ୍ଷ୍ୟ କରାଯାଇଛି। ୨୦୧୯ରୁ ୨୦୨୩ ମଧ୍ୟରେ ଏହା ୨୦୦ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ୨୦୨୪ରୁ ୨୦୨୫ ମଧ୍ୟରେ ଏହା ୧୩୫୦ ପ୍ରତିଶତ ବୃଦ୍ଧି ପାଇଛି।

୩ ଦିନରେ ୨ ଭାରତୀୟଙ୍କୁ ହତ୍ୟା

# ମାଟିରେ ମିଶିଲା ଆଫଗାନିସ୍ତାନର ଐତିହାସିକ ସିନେମାହଲ୍: ନିର୍ମାଣ ହେବ ସପିଙ୍ଗ ସେଣ୍ଟର

କାବୁଲ୍, ୨୬।୧୨(ଏଜେନ୍ସି): ଆଫଗାନିସ୍ତାନ ରାଜଧାନୀ କାବୁଲର ଐତିହାସିକ ଏରିଆନା ପ୍ରେକ୍ଷାଳୟ ଅର୍ଥାତ ସିନେମାହଲ୍‌କୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି। ୧୯୬୩ରେ ନିର୍ମିତ ହୋଇଥିବା ଏହି ସିନେମା ଟକିଜକୁ ଡିସେମ୍ବର ୧୬ରେ ଭଙ୍ଗାଯିବାର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ମାତ୍ର ଗୋଟିଏ ସପ୍ତାହ ମଧ୍ୟ ଏହାକୁ ମାଟିରେ ମିଶାଇ ଦିଆଯାଇଛି। ଏବେ ଏହି ସ୍ଥାନରେ ଏକ ସପିଂ ସେଣ୍ଟର ନିର୍ମାଣ କରାଯିବ ବୋଲି କୁହାଯାଇଛି। ଦୀର୍ଘ ଦଶନ୍ଧି ଧରି ଏରିଆନା ସିନେମା ହଲ୍ କାବୁଲର ଲୋକଙ୍କ ପାଇଁ ମନୋରଞ୍ଜନର କେନ୍ଦ୍ର ସାଜିଥିଲା। ଏଠାରେ ବଲିଉଡ, ହଲିଉଡ୍‌ର ଆକ୍ସନ ସିନେମା ଓ ପରେ ଆଫଗାନ୍ ସିନେମା ପ୍ରଦର୍ଶିତ କରାଯାଉଥିଲା। କିନ୍ତୁ ୨୦୨୧ରେ ତାଲିବାନ ଶାସନକୁ ଆସିବା ପରେ ସିନେମା ଓ ସଙ୍ଗୀତ ସହିତ ଅଧିକାଂଶ ମନୋରଞ୍ଜନ କାର୍ଯ୍ୟକଳାପ ଉପରେ ପ୍ରତିବନ୍ଧ ଲଗାଯାଇଥିଲା। ସବୁ ସିନେମାହଲ୍‌କୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଚଳିତ ବର୍ଷ ମେ'ରେ ଆଫଗାନ ଚଳଚ୍ଚିତ୍ର ପ୍ରଶାସନକୁ ମଧ୍ୟ ଭାଙ୍ଗିଦିଆ ଯାଇଥିଲା। ଏହା ପରେ ଏରିଆନ ସିନେମା ହଲ୍ ଦୀର୍ଘ ସମୟ ପାଇଁ ବନ୍ଦ ରହିଥିଲା। ଏ ନେଇ କାବୁଲ ନଗର ପ୍ରଶାସନ ସଫେଇ ଦେଇ କହିଛି ଯେ, ସିନେମା ହଲ ଯେଉଁ ସ୍ଥାନ ଉପରେ ତିଆରି ହୋଇଥିଲା ତାହା ବ୍ୟବସାୟିକ କ୍ଷେତ୍ରରେ ରହିଥିଲା। ଏଠାରେ ସପିଂ କମ୍ପ୍ଲେକ୍ସ ତିଆରି ହେଲେ ନଗର ନିଗମର ଆୟ ବୃଦ୍ଧି ପାଇବ ଓ ସହରର ବିକାଶ ତ୍ୱରାନ୍ୱିତ ହେବ ବୋଲି କୁହାଯାଇଛି।










ଶୁକ୍ରବାର ଶଙ୍ଖ ଭବନରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ନେତା ଓ କର୍ମୀମାନେ ସ୍ୱାଗତ କରୁଛନ୍ତି

# ଓଡ଼ିଆ ଝିଅ ଜ୍ୟୋସ୍ନା ଶବରଙ୍କୁ 'ରାଷ୍ଟ୍ରୀୟ ବାଲ୍ ପୁରସ୍କାର'

ଭୁବନେଶ୍ୱର, ୨୬।୧୨ (ସମିସ): ବୀର୍ ବାଲ୍ ଦିବସ ଉପଲକ୍ଷେ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୧୮ଟି ରାଜ୍ୟର ୨୦ଜଣ ଶିଶୁ ପ୍ରତିଭାଙ୍କୁ 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର'ରେ ସମ୍ମାନିତ କରିଛନ୍ତି। କଳା, ସଂସ୍କୃତି, ଶିକ୍ଷା, ସମାଜସେବା, ସାହସିକତା ଓ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ଦେଶର ୫ବର୍ଷରୁ ଉର୍ଦ୍ଧ୍ୱ ଓ ୧୮ ବର୍ଷରୁ କମ୍ ବୟସର ଶିଶୁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସମ୍ମାନିତ ହୋଇଥିବା ଶିଶୁ ପ୍ରତିଭାଙ୍କ ମଧ୍ୟରେ ଓଡ଼ିଶାର ପ୍ରତିଭାବାନ ଭାରୋତ୍ତୋଳିକା ଜ୍ୟୋସ୍ନା ଶବର ଓ ବିହାରର ବିସ୍ମୟ କ୍ରିକେଟର୍ ୧୪ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ସହ ୯ଜଣ କ୍ରୀଡ଼ାବିତ୍ ରହିଛନ୍ତି। ୧୭ବର୍ଷୀୟା ଜ୍ୟୋସ୍ନା ପଦକ ଓ ପ୍ରମାଣପତ୍ର ସହ ଏକ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ରାଷ୍ଟ୍ରପତିଙ୍କଠାରୁ ଗ୍ରହଣ କରିଥିଲେ। ଦେଶର ପିଲାମାନଙ୍କ ପାଇଁ ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ନାଗରିକ ସମ୍ମାନ ପାଇବାରେ ଜ୍ୟୋସ୍ନା ଦ୍ୱିତୀୟ ଓଡ଼ିଆ ଭାରୋତ୍ତୋଳିକା। ଗତବର୍ଷ ଢେଙ୍କାନାଳର ପ୍ରୀତିସ୍ମିତା ଭୋଇଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା।




ରାଷ୍ଟ୍ରପତିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିବା ସମୟରେ ଜ୍ୟୋସ୍ନାଙ୍କ ସହ ତାଙ୍କ ବାପା କୀର୍ତ୍ତନ ଶବର ଓ ମାମୁ ମଦନ ମୋହନ ଉପସ୍ଥିତ ଥିଲେ। ଗଜପତିରେ ଜନ୍ମିତ ଜ୍ୟୋସ୍ନା ବର୍ତ୍ତମାନ ଭୁବନେଶ୍ୱରସ୍ଥିତ 'କିସ୍' ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଏସିଆନ୍ ୟୁଥ୍ ଜୁନିଅର ଭାରୋତ୍ତୋଳନ ଚାମ୍ପିଅନସିପ୍‌ର ୨୦୨୩ ଓ ୨୦୨୪ ସଂସ୍କରଣରେ ଜ୍ୟୋସ୍ନା ଯଥାକ୍ରମେ କାଂସ୍ୟ ଓ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ସେହିଭଳି ଚଳିତବର୍ଷ ପେରୁରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ମଧ୍ୟ ସେ ଦମ୍‌ଦାର ପ୍ରଦର୍ଶନ କରି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ବର୍ତ୍ତମାନ ଜ୍ୟୋସ୍ନା କିଟ୍ କ୍ରୀଡ଼ା ଏକାଡେମୀରେ ଅଭ୍ୟାସ କରୁଛନ୍ତି। ଅଲିମ୍ପିକ୍ସରେ ପଦକ ଜିତିବା ତାଙ୍କର ଲକ୍ଷ୍ୟ ରହିଛି ବୋଲି ଜ୍ୟୋସ୍ନା କହିଛନ୍ତି। ଏହି ସମ୍ମାନଜନକ ପୁରସ୍କାର ଲାଗି କିସ୍ ଓ କିଟ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଜ୍ୟୋସ୍ନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବସ୍‌ରେ ମାଗଣା ଯିବେ ଛାତ୍ରଛାତ୍ରୀ

**ଆଇକାର୍ଡ, ୟୁନିଫର୍ମ ବାଧ୍ୟତାମୂଳକ**

**ଅଧିକ ସ୍କୁଲ ଥିବା ରୁଟ୍‌ରେ ଗଡ଼ିବ ବସ୍**

ଭୁବନେଶ୍ୱର, ୨୬।୧୨(ସମିସ): ସରକାରୀ ବସ୍‌ରେ ମାଗଣା ଯାତାୟାତ କରିବେ ଛାତ୍ରଛାତ୍ରୀ। ମୁଖ୍ୟମନ୍ତ୍ରୀ ବସ୍ ସେବା (ଏମ୍‌ବିଏସ୍) ଯୋଜନାରେ ପିଲାଙ୍କୁ ଏହି ସେବା ଯୋଗାଇ ଦିଆଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଦ୍ୟାଳୟରେ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ବସ୍‌ରେ ଯିବା ସମୟରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ଆଇ-କାର୍ଡ ସହିତ ୟୁନିଫର୍ମରେ ଥିଲେ ଆଉ ଭଡ଼ା ଦେବାକୁ ପଡ଼ିବ ନାହିଁ। ସ୍କୁଲ୍‌ଠାରୁ ବିଦ୍ୟାଳୟର ଦୂରତା ପାଇଁ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀମାନେ ଦୂରଦୂରାନ୍ତରୁ ବିଦ୍ୟାଳୟକୁ ଆସିବା ପାଇଁ ସହଜ ଓ ସୁଗମ ହେବ। ଉଭୟ ଶୀତତାପ ନିୟନ୍ତ୍ରିତ ଏବଂ ଅଣଶୀତତାପ ନିୟନ୍ତ୍ରିତ ବସ୍‌ରେ ସ୍କୁଲ ପିଲାମାନେ ମାଗଣାରେ ସ୍କୁଲ ଯିବାଆସିବା କରିପାରିବେ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ବସ୍ ଗୁଡ଼ିକର ସମୟ ଓ ମାର୍ଗରେ ମଧ୍ୟ ପରିବର୍ତ୍ତନ କରିବ। ସଫ୍ଟୱେୟାର୍ ଆପ୍ଲିକେସନ୍‌ରେ ମଧ୍ୟ ପରିବର୍ତ୍ତନ ଅଣାଯିବ। ପିଲାଙ୍କୁ ବିଦ୍ୟାଳୟ ସହ ଯୋଡ଼ିବା ପାଇଁ ଅଧିକ ସ୍କୁଲ୍ ଥିବା ରୁଟ୍‌ରେ ବସ୍ ଗଡ଼ିବ।

**ପିକନିକ୍ ସ୍ପଟ୍ ପାଲଟୁଛି ମରଣଯନ୍ତା**

# ସୀତାକୁଣ୍ଡରେ ୨ ଭାଇଙ୍କ ସଲିଳ ସମାଧି

ବାରିପଦା, ୨୬।୧୨(ସମିସ): ଶିମିଳିପାଳ ପାଦଦେଶରେ ଥିବା ସୀତାକୁଣ୍ଡ ଜଳପ୍ରପାତରେ ବୁଡ଼ି ସମ୍ପର୍କୀୟ ଦୁଇଭାଇ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ଭଦ୍ରକ ଜିଲ୍ଲା ସଦର ଥାନା ଅଧୀନ ଅନ୍ଧେଇପାଲି ଗ୍ରାମର ଅଭିଷେକ ନାଏକ(୧୭) ଓ ସତ୍ୟବ୍ରତ ନାଏକ (୨୩)। ଅଗ୍ନିଶମ ବାହିନୀ ସହାୟତାରେ ବାରିପଦା ସଦର ପୁଲିସ ଘଟଣାସ୍ଥଳରୁ ଶବଦ୍ୱୟକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡିକାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନାନୁଯାୟୀ, ପିକନିକ୍ ପାଇଁ ପରିବାର ସହ ଦୁଇଭାଇ ସୀତାକୁଣ୍ଡକୁ ଆସିଥିଲେ। ସେଠାରେ ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ତିନିଜଣ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ସଙ୍ଗେସଙ୍ଗେ ଜଣଙ୍କୁ ଉଦ୍ଧାର କରିଥିଲେ ହେଁ ଅନ୍ୟ ଦୁଇଭାଇ ବୁଡ଼ି ଯାଇଥିଲେ। ପରିବାରଲୋକ ଦୁଇ ଭାଇଙ୍କୁ ବଞ୍ଚାଇବା ପାଇଁ ଆକୁଳ ଚିତ୍କାର କରୁଥିଲେ ହେଁ କୁଣ୍ଡର ଗଭୀରତା ପାଇଁ କେହି ସାହସ ଜୁଟାଇ ପାରିନଥିଲେ। ଖବର ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁଇ ଭାଇଙ୍କ ଶବ ଉଦ୍ଧାର କରିଥିଲେ। ଉଲ୍ଲେଖଯୋଗ୍ୟ, ମୟୂରଭଞ୍ଜରେ ପ୍ରତିବର୍ଷ ପିକନିକ୍ ଋତୁରେ ଜଳପ୍ରପାତ, ବନ୍ଧ, ଡ୍ୟାମ ଓ ଜଳାଶୟମାନଙ୍କରେ ଏକାଧିକ ଜଳବୁଡ଼ି ମୃତ୍ୟୁ ହେଉଥିଲେ ହେଁ ପ୍ରଶାସନର ଚେତା ପଶୁନି। ଲୋକଙ୍କୁ ସଚେତନ କରାଯାଉନି କିମ୍ବା ପ୍ରତିଷେଧାତ୍ମକ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ।

# ବୋର୍ଡ ୱେବସାଇଟ୍‌ରେ ଓଟିଇଟି ଆନସର୍-କୀ'

କଟକ,୨୬।୧୨(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଗତ ଡିସେମ୍ବର୧୭ରେ ଅନୁଷ୍ଠିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଟିଇଟି)ର ଆନସର୍-କି' ବୋର୍ଡ ୱେବସାଇଟ୍ www.bseodisha.ac.in ରେ ଉପଲବ୍ଧ ହୋଇଛି। ପ୍ରକାଶ ପାଇଥିବା ଓଟିଇଟିର ପ୍ରୋଭିଜିନାଲ ଉତ୍ତରକୁ ପ୍ରାର୍ଥୀମାନେ ଚ୍ୟାଲେଞ୍ଜ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ପ୍ରାର୍ଥୀମାନେ ଚ୍ୟାଲେଞ୍ଜ କରୁଥିବା ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଇଁ ୫୦୦ଟଙ୍କା ପଇଠ କରିବେ। ଏଥିସହ ଚ୍ୟାଲେଞ୍ଜର ସମର୍ଥନରେ ପ୍ରାମାଣିକ ଦସ୍ତାବିଜ୍ ଅପଲୋଡ୍ କରିପାରିବେ। ୨୪ ଘଣ୍ଟିଆ ଅନଲାଇନ୍ ଚ୍ୟାଲେଞ୍ଜ ପାଇଁ ଆସନ୍ତା ୨୯ ତାରିଖ ସକାଳ ୧୧ଟାରୁ ୨୦୨୬ ଜାନୁଆରି ୪ ମଧ୍ୟରାତ୍ରି ପର୍ଯ୍ୟନ୍ତ ଲିଙ୍କ୍ ଉପଲବ୍ଧ ହେବ। ଏହାକୁ ବୋର୍ଡର ପ୍ରଶ୍ନ ବିଶ୍ଳେଷଣ କମିଟି ଦ୍ୱାରା ଯାଞ୍ଚ ଏବଂ ବିଶ୍ଳେଷଣ କରାଯିବ। ବିସ୍ତୃତ ବିଶ୍ଳେଷଣ ପରେ ଓଟିଇଟିର ଚୂଡ଼ାନ୍ତ ଆନସର୍ କି' ଉପଲବ୍ଧ କରାଯିବ। ପ୍ରଶ୍ନ ବିଶ୍ଳେଷଣ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ପ୍ରାର୍ଥୀମାନଙ୍କ ପାଇଁ ବାଧ୍ୟତାମୂଳକ ହେବ।

# ପୂର୍ବତନ ଆଇଏଏସ୍ ବିନୋଦ କୁମାର ପୁଣି ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର,୨୬।୧୨(ସମିସ): ପୂର୍ବତନ ଆଇଏଏସ୍ ଅଧିକାରୀ ବିନୋଦ କୁମାର ପୁଣିଥରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ତାଙ୍କୁ ୩ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଓଡ଼ିଶା ଗ୍ରାମ୍ୟ ଗୃହ ଉନ୍ନୟନ ନିଗମ (ଓଆର୍‌ଏଚଡିସି) ର ଅଧ୍ୟକ୍ଷ ପଦରେ ଅବସ୍ଥାପିତ ଥିବା ବେଳେ ବ୍ୟାପକ ସରକାରୀ ଅର୍ଥ ହେରଫେର୍ ନେଇ ତାଙ୍କ ବିରୋଧରେ ସଂଗିନ୍ ଅଭିଯୋଗ ଆସିଥିଲା। ଗ୍ରାମାଞ୍ଚଳର ଗରିବଙ୍କ ଉଦ୍ଦେଶ୍ୟରେ ଆସିଥିବା ସରକାରୀ ଅର୍ଥକୁ ସେ ଅପବ୍ୟବହାର କରିଥିଲେ। ଉକ୍ତ ଅନୁଦାନକୁ ଅନ୍ୟତ୍ର ବିନିଯୋଗ କରି ସରକାରୀ ରାଜକୋଷକୁ କ୍ଷତି ପହଞ୍ଚାଇଥିଲେ। ତାଙ୍କ ସହ ଏହି ଦୁର୍ନୀତିରେ ଓଆର୍‌ଏଚଡିସିର ୬ଜଣ ସରକାରୀ ଅଧିକାରୀ ମଧ୍ୟ ସାମିଲ ଥିଲେ। ସରକାରୀ ପଦର ଦୁରୁପଯୋଗ କରି ସେମାନେ ନକଲି ଦସ୍ତାବିଜ୍ ଆଧାରରେ ପାଣ୍ଠିକୁ ବିଲଡର୍ ସଂଗ୍ରାମ କେଶରୀ ସାହୁଙ୍କୁ ପ୍ରଦାନ କରିଥିଲେ। ଏନେଇ ଅଭିଯୋଗ ହେବା ପରେ ବିନୋଦଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ପରେ ଭିଜିଲାନ୍ସ ଏହାର ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିଥିଲା। ବିନୋଦଙ୍କ ସମେତ ଏହି ମାମଲାରେ ଅନ୍ୟ ୬ଜଣ ସ୍ୱସ୍ତି ରଞ୍ଜନ ମହାପାତ୍ର, ପ୍ରଦୀପ କୁମାର ରାଉତ, ସତ୍ୟପ୍ରକାଶ ବେହେରା, ଜିତେନ୍ଦ୍ର ସ୍ୱାଇଁ, ଉମେଶ ସ୍ୱାଇଁ ଏବଂ ବିଲଡର ସଂଗ୍ରାମ କେଶରୀ ସାହୁଙ୍କୁ ମଧ୍ୟ ଦୋଷୀ ସାବ୍ୟସ୍ତ କରାଯାଇଛି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଦୁର୍ନୀତି ମାମଲାରେ ପୂର୍ବତନ ଆଇଏଏସ୍ ବିନୋଦ କୁମାର ୧୧ଥର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହା ତାଙ୍କର ୧୨ତମ ସଜା।

# ଫରେଷ୍ଟରଙ୍କ ଘରେ କେଜିଏ ସୁନା, ବିଡ଼ାବିଡ଼ା ଟଙ୍କା

ଭୁବନେଶ୍ୱର/ସେମିଳିଗୁଡ଼ା, ୨୬।୧୨(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କୋରାପୁଟ ଫରେଷ୍ଟ ଡିଭିଜନ୍‌ର ଫରେଷ୍ଟର୍ ନିରଞ୍ଜନ ଶତପଥୀଙ୍କ ସେମିଳିଗୁଡ଼ାସ୍ଥିତ ସରକାରୀ ବାସଭବନ ସହ ଭୁବନେଶ୍ୱରର ୬ଟି ଓ ଜଗତସିଂହପୁରସ୍ଥିତ ପୈତୃକ ଘରେ ଶୁକ୍ରବାର ଚଢ଼ଉ କରିଛି ଭିଜିଲାନ୍ସ। ଚଢ଼ଉ ସମୟରେ ତାଙ୍କ ଘରୁ ବିପୁଳ ପରିମାଣର ନଗଦ ଟଙ୍କା, ସୁନା, ବିଦେଶୀ ମୁଦ୍ରା, ଘର ଓ ୭ ପ୍ଲଟର କାଗଜପତ୍ର ଜବତ ହୋଇଛି।



**ରାଜଧାନୀରେ ୨, ଜଗତସିଂହପୁରରେ ୪ ପ୍ଲଟ୍**

**୬୨୫ ଟଙ୍କାରୁ ଚାକିରି ଆରମ୍ଭ; ଏବେ କୋଟିପତି**

ଭିଜିଲାନ୍ସ ସୂଚନା ମୁତାବକ, ନିରଞ୍ଜନଙ୍କ ଝାରପଡ଼ାରେ ଦୁଇଟି କୋଠା ରହିଛି। ପ୍ରତ୍ୟେକ କୋଠା ୪୦୫୦ ବର୍ଗଫୁଟ୍ ଓ ୩ ମହଲା ବିଶିଷ୍ଟ। ସେହିପରି ସେମିଳିଗୁଡ଼ାରେ ଗୋଟିଏ କୋଠା ରହିଛି। ଏହାସହ ଭୁବନେଶ୍ୱରରେ ୨ଟି, ଜଗତସିଂହପୁରରେ ୪ଟି ଓ ସେମିଳିଗୁଡ଼ାରେ ଗୋଟିଏ ପ୍ଲଟ୍ ରହିଛି। ତାଙ୍କ ଘରୁ ୧ କେଜିରୁ ଉର୍ଦ୍ଧ୍ୱ ସୁନା ଓ ୨୫୦ ଗ୍ରାମ୍ ରୁପା ଅଳଙ୍କାର ମଧ୍ୟ ଜବତ ହୋଇଥିବା ଭିଜିଲାନ୍ସ କହିଛି। ସୂଚନାନୁସାରେ, ନିରଞ୍ଜନଙ୍କର ଘରର ବିଭିନ୍ନ ସ୍ଥାନରୁ ବିଡ଼ାବିଡ଼ା ଟଙ୍କା ଭିଜିଲାନ୍ସ ପାଇଛି। ନଗଦ ଟଙ୍କାର ପରିମାଣ ପ୍ରାୟ୧୦ଲକ୍ଷ ହେବ ବୋଲି କୁହାଯାଇଛି। ଏହାସହ ୩ଟି ଆମେରିକୀୟ ଡଲାର, ୬ଟି ଭିଏତ୍‌ନାମିଜ୍ କରେନ୍ସି, ୬ଟି ହଂକଂ ଡଲାର, ୨ଟି ଇଣ୍ଡୋନେସିଆନ୍, ୮ଟି ଥାଇଲାଣ୍ଡ ଭାଟ୍, ୪ଟି ମକାଉ ପଟାକା, ୪ଟି ମାଲେସିଆନ୍ ରିଙ୍ଗିଟ୍ ଜବତ ମଧ୍ୟ ଜବତ ହୋଇଛି। ବିଭିନ୍ନ ବ୍ୟାଙ୍କରେ ସେ ୬୬.୪୨ଲକ୍ଷ ଜମା ରଖିଛନ୍ତି ଏବଂ ବିଟ୍-କଏନ୍‌ରେ ୧.୬୬ ଲକ୍ଷ ଟଙ୍କା ନିବେଶ କରିଛନ୍ତି। ତାଙ୍କର ଗୋଟିଏ ଟାଟା ହାରିୟର୍ ଏବଂ ୩ଟି ଦୁଇ ଚକିଆ ଯାନ ଅଛି। ଘରେ ଲାଗିଥିବା ଦାମୀ କବାଟ ଝରକା, ଖଟ, ଲାଇଟ୍ ଝୁମର, କଣ୍ଟେଇର ମୂଲ୍ୟ ୩୦.୭୫ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ୩୭ବର୍ଷ ତଳେ ସେ ୬୨୫ ଟଙ୍କାରେ ଫରେଷ୍ଟଗାର୍ଡ ଚାକିରି ଆରମ୍ଭ କରିଥିଲେ। ପରେ ପଦୋନ୍ନତି ପାଇ ଫରେଷ୍ଟର୍ ହୋଇଥିଲେ। ଭିଜିଲାନ୍ସ ତାଙ୍କୁ ଗିରଫ କରିଛି ଓ ପଚରାଉଚରା ଚଳାଇଛି।

# କୋଟିପତି କନିଷ୍ଠ ଯନ୍ତ୍ରୀଙ୍କ ଘରେ ଚଢ଼ଉ

ମାଲକାନଗିରି,୨୬।୧୨(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମାଲକାନଗିରି ଜିଲ୍ଲା ସଦର ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ନୀହାର ରଞ୍ଜନ ସରକାରଙ୍କ ଘର ସମେତ ୪ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଛି।



ସୂଚନାନୁଯାୟୀ, ୨୦୧୫ ମସିହାରେ କାର୍ଯ୍ୟରେ ଯୋଗ ଦେଇଥିବା ନୀହାରଙ୍କ ୨୦୨୨ ମସିହାରେ ଚାକିରି ନିୟମିତ ହୋଇଥିଲା। ଏହା ମଧ୍ୟରେ ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ଭିଜିଲାନ୍ସ ପକ୍ଷରୁ ଶ୍ରୀ ସରକାରଙ୍କ ନିଜସ୍ୱ ଘର ସମେତ ୪ଟି ସ୍ଥାନରେ ଏକକାଳୀନ ଚଢ଼ଉ ହୋଇଥିଲା। ଜିଲ୍ଲା ସଦରରେ ଥିବା ଜୟନଗରସ୍ଥିତ ୩ମହଲା ବିଶିଷ୍ଟ କୋଠାଘର, କାଳିମେଳା ବ୍ଲକ୍ ଅନ୍ତର୍ଗତ ଏମ୍‌ପିଭି-୧୦ଗାଁରେ ଥିବା ପୈତୃକ ଘର, ନବରଙ୍ଗପୁର ଜିଲ୍ଲା ରାଇଘରସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘର ଓ ମାଲକାନଗିରି ବ୍ଲକ୍ କାର୍ଯ୍ୟାଳୟ ଅଫିସ୍‌ରେ ଭିଜିଲାନ୍ସ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଭିଜିଲାନ୍ସ ଶ୍ରୀ ସରକାରଙ୍କ ୮ଟି ମୂଲ୍ୟବାନ ଜମି ସମେତ ନଗଦ ୨ଲକ୍ଷ ୧୧ ହଜାର ୮୦୦ ଟଙ୍କା, ବିଭିନ୍ନ ବ୍ୟାଙ୍କ ଓ ପୋଷ୍ଟାଲ ଜମା ରାଶି ଠାବ କରିଛି। ଚଢ଼ଉରେ ୪ ଜଣ ଡିଏସ୍‌ପି, ୭ ଜଣ ଇନ୍ସପେକ୍ଟର୍‌ଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

**ଉପାନ୍ତରୁ ଉପକୂଳ ଥଣ୍ଡାର ରାଜୁତି**

# ନୂଆ ବର୍ଷ ପର୍ଯ୍ୟନ୍ତ ଶୀତରୁ ମିଳିବନି ନିସ୍ତାର

**କୋରାପୁଟରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ**

ଭୁବନେଶ୍ୱର,୨୬।୧୨(ସମିସ): ପ୍ରବଳ ଶୀତରେ ଥରୁଛି ସାରା ଓଡ଼ିଶା। ଉପାନ୍ତରୁ ଉପକୂଳ ପର୍ଯ୍ୟନ୍ତ ସବୁଠି ଥଣ୍ଡାର ରାଜୁତି ଜାରି ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା କୋରାପୁଟରେ ୪.୮ ଡିଗ୍ରୀ ଥିବା ରେକଡର୍ କରାଯାଇଛି। ଗତ ୧୫ ବର୍ଷ ମଧ୍ୟରେ ଡିସେମ୍ବର ମାସରେ ଦ୍ୱିତୀୟ ଥର ପାଇଁ ତାପମାତ୍ରା ୪.୮ ଡିଗ୍ରୀକୁ ଖସିଛି। ଏହା ପୂର୍ବରୁ ୨୦୧୮ ମସିହା ୩୧ ଡିସେମ୍ବରରେ ତାପମାତ୍ରା ୪.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଡିସେମ୍ବର ୨୬ରେ ପୁନର୍ବାର ଏହି ରେକର୍ଡକୁ କୋରାପୁଟ ଦୋହରାଇଛି। କୋରାପୁଟ ସମେତ ସେମିଳିଗୁଡ଼ାରେ ତାପମାତ୍ରା ୬.୩, ଦାରିଙ୍ଗବାଡ଼ି ୬.୫, ଝାରସୁଗୁଡ଼ା ୭.୮, ଫୁଲବାଣୀ ୭.୫, ରାଉରକେଲାରେ ତାପମାତ୍ରା ୮ ଡିଗ୍ରୀ ରେକର୍ଡ ହୋଇଛି।

ଶୀତ ସହ ପାଣିପାଗ କେନ୍ଦ୍ର ଅନେକ ସ୍ଥାନର ପାଇଁ ଘନ କୁହୁଡ଼ି ସତର୍କ ସୂଚନା ଜାରି କରିଛି। ବିଶେଷକରି ସକାଳ ସମୟରେ କନ୍ଧମାଳ, କୋରାପୁଟ, ନୟାଗଡ଼, ଗଞ୍ଜାମ, ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୁଳ ଓ ଖୋର୍ଦ୍ଧା ଆଦିରେ ଘନ କୁହୁଡ଼ି ହେବାର ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ସତର୍କତା ରହିବାକୁ ୟେଲୋ ଆଲର୍ଟ ଜାରି କରିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ରାଜ୍ୟରେ ଜାରି ରହିଥିବା ଥଣ୍ଡା ନୂଆ ବର୍ଷ ପର୍ଯ୍ୟନ୍ତ ରହିବ। ଡିସେମ୍ବର ୩୧ ରାତିରେ ଭୁବନେଶ୍ୱର ତାପମାତ୍ରା ୧୨-୧୩ ଡିଗ୍ରୀ ରହିବାର ସମ୍ଭାବନା ରହିଛି। ସାରା ରାଜ୍ୟରେ ବର୍ତ୍ତମାନର ସର୍ବନିମ୍ନ ତାପମାତ୍ରା ଊଣା ଅଧିକେ ଚାଲୁ ରହିବ। ମଝିରେ ମଝିରେ ୧ରୁ୨ ଡିଗ୍ରୀ ବଢ଼ିବ ବା କମିବ। ଶିଶିରପାତ ଜାରି ରହିବ। ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଝିରେ ମଝିରେ ପତଳା କୁହୁଡ଼ି ହୋଇପାରେ। କିନ୍ତୁ ଘନ କୁହୁଡ଼ି ହେବାର ସମ୍ଭାବନା କମ୍ ରହିଛି। ଏହାସହିତ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

# ଅତିରିକ୍ତ ସୁରକ୍ଷା ଜମା ସଂପୂର୍ଣ୍ଣ ପ୍ରତ୍ୟାହାର ଦାବି କଲା କଂଗ୍ରେସ




**ଘରୋଇ ଉପଭୋକ୍ତାଙ୍କୁ ମାଗଣା ୩୦୦ ୟୁନିଟ୍ ବିଜୁଳି ଦିଅ**

**କୃଷି କ୍ଷେତ୍ରରେ ଦେୟମୁକ୍ତ ବିଜୁଳି ଯୋଗାଣ ଦାବି**

**୨୯ରେ ରାଜ୍ୟବ୍ୟାପୀ ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ପଡ଼ିବ: ଭକ୍ତ**

ଭୁବନେଶ୍ୱର, ୨୬।୧୨(ସମିସ): ଆମ କୋଇଲା, ଆମ ପାଣି ବ୍ୟବହାର କରି ଅଳ୍ପ ମୂଲ୍ୟରେ ବିଜୁଳି ଉତ୍ପାଦନ ହେଉଛି। ମାତ୍ର ସମଗ୍ର ଦେଶରେ ଓଡ଼ିଶାର ବିଜୁଳି ଉପଭୋକ୍ତାମାନେ ସବୁଠାରୁ ଅଧିକ ଶୋଷିତ ଓ ଅବହେଳିତ। ଓଡ଼ିଶାରୁ କୋଇଲା ନେଇ ପଞ୍ଜାବ ପରି ରାଜ୍ୟ ୨୦/୨୫ ଭାଗ କୃଷି ଉପଭୋକ୍ତାଙ୍କୁ ସଂପୂର୍ଣ୍ଣ ଏବଂ ୩୦ରୁ ୩୫ ପ୍ରତିଶତ ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ଲେଖାଏଁ ବିଜୁଳିଦେୟ ଛାଡ଼ କରୁଛି। ମାତ୍ର ଓଡ଼ିଶାର ୨ ପ୍ରତିଶତ କୃଷି ଉପଭୋକ୍ତା ଏବଂ ୭ରୁ ୮ ପ୍ରତିଶତ ଘରୋଇ ଉପଭୋକ୍ତାଙ୍କୁ ଗୋଟିଏ ୟୁନିଟ୍ ମଧ୍ୟ ମାଗଣାରେ ଦିଆଯାଉନାହିଁ। ଓଡ଼ିଶାରେ ବ୍ୟବହୃତ ହେଉଥିବା ମୋଟ ୭୦ ପ୍ରତିଶତ ବିଜୁଳି ଶିଳ୍ପ କ୍ଷେତ୍ରକୁ ଦିଆଯାଉଛି। ସେଥିରେ ସାମାନ୍ୟ ଦରବୃଦ୍ଧି କଲେ, ଓଡ଼ିଶାର ସମସ୍ତ ଘରୋଇ ଓ କୃଷି ଉପଭୋକ୍ତାଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦିଆଯାଇପାରିବ। ତେଣୁ, ଅନ୍ୟାୟମୂଳକ ଭାବେ ଘରୋଇ ଉପଭୋକ୍ତାମାନଙ୍କୁ ଅତିରିକ୍ତ ସୁରକ୍ଷା ଜମା (ଏଏସ୍‌ଡି) ଦାଖଲ କରିବା ପାଇଁ ବାଧ କରିବା ଛାଡ଼ି ସରକାର ସବ୍‌ସିଡି ଜରିଆରେ ଘରୋଇ ଉପଭୋକ୍ତାଙ୍କୁ ୩୦୦ରୁ ୪୦୦ ୟୁନିଟ୍ ବିଦ୍ୟୁତ୍ ଦେୟ ଛାଡ଼ କରିବା ସହ ସଂପୂର୍ଣ୍ଣ କୃଷିକ୍ଷେତ୍ରକୁ ବିଜୁଳି ଦେୟମୁକ୍ତ କରନ୍ତୁ। ଶୁକ୍ରବାର ଅପରାହ୍ଣରେ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ରାଜ୍ୟ ସରକାରଙ୍କ ନିକଟରେ ଏଭଳି ଦାବି ରଖିଛନ୍ତି।

ଶ୍ରୀ ଦାସ ଆହୁରି କହିଛନ୍ତି ଯେ ଓଡ଼ିଶାରୁ ଉତ୍ପାଦିତ ୨୪୦ ନିୟୁତ ମେଟ୍ରିକ୍ ଟନ କୋଇଲାରୁ କେବଳ ୨୨ନିୟୁତ ଟନ୍ କୋଇଲା ରାଜ୍ୟର ଘରୋଇ ଉପଭୋକ୍ତାଙ୍କ ପାଇଁ ଉପଯୋଗ ହେଉଛି। ଏଥିପାଇଁ ଓଡ଼ିଶାକୁ ବହୁ ମୂଲ୍ୟ ଦେବାକୁ ପଡ଼ୁଛି। ଅନୁଗୋଳ ଦେଶର ଷଷ୍ଠ ପ୍ରଦୂଷିତ ସହର ହୋଇଥିବା ବେଳେ ଭୁବନେଶ୍ୱର ସମେତ ଓଡ଼ିଶାର ୩୦ସହର ପ୍ରଦୂଷିତ ତାଲିକାରେ ସ୍ଥାନ ପାଉଛି। ଏ ସମସ୍ତ ତଥ୍ୟକୁ ବିଚାରକୁ ନେଇ ସରକାର ତୁରନ୍ତ ଏଏସ୍‌ଡି ପ୍ରତ୍ୟାହାର କରିବା ସହିତ ନିର୍ବାଚନୀ ଇସ୍ତାହାର ଅନୁସାରେ ଅନ୍ୟୁନ ୩୦୦ରୁ ୪୦୦ ୟୁନିଟ୍ ଛାଡ଼ କରନ୍ତୁ। ସେହିପରି, ରାଜ୍ୟର କୃଷି ଉତ୍ପାଦନ ଆଖିଦୃଶିଆ ଭାବେ ବଢ଼ାଇବାକୁ ହେଲେ କୃଷିଭିତ୍ତିକ ଶିଳ୍ପର ପ୍ରୋତ୍ସାହନ କରନ୍ତୁ ବୋଲି ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି। ଦାବି ପୂରଣ ଦିଗରେ ପଦକ୍ଷେପ ନିଆନଗଲେ, ଆସନ୍ତା ୨୯ ଡିସେମ୍ବରରେ କଂଗ୍ରେସ ପକ୍ଷରୁ ରାଜ୍ୟର ସବୁ ବିଜୁଳି ଅଫିସ୍‌ରେ ତାଲା ପକାଯିବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଓ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ପ୍ରମୁଖ ଉପସ୍ଥିତ ରହି ବିଷୋଦଗାର କରିଥିଲେ।

# ଖୁବ୍‌ଶୀଘ୍ର କୁଳପତି ନିଯୁକ୍ତି

ଭୁବନେଶ୍ୱର, ୨୬।୧୨(ସମିସ): ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପ୍ରକ୍ରିୟା ନେଇ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା, ଯୋଗ୍ୟତା ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ସେ ରାଜ୍ୟପାଳଙ୍କୁ ଅବଗତ କରିଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ ଓ ଶାସନକୁ ସୁଦୃଢ଼ କରିବା, ଶୈକ୍ଷିକ ମାନରେ ଉନ୍ନତି, ଆନୁଷ୍ଠାନିକ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ଏବଂ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷଣ ଓ ଅଧ୍ୟୟନର ଗୁଣାବତ୍ତା ବୃଦ୍ଧି କରିବାକୁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କୁଳପତି ଚୟନ ପାଇଁ ସାକ୍ଷାତକାର ପ୍ରକ୍ରିୟା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ରାଜ୍ୟର ପ୍ରମୁଖ ୧୩ ଟି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି କରାଯିବ।

# ଇସିଆଇଙ୍କ ୩ ଦିନିଆ ଓଡ଼ିଶା ଗସ୍ତ ଆଜିଠୁ

ଭୁବନେଶ୍ୱର, ୨୬।୧୨ (ସମିସ): ଭାରତର ମୁଖ୍ୟ ନିର୍ବାଚନ କମିସନର୍ (ଇସିଆଇ) ଜ୍ଞାନେଶ କୁମାର ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଶନିବାର ଇସିଆଇ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ପୁରୀ ଯିବେ। ସେଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପରେ କୋଣାର୍କ ଗସ୍ତ କରିବେ। କୋଣାର୍କ ମନ୍ଦିର ପରିଦର୍ଶନ ସହ ସେଠାରେ ସେ ରାତ୍ରିଯାପନ କରିବେ। ଡିସେମ୍ବର ୨୮ରେ ଇସିଆଇ ରଘୁରାଜପୁର, ଧଉଳି ଶାନ୍ତିସ୍ତୂପ, ଖଣ୍ଡଗିରି, ଉଦୟଗିରି ଏବଂ ମୁକ୍ତେଶ୍ୱର ମନ୍ଦିର ଆଦି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସୋମବାର ଅପରାହ୍ଣ ୩ଟାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍‌ରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ସହ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଅଧ୍ୟକ୍ଷତା କରିବେ। ଏଠାରେ ମୁଖ୍ୟତଃ ରାଜ୍ୟରେ ହେବାକୁ ଥିବା ଏସ୍‌ଆଇଆର୍ ସମ୍ପର୍କରେ ଇସିଆଇ ନିଜର ମତ ଦେବେ।

# ବଡ଼ଭାଇକୁ ପଥରରେ ଛେଚି ହତ୍ୟା

ଡୁଙ୍ଗୁରିପାଲି,୨୬।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଲଛିପୁର ଥାନା ଅଧୀନ ଲୁପୁରସିଂହା ଇନ୍ଦିରାପଲ୍ଲି ଗ୍ରାମରେ ଶୁକ୍ରବାର ଭୋର୍ ୫ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ବଡ଼ଭାଇକୁ ପଥରରେ ଛେଚି ହତ୍ୟା କରିଛି ସାନ। ମୃତକ ହେଲେ, ଦାସ ମଲ୍ଲିକ (୪୮)। ଏହି ଘଟଣାରେ ଅଭିଯୁକ୍ତର ସ୍ତ୍ରୀ ମଧ୍ୟ ସହଯୋଗ କରିଛି। ଦୁଇ ଭାଇଙ୍କ ମଧ୍ୟରେ ସବୁବେଳେ କଳି ଝଗଡ଼ା ଲାଗି ରହୁଥିଲା। ଆଜି କୌଣସି କଥାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା। କଥା କଟାକଟିରୁ ଆରମ୍ଭ ଏହି ବଚସା ହାତାହାତି, ମାରପିଟ୍ ପର୍ଯ୍ୟନ୍ତ ଯାଇଥିଲା। ଏପରିକି, ରାଗରେ ଜଳୁଥିବା ସୁରୁ ପାଖରେ ପଡ଼ିଥିବା ଏକ ପଥରରେ ବଡ଼ଭାଇର ମୁଣ୍ଡକୁ ଛେଚି ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦାସଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ଅଭିଯୁକ୍ତ ସାନଭାଇ ଓ ଭାଇବୋହୂ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଲଛିପୁର ଥାନାରେ ମୃତ ଦାସଙ୍କ ପୁଅ ବିଘ୍ନରାଜ ମଲ୍ଲିକ ଅଭିଯୋଗ କରିବା ପରେ ପୁଲିସ ଇନ୍ଦିରାପଲି ଗାଁରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ଲାଗି ଡାକ୍ତରଖାନା ପଠାଇଥିଲା। ଏହାସହ ଫେରାର୍ ଦୁଇ ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ ତନାଘନା ଚଳାଇଛି।

# ମଣ୍ଡି ଖୋଲି ବିତିଲାଣି ୩ ଦିନ; ଉଠୁନି ଧାନ

କୋରୁକୋଣ୍ଡା, ୨୬ ।୧୨ (ସମିସ)



- ଏଯାଏଁ ମିଲର ତାଲିକା ଆସିନଥିବାରୁ ଉଠୁନି ଧାନ: ଏମଡି
- ତୁରନ୍ତ ଧାନ କିଣା ପ୍ରକ୍ରିୟା ଆରମ୍ଭ କରିବାକୁ ଦାବି କଲେ ଚାଷୀ

ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନ କିଣା ପ୍ରକ୍ରିୟା ଜାରି ରହିଛି । ମାଲକାନଗିରି ଜିଲ୍ଲାରେ ଗତ ୨୪ ତାରିଖ ଠାରୁ ନିୟନ୍ତ୍ରିତ ବଜାର କମିଟି ପରିସର ମଧ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ସେହିପରି ଭାବେ ଜିଲ୍ଲାର କୋରୁକୋଣ୍ଡା ଲ୍ୟାମ୍ପ ଅଧୀନରେ ପ୍ରଥମ ଦିନରେ ପିଟାଗାଟା, କାମ୍ବାଡା, ପୋଟ୍ରେଲ ଠାରେ ଶୁଭାରମ୍ଭ ହୋଇଥିବା ବେଳେ ଗୁରୁବାର ଚିତାପାରି ଏବଂ ନୀଳାକାମ୍ବେରୁ ଠାରେ ଶୁଭାରମ୍ଭ କରାଯାଇଥିଲା । ଆଜି ତୃତୀୟ ଦିନରେ କୋରୁକୋଣ୍ଡା ବ୍ଲକ ସଦର ଠାରେ ଖରିଫ ଋତୁରେ ଧାନକିଣା ନିମନ୍ତେ କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୁଲ୍ୟ କୁମାର ସାହୁ ମଣ୍ଡିର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ପଞ୍ଚାୟତ ସରପଞ୍ଚ ପଦ୍ମା ମାଡ଼କାମୀ, କୋରୁକୋଣ୍ଡା ଲ୍ୟାମ୍ପସ ସଭାପତି ସାଲୁ ଖିଲ, ଏମ୍‌ଡି ଅଭିମନ୍ୟୁ ହାଲବା, ମଣ୍ଡି ପରିଚାଳନା କମିଟି ସଭାପତି ଗୋବିନ୍ଦ ପାତ୍ର, ଉପସଭାପତି, ବନମାଳି ପାତ୍ର, ସମ୍ପାଦକ କୈଳାସ ଧାକଡ଼, କୋଷାଧ୍ୟକ୍ଷ ଚକ୍ରଧର ରୁଦ୍ରକ୍ଷ୍ୟଙ୍କ ସମେତ ମଣ୍ଡି ପରିଚାଳନା କମିଟି ସଦସ୍ୟ ଏବଂ ବହୁ ଚାଷୀ ଉପସ୍ଥିତ ରହିଥିଲେ । ଦୁଃଖ ଓ ପରିତାପର ବିଷୟ ଆଜକୁ ୩ ଦିନ ଧରି ମଣ୍ଡି ଆରମ୍ଭ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ଗୋଟିଏ ମଧ୍ୟ ମଣ୍ଡିରେ ଜଣେ ମଧ୍ୟ ଚାଷୀର ଧାନ କିଣା ଯାଇନଥିବା ଚାଷୀମାନେ କହିଛନ୍ତି । ସରକାରଙ୍କ ତରଫରୁ ବିଭିନ୍ନ ମଣ୍ଡି ଅଧିନ ଚାଷୀଙ୍କର ଆଜି ଧାନ ବିକିବା ନିମନ୍ତେ ଟୋକେନ ଆସିଥିବା ବେଳେ କୌଣସି ଚାଷୀଙ୍କ ଠାରୁ ଆଜି ଧାନ ଉଠାଯାଇନଥିବା ସ୍ଥାନୀୟ ଚାଷୀମାନେ ଅଭିଯୋଗ କରିଥିଲେ । ବହୁ ଚାଷୀ ଧାନ ଆଣି ମଣ୍ଡିରେ ରଖିଥିବା ବେଳେ ସେ ସବୁର ସୁରକ୍ଷା ନେଇ ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି । କୋରୁକୋଣ୍ଡା ସ୍ଥିତ ମଣ୍ଡି ପାଚେରୀର କିଛି ସ୍ଥାନ ଭାଙ୍ଗି ଯାଇଥିବା ବେଳେ ରାତ୍ର ସମୟରେ ଆଲୋକୀକରଣର କୌଣସି ସୁବିଧା ମଧ୍ୟ ନାହିଁ । ରାତିହେଲେ ସମଗ୍ର ମଣ୍ଡି ଅନ୍ଧାର ହୋଇ ରହୁଥିବା ବେଳେ ନିଜ ନିଜର ଧାନର ସୁରକ୍ଷାକୁ ନେଇ ଚିନ୍ତାରେ ଥିବା କହିଛନ୍ତି ଚାଷୀ । ଏନେଇ ଆମେ ଲ୍ୟାମ୍ପସ ଏମଡି ଶ୍ରୀ ହାଲବାଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା ମିଲର ଲିଷ୍ଟ ଆସିନାହିଁ, ତେଣୁ ଧାନ କିଣିବାରେ ବିଳମ୍ବ ହେଉଥିବା ସେ କହିଥିଲେ । ମିଲର ଲିଷ୍ଟ ଆସିନଥିବା ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ ସେମାନେ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରାଙ୍କ ନିଜ ସମସ୍ୟା ଜଣାଇବାରୁ ସେ କହିଥିଲେ ଯେ, ଆସନ୍ତା ସୋମବାର ସୁଧା ମିଲର ଲିଷ୍ଟ ଆସିଯିବ ଏବଂ ଧାନ କିଣା ଆରମ୍ଭ ହେବ । ଅନ୍ୟପଟରେ ତୁରନ୍ତ ଧାନ କିଣା ପ୍ରକ୍ରିୟା ଆରମ୍ଭ କରିବାକୁ ଚାଷୀ ମହଲରେ ଦାବି ହେଉଛି ।

# ଚାଷୀଙ୍କ ସମସ୍ୟା ନେଇ କୃଷକ ସଂଘ ପକ୍ଷରୁ ଦାବିପତ୍ର

**କଲ୍ୟାଣସିଂହପୁର, ୨୬।୧୨(ସମିସ):** ରାଜ୍ୟରେ ଚାଷୀଙ୍କ ପ୍ରତି ହେଉଥିବା ଆର୍ଥିକ ସମସ୍ୟା ଓ ମାନସିକ ଯନ୍ତ୍ରଣାରେ ଛଟପଟ ହୋଇ ସନ୍ତୁଳି ହୋଇ ପଡୁଛନ୍ତି ଚାଷୀ। ଧାନ ଅମଳ ପରେ ବିକ୍ରି ପାଇଁ ସୁଯୋଗ ମିଳୁନଥିବାରୁ ଚାଷୀ ଶାଗ ମାଛ ଦରରେ ବିକ୍ରିକରୀ ସର୍ବସ୍ୱ ହରାଇ ବସୁଛନ୍ତି ।

ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକ କୃଷକ ସଙ୍ଘ ପକ୍ଷରୁ ଆଜି ପ୍ରଶାସନକୁ ଜଣାଇବା ପାଇଁ ଲିଖିତ ଦାବି ଉପସ୍ଥାପନା କରି ଜଣାଇଥିବା ଜଣାପଡ଼ିଛି । ବ୍ଲକ କୃଷକ ସଂଘ ଧାନ ବିକ୍ରି ପାଇଁ ଆସିଥିବା ଟୋକେନ ସମୟ ସରି ଆସୁଥିବାରୁ ଚିନ୍ତାରେ ଚାଷୀ । ଅଧିକାଂଶ ଚାଷୀକୁ ବିକ୍ରି ପାଇଁ ଟକେନ ଆସି ନ ଥିବାରୁ ଅମଳ ଧାନ କିପରି ବିକ୍ରି କରିବେ ସେଥିପାଇଁ ଯୁଦ୍ଧ କାଳୀନ ଭିତରେ ଟକେନ ପ୍ରଦାନ । ଏଗ୍ରିମେଣ୍ଟ କରିଥିବା ମିଲ୍ ମାଲିକଙ୍କୁ ସାମିଲ କରି ଧାନ କିଣିବା ବ୍ୟବସ୍ଥା କରାଯାଉ । ପ୍ରତି ମଣ୍ଡିରେ ଧାନ କିଣାର ଟାର୍ଗେଟ ସୂଚନା ପ୍ରଦାନ କରାଯାଇ ଚାଷୀଙ୍କୁ ଜଣାଇ ଦିଆଯାଉ । ଧାନ କିଣା ସମୟରେ ନେଟୱର୍କ ସୁବିଧା ଯୋଗାଇ ଦିଆଯାଉ ବୋଲି ଚାଷୀ ସଂଗଠନ ତହସିଲଦାର, ବିଡ଼ିଓ, ଲ୍ୟାମ୍ପ ଓ ଆରଏମ୍‌ସି ଅଧିକାରୀଙ୍କୁ ଲିଖିତ ଦାବି ପ୍ରଦାନ କରିଥିଲେ । ଏହାର ନକଲି ଜିଲ୍ଲା ପ୍ରଶାସନ ନିକଟକୁ ପଠାଇ ସମସ୍ୟାର ସମାଧାନ କରିବା ଦାବୀ ଜଣାଇଛନ୍ତି କୃଷକ ସଙ୍ଗଠନ । ଏଥିରେ ସଭାପତି ଶ୍ରୀନିବାସ ଚୌଧୁରୀ, ଦାଶରଥୀ ନାୟକ, ପ୍ରଶାନ୍ତ କୌଶଲ୍ୟାଙ୍କ ସହ ବହୁ ସଦସ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

**ଜୟପୁର, ୨୬ ।୧୨(ସମିସ):** ଜୟପୁର ସଦରଥାନା ଅନ୍ତର୍ଗତ ସଲପା ଗ୍ରାମରେ ଜଣେ ଯୁବକଙ୍କୁ ମରଣାନ୍ତରକ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି । ପୁଲିସ ସୂଚନାନୁଯାୟୀ, ପୀଡିତ ମଦନ ହରିଜନ ଗତକାଲି ସନ୍ଧ୍ୟା ୭ଟାରୁ ୮ଟା ସମୟ ମଧ୍ୟରେ ସଲପା ଗ୍ରାମର ଚର୍ଚ୍ଚ ନିକଟରେ ଖ୍ରୀଷ୍ଟମାସ ସାଂସ୍କୃତିକ କାର୍ଯ୍ୟକ୍ରମଠାରେ ରହିଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ବିଜୟ ଓ ଖାରୁଆ ଘଟଣାସ୍ଥଳରେ ପହଞ୍ଚି ପୀଡିତ ମଦନଙ୍କୁ ଖଣ୍ଡା ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଏଥିସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ପୀଡିତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ଏବଂ ପ୍ରଚୁର ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ସେ ଅଚେତ ହୋଇ ପଡ଼ିଯାଇଥିଲେ । ଗ୍ରାମବାସୀମାନେ ଗୁରୁତର ଅବସ୍ଥାରେ ପୀଡିତଙ୍କୁ ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଏନେଇ ପୀଡିତଙ୍କ ଭାଇ ଅଗାଧୁ ସଦରଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୁଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାରେ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ସିପିଆଇର ଶତବାର୍ଷିକୀ ପ୍ରତିଷ୍ଠା ଉତ୍ସବ

**ଜୟପୁର, ୨୬ ।୧୨(ସମିସ) :** ଭରତୀୟ କମ୍ୟୁନିଷ୍ଟ ପାର୍ଟିର ଶତବାର୍ଷିକ ଉତ୍ସବ ଶୁକ୍ରବାର ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନଠାରେ ବରିଷ୍ଠ ସଦସ୍ୟ ବୁଦ୍ରା ବଡନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ପାର୍ଟିର ଜିଲ୍ଲା ପରିଷଦ ସଭ୍ୟମାନେ ଦେଶ ଓ ରାଜ୍ୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ରାଜ୍ୟ ପରିଷଦ ସଭ୍ୟ ତଥା ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାଶ ଦଳର ସଦସ୍ୟଙ୍କ ପଦବୀ ନବୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଜନ ସମସ୍ୟା ସମାଧାନ ପାଇଁ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଛନ୍ତି । ରାଜ୍ୟରେ ଧାନର ଅଭାବୀ ବିକ୍ରି, ବେକାରୀ ସମସ୍ୟା ସମାଧାନ, ଦରଦାମ୍ ବୃଦ୍ଧି ଏବଂ ସର୍ବୋପରି ଦେଶର ସମ୍ବିଧାନ ଉପରେ ଆକ୍ରମଣ ବିରୁଦ୍ଧରେ ଜନ ସଚେତନତା ସୃଷ୍ଟି ସହ ଅଭିଯାନ ଜୋରଦାର କରିବାକୁ ଆହ୍ୱାନ କରାଯାଇଥିଲା । ଏଥିରେ ପୂର୍ବତନ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ ଦେଶରେ ସାମ୍ପ୍ରଦାୟିକବାଦୀଙ୍କ ପ୍ରଭାବ ବୃଦ୍ଧି ପାଇଛି । ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନରେ ବିଭ୍ରାଟ ସୃଷ୍ଟି କରାଯାଇ ଅରାଜକତା ସୃଷ୍ଟି କରାଯାଉଛି ବୋଲି ସମାଲୋଚନା କରିଥିଲେ । କୋରାପୁଟ ଜିଲ୍ଲାରେ ରେଳ ସମ୍ପ୍ରସାରଣ, ମେଡିକାଲ କଲେଜ ପ୍ରତିଷ୍ଠା, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହ କେବିକେ ଯୋଜନା ପ୍ରଣୟନ ଏବଂ ସେବା କାଗଜ କଳ ପୁନଃ କାର୍ଯ୍ୟକ୍ଷମ ନେଇ ଆନ୍ଦୋଳନ ହୋଇଛି ଏବଂ ଆଗାମୀ ଦିନରେ ମଧ୍ୟ ଏହା ଜାରି ରହିବ ବୋଲି ମତ ପ୍ରକାଶ ପାଇଛି । ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ବେହେରା, ଲୈଛନ ମୁଦୁଲି, ପବନ ମହୁରିଆ ପ୍ରମୁଖ ଉପସ୍ଥିତ ଥିଲେ । ଦଶମନ୍ତପୁର ଜୋନ୍‌ରେ ଜିଲ୍ଲାର ଅନ୍ୟତମ ସହ ସମ୍ପାଦକ କୁମର ଜାନୀଙ୍କ ନେତୃତ୍ୱରେ ଶତବାର୍ଷିକୀ ପାଳନ ସଭା ଅନୁଷ୍ଠିତ ହୋଇଯାଇଛି ।

# ମାଗଣା ହୋମିଓପାଥିକ ଚିକିତ୍ସା ଶିବିର




**କୋରୁକୋଣ୍ଡା/ବାଲିମେଳା, ୨୬ ।୧୨(ସମିସ):** ମାଲକାନଗିରି ଜିଲ୍ଲା ବାଲିମେଳା ସହର ସ୍ଥିତ ଟାଉନ ହଲ ପରିସରରେ ଆଜି ମାଲକାନଗିରି ସଦର ସ୍ଥିତ ରୟାଲ ହୋମିଓ କ୍ଲିନିକ ପକ୍ଷରୁ ମାଗଣା ହୋମିଓପାଥିକ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ବାଲିମେଳା ସହର ତଥା ଏହାର ଆଖପାଖ ଅଞ୍ଚଳ ଯଥା:- ନିଳାଦ୍ରୀନଗର, ସୋରଲୁକୋଣ୍ଡା, ଚିତାପାରି-୩, ଏମଭି-୧୦୯, ଏମଭି-୧୦୪ ଏପରି ବହୁ ଅଞ୍ଚଳରୁ ୧୫୦ରୁ ଊର୍ଦ୍ଧ୍ୱ ଲୋକ ଆସି ଏହି ଶିବିରରେ ମାଗଣାରେ ନିଜ ନିଜର ଚିକିତ୍ସା କରିଥିଲେ । ଏହି ମାଗଣା ଚିକିତ୍ସା ଶିବିରଟି ଦୀର୍ଘ ୨ ବର୍ଷ ଧରି ରୟାଲ କ୍ଲିନିକ ପକ୍ଷରୁ ମାଗଣାରେ ଆୟୋଜିତ କରାଯାଉଥିବାବେଳେ ତୃତୀୟ ବର୍ଷରେ ଏହି ଚିକିତ୍ସା ଶିବିର ଆଜି ବାଲିମେଳାରେ ଡାକ୍ତର ଜ୍ଞାନ ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା । ଡାକ୍ତର ଦିବ୍ୟ ରଞ୍ଜନ ପଣ୍ଡା, ଡାକ୍ତର ଅରୁଣ ପ୍ରସାଦ ପଣ୍ଡା, ଡାକ୍ତର ଦୀନନାଥ ପାଢ଼ୀ, ଡାକ୍ତର କୌଶଲ୍ୟା ନାୟକ, ଡାକ୍ତର ରଶ୍ମିତା ପାଢ଼ୀ, ଡାକ୍ତର ବିଷ୍ଣୁପ୍ରିୟା ପଟ୍ଟନାୟକ, ଡାକ୍ତର ଲୋପାମୁଦ୍ରା ପ୍ରଧାନ, ଡାକ୍ତର ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ମଧୁମେହ, ଉଚ୍ଚ ରକ୍ତଚାପ, ଶ୍ୱାସ ଜନିତ ରୋଗ, ଚର୍ମ ରୋଗ, ସ୍ନାୟୁ ଜନିତ ରୋଗ, ଥଣ୍ଡା କାଶ, ଆଣ୍ଠୁ ଗଣ୍ଠି ବାତ, ସ୍ତ୍ରୀ ରୋଗ ଆଦି ଚିକିତ୍ସାର ସଫଳ ପରୀକ୍ଷଣ କରିବା ସହ ଉଚିତ ପରାମର୍ଶ ଦେଇଥିଲେ । ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଗୋଲକ ବିହାରୀ ପାଢ଼ୀ, ପ୍ରଶାନ୍ତ କୁମାର ପାଢ଼ୀ, ସୁରଜ ଦାସ, ପ୍ରଦୀପ ମାହାଳି, ପ୍ରସନ୍ନ କୁମାର ସାହୁ ପ୍ରମୁଖ ସମାଜସେବୀ ମାନେ ଉପସ୍ଥିତ ରହି ଏହି ମାଗଣା ହୋମିଓପାଥିକ ଚିକିତ୍ସା ଶିବିରକୁ ପରିଚାଳନା କରିଥିଲେ ।

# ଜୟପୁରରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ




**ଜୟପୁର, ୨୬ ।୧୨(ସମିସ):** ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ସ୍ଥାନୀୟ ରାୟ କଲୋନୀଠାରେ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ମନ୍ତ୍ରୀ ରବି ନାରାୟଣଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେଡି ଦଳ ଶାସନ ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶା ଦରିଦ୍ରତାରୁ ଉଠି ଏବେ ଦେଶର ଗୋଟିଏ ଅଗ୍ରଣୀ ରାଜ୍ୟ ଭାବେ ସାରା ଦେଶରେ ପରିଚିତ ହୋଇପାରିଛି ବୋଲି ବକ୍ତାମାନେ କହିଥିଲେ । ସେହିପରି ଉପାନ୍ତ ଜିଲ୍ଲାର ଗୁଡିକର ଯୋଗାଯୋଗ, ଗମନାଗମନ, ସ୍ୱାସ୍ଥ୍ୟ ଓ ଶିକ୍ଷାର ସୁବିଧା, କୃଷି ଓ କ୍ରୀଡା କ୍ଷେତ୍ରରେ ବିକାଶ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଜେଡି ସରକାର ଦ୍ୱାରା ହିଁ ସମ୍ଭବପର ହୋଇପାରିଛି । ବର୍ତ୍ତମାନ ରାଜ୍ୟରେ ନାରୀ ନିର୍ଯାତନା, ଚାଷୀମାନେ ଅମଳ ଫସଲ ବିକ୍ରି ପାଇଁ ହଇରାଣ ହେଉଛନ୍ତି । ତେଣୁ ଏହାର ସମାଧାନ ନିଶ୍ଚିତ ଭାବେ ଆବଶ୍ୟକ ଅନ୍ୟଥା ଦଳ ପକ୍ଷରୁ ରାଜରାସ୍ତାରେ ସାଧାରଣ ଲୋକଙ୍କ ପାଇଁ ଆନ୍ଦୋଳନ କରିବ ବୋଲି ବୈଠକରେ ଚେତାବନୀ ଦିଆଯାଇଛି । ଏହି ଅବସରରେ ପ୍ରାରମ୍ଭରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜନନାୟକ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏଥିରେ ବିଜେଡିର ବରିଷ୍ଠ ସଦସ୍ୟ ବାଲା ରାୟଙ୍କ ମଞ୍ଚ ପରିଚାଳନାରେ କରିଥିବା ବେଳେ ବରିଷ୍ଠ ନେତା ସୂର୍ଯ୍ୟଜଦନାରାୟଣ ରଥ, ଦୁର୍ଗା ପ୍ରସାଦ ମିଶ୍ର, ଅନୁ, ଏ.ଶ୍ରୀନିବାସ ରାଓ, ଶିବ ପଟ୍ଟନାୟକ, ବାଲିଙ୍ଗି ରାଓ, ହର ପ୍ରସାଦ ମିଶ୍ର, ଧନ ଖରା, ଯଶପାଲ ସିଂ, ପାର୍ଥ ସାରଥି ମଲ୍ଲିକ, ଅଜିତ ବେହେରା, ସୁଷମା ମହାପାତ୍ର, ପଦ୍ମା ରେଡ୍ଡି, ଏ. ଭଦ୍ରାବେଣୀ, ଅନିତା କୁମାରୀ ରାୟ, ମାଧବ ରଥ. ରାଜା ପାଢ଼ୀ, ବାପି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସ୍ଥାନୀୟ ବିଜୁ ରାଜ ନଗରଠାରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।

# ମୋବାଇଲ୍ ହସ୍ପିଟାଲ ଯୋଗୁଁ ହାତ ପାଆନ୍ତାରେ ମିଳୁଛି ସ୍ୱାସ୍ଥ୍ୟ ସେବା



**ଅମ୍ବାଦଲା, ୨୬ ।୧୨(ସମିସ):** ହାତ ପହାନ୍ତାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇ ଆସୁଛି ଅମ୍ବାଦଳା ସତ୍ୟ ସାଇ ସେବା ସମିତି । ସେହିପରି ଆଜି ସମିତି ପକ୍ଷରୁ ଚାଲିଛି ମୋବାଇଲ୍ ହସ୍ପିଟାଲ ସହ ମାଗଣା ସ୍ୱାସ୍ଥ୍ୟ ସେବା ଚାଲୁଥିବା ଦେଖିବାକୁ ମିଳିଛି । ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଇଚ୍ଛାପୁର ପଞ୍ଚାୟତ ପରିସରରେ ମୋବାଇଲ୍ ସ୍ୱାସ୍ଥ୍ୟ ସେବା ମାଧ୍ୟମରେ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ସହିତ ଔଷଧ ପ୍ରଦାନ କରାଯାଉଥିବା ଦେଖିବାକୁ ମିଳିଛି । ଏକ ବସ ଭିତରେ ପରୀକ୍ଷାଗାର ସହିତ ରହିଛି ଅତ୍ୟାଧୁନିକ ଯନ୍ତ୍ରପାତି । ତା' ଭିତରେ ବିଶେଷଜ୍ଞମାନେ ରହି କରୁଛନ୍ତି ରୋଗୀ ଚିକିତ୍ସା । ଆଜି କାନ, ଦାନ୍ତ, ଚକ୍ଷୁ ବିଶେଷଜ୍ଞ ସହିତ ଔଷଧ ବିଶେଷଜ୍ଞମାନେ ଉପସ୍ଥିତ ରହି ରୋଗୀ ଚିକିତ୍ସା କରିଥିଲେ । ଅମ୍ବାଦଳା ସତ୍ୟ ସାଇ ସେବା ସମିତି ପକ୍ଷରୁ ହାତ ପାହାନ୍ତରେ ଏଭଳି ମାଗଣା ସେବା ପାଉଥିବାରୁ ଅଯଥା ଖର୍ଚ୍ଚାନ୍ତରୁ ବଞ୍ଚିତ ହେଉଥିବା ପ୍ରକାଶ କରିଛନ୍ତି ଅଞ୍ଚଳବାସୀ । ଏହି କାର୍ଯ୍ୟକ୍ରମରେ ସତ୍ୟ ସାଇ ସେବା ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ରହିବା ସହ ସହଯୋଗ କରିଥିଲେ ।

# ଶିକ୍ଷକ ରବୀନ୍ଦ୍ର ମିଶାଲଙ୍କୁ ଶ୍ରଦ୍ଧାଞ୍ଜଳି



**ଗୁଣପୁର, ୨୬।୧୨(ସମିସ):** ଗୁଣୁପୁର ବ୍ଲକ ଜଲତରା କ୍ଲଷ୍ଟର ନୂଆ ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍କୁଲ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ରବୀନ୍ଦ୍ର ମିଶାଲଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଉଦ୍ଦେଶ୍ୟରେ ଆଜି ସ୍ଥାନୀୟ ଏସ୍‌ପିଗୁଡା ସ୍ଥିତ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଜଲତାର କ୍ଲଷ୍ଟରର ସିଆରସି ଗଣେଶ ଗଉଡଙ୍କ ଆହ୍ୱାନ କ୍ରମେ କ୍ଲଷ୍ଟରର ବିଭିନ୍ନ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ଶିକ୍ଷକ ରବୀନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସୂଚନାଯୋଗ୍ୟ, ଚଳିତ ମାସ ୨୩ ତାରିଖ ଦିନ ମଧ୍ୟାହ୍ନ ଭୋଜନ ଟଙ୍କା ଉଠାଇବାକୁ ରାୟଗଡ଼ା ଅଭିମୁଖେ ଯାଉଥିବା ବେଳେ ମୁକୁନ୍ଦପୁର ନିକଟରେ ହୃଦ୍‌ଘାତରେ ମୃତ୍ୟୁ ବରଣ କରିଥିଲେ । ସେ ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ରବୀନ୍ଦ୍ର ସ୍କୁଲର ମଧ୍ୟାହ୍ନ ଭୋଜନ ଟଙ୍କା ଉଠାଇବା ପାଇଁ ଯାଉଥିବା ବେଳେ ମୁକୁନ୍ଦପୁର ପାଖରେ ହଠାତ୍ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । କିଛି ସମୟ ପରେ ସେ ତଳେ ଟଳି ପଡ଼ିଥିଲେ । ଖବରପାଇ ପୁଲିସ୍ ପହଞ୍ଚି ଶବ ଜବତ କରି ଜିଲ୍ଲା ହସ୍‌ପିଟାଲ୍‌କୁ ପଠାଇଥିଲା । ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ଅନ୍ୟପକ୍ଷରେ ଶିକ୍ଷକ ସଂଘର ଅଭିଯୋଗ ଅନୁଯାୟୀ, ସରକାରଙ୍କ ଏମ୍‌ଡିଏମ୍ ଟଙ୍କା ଦେବା ପ୍ରକ୍ରିୟାରେ ତ୍ରୁଟି ରହିଛି । ଯାହାଫଳରେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି । ଜିଲ୍ଲା ପ୍ରଶାସନକୁ ଗୁଣପୁର ଶିକ୍ଷକମାନେ ବହୁବାର ବ୍ୟାଙ୍କ୍ ବଦଳାଇବାକୁ ଦାବି କରି ଆସୁଥିଲେ । କିନ୍ତୁ ପ୍ରଶାସନର ଖାମଖିଆଲି ମନୋଭାବ ଯୋଗୁଁ ଜଣେ ଶିକ୍ଷକ ପ୍ରାଣ ହରାଇଛନ୍ତି ବୋଲି ମତ ପ୍ରକାଶ ପାଇଛି ।

# ସାମ୍ବାଦିକଙ୍କ ମାତୃ ବିୟୋଗ



**ଜୟପୁର, ୨୬ ।୧୨(ସମିସ):** ଜୟପୁର ସହରର ଇଂରାଜୀ ଦୈନିକ ପତ୍ରିକାର ସାମ୍ବାଦିକ ସତ୍ୟପଟ୍ଟନାୟକଙ୍କ ମାତା ସ୍ୱର୍ଗତା ସୁଶାନ୍ତି ପଟ୍ଟନାୟକ (୭୯)ଙ୍କ ଗତକାଲି ରାତି ପରଲୋକ ହୋଇଯାଇଛି । ସ୍ୱର୍ଗତା ସୁଶାନ୍ତି ଜଣେ ମେଳାପି ଓ ପରୋପକାରୀ ମହିଳା ଥିଲେ । ଗତକାଲି ରାତି ୧୧ଟା ସମୟରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ଚିକିତ୍ସା କରିବା ସମୟରେ ତାଙ୍କ ମୃତ୍ୟୁ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କ ନିକଟରେ ପୁଅ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସତ୍ୟନାରାୟଣ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ଝିଅ ପ୍ରଣତି ପଟ୍ଟନାୟକ, ପୁତ୍ରବଧୂ ଓ ନାତି ନାତୁଣୀ ଉପସ୍ଥିତ ଥିଲେ । ଆଜି ସ୍ଥାନୀୟ ଚମ୍ପାଖୁପୁଲି ଶ୍ମଶାନରେ ତାଙ୍କର ଅନ୍ତେଷ୍ଟିକ୍ରିୟା ଅନୁଷ୍ଠିତ ହୋଇଥିଲା ।

# ୧୮ ଦଫା ଦାବି ନେଇ ଡାକ୍ତରଙ୍କ ଘଣ୍ଟିକିଆ ରୋଗୀସେବା ବନ୍ଦ

କୋରୁକୋଣ୍ଡା, ୨୬ ।୧୨(ସମିସ)






ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସମସ୍ତ ସରକାରୀ ଡାକ୍ତରଖାନାରେ ଦୀର୍ଘ ଏକ ଘଣ୍ଟା ଧରି ଓପିଡି ବନ୍ଦ ରହିଥିଲା । ମାଲକାନଗିରି ଜିଲ୍ଲାରେ ଥିବା ସମସ୍ତ ଛୋଟ ବଡ଼ ସରକାରୀ ଡାକ୍ତରଖାନାରେ ଆଜି ଏକ ଘଣ୍ଟା ଡାକ୍ତରୀ ସେବା ସମ୍ପୂର୍ଣ୍ଣ ବନ୍ଦ ହିଥିଲା । ଓଡ଼ିଶା ସେବାରତ ଡାକ୍ତର ମହାସଂଘ ଦ୍ୱାରା ୧୮ ଦଫା ଦାବି ନେଇ ଆଜି ଏହି ବନ୍ଦ ଡାକରା ଦିଆଯାଇଥିଲା । ଦାବି ଗୁଡିକ ମଧ୍ୟରେ ବିନା ସର୍ତ୍ତରେ କେନ୍ଦ୍ରୀୟ ହାରରେ ଡିଏସିପି, ଅନ୍ୟ ପ୍ରଥମ ଶ୍ରେଣୀ କନିଷ୍ଠ ବର୍ଗଙ୍କ ଭଳି ଦରମା ଗଠନ ଏବଂ ଡିଏସିପିରେ ଦରମା ନିର୍ଦ୍ଧାରଣରେ ସୋପାନ ୧୫କୁ ବାଦ ଦିଆଯାଉ, ଦନ୍ତ ଚିକିତ୍ସକ ଓ ଓଏମଏଚଏସ କ୍ୟାଡ଼ର ପୁନର୍ବିନ୍ୟାଶ କରାଯାଉ, କେବିକେ ଜିଲ୍ଲାରେ ୫ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟରତ ଡାକ୍ତରଙ୍କୁ ଉପକୂଳବର୍ତ୍ତୀ ଅଞ୍ଚଳକୁ ବଦଳି ନିଶ୍ଚିତ କରାଯାଉ, ବିଶେଷଜ୍ଞ, ଡିପ୍ଲୋମା ଧାରୀ ବୃଦ୍ଧି କରାଯାଉ, ପ୍ରଶାସନିକ ଭତ୍ତା ଓ ଦନ୍ତ ଚିକିତ୍ସକଙ୍କୁ ବିଶେଷଜ୍ଞ ଭତ୍ତା ଦିଆଯାଉ, ପୋଷ୍ଟମର୍ଟମ ଭତ୍ତା ବୃଦ୍ଧି କରାଯାଉ, ଅଗ୍ରାଧିକାର ଭିତ୍ତିରେ ଡାକ୍ତରୀ ଖାଲି ପଦବୀ ପୂରଣ ଏବଂ ପ୍ରତିବର୍ଷ ବିଭାଗୀୟ ପଦୋନ୍ନତି କମିଟି ବସାଇ ପଦୋନ୍ନତି ଦିଆଯାଉ, କାର୍ଯ୍ୟରତ ଡାକ୍ତରଙ୍କୁ କଡ଼ା ସୁରକ୍ଷା ଦିଆଯାଉ, ରାଜଧାନୀରେ ଥିବା କ୍ୟାପିଟାଲ ହସ୍ପିଟାଲର ସ୍ଥିତି ବଜାୟୀ ରଖାଯାଉ, ସଙ୍କଟ ପୂର୍ଣ୍ଣ ଅବସ୍ଥାରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ବୀମା ଦିଆଯାଉ, ପ୍ରତ୍ୟେକ ଡାକ୍ତରଖାନା ପରିସରରେ ଡାକ୍ତରଙ୍କ ପାଇଁ ବାସଗୃହ ନିର୍ମାଣ କରାଯାଉ, ଏଡିଏଚଓସି ଡାକ୍ତରଙ୍କୁ ନିୟମିତ କରିବା ସହ ତାଙ୍କର ଚାକିରି କାଳକୁ ଡିଏସିପି ଅନ୍ତର୍ଭୁକ୍ତ କରାଯାଉ ଭଳି ଅନେକ ଦାବି ରହିଛି । ଏହି ଦାବି ଗୁଡିକକୁ ନେଇ କୋରୁକୋଣ୍ଡା ସଦର ସ୍ଥିତ ସାମୁଦାୟିକ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚସି) ଏବଂ ବାଲିମେଳା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏସି) ସହିତ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ସରକାରୀ ଡାକ୍ତରଖାନା ଯଥା- ମାଟାପାକା, ତୁମସାପାଲି, ଏମଭି-୧୯ ଏବଂ ଏମଭି - ୪୭ ଡାକ୍ତରଖାନାରେ ଏକ ଘଣ୍ଟା ଧରି ରୋଗୀସେବା ବନ୍ଦ ରହିଥିଲା । ଯାହା ଦ୍ୱାରା ଉକ୍ତ ଅଞ୍ଚଳ ଗୁଡିକରେ ଶତାଧିକ ସାଧାରଣ ଲୋକ ଡାକ୍ତରୀସେବାରୁ ବଞ୍ଚିତ ରହିଥିଲେ । ଏକ ଘଣ୍ଟା ଧରି ଓପିଡି ବନ୍ଦ ରହିବା ଦ୍ୱାରା ଗ୍ରାମାଞ୍ଚଳର ଶତାଧିକ ଗରିବ ଶ୍ରେଣୀୟ ଲୋକମାନେ ସ୍ୱାସ୍ଥ୍ୟସେବା ପାଇବାର ସୁଯୋଗ ହରେଇଥିଲେ । ମାଲକାନଗିରି ଜିଲ୍ଲା ସର୍ବଦା ସ୍ୱାସ୍ଥ୍ୟସେବାରେ ଅବହେଳିତ ରହିଥିବା ବେଳେ ଆଜି ଅନେକ ରୋଗୀ ହଟାହଟା ହୋଇଥିବା ଦେଖିବାକୁ ମିଳିଥିଲା । ସେପଟେ ଯଦି ରାଜ୍ୟ ସରକାର ଡାକ୍ତର ମହାସଂଘର ଦାବି ପୂରଣ ନ କରନ୍ତି ତେବେ ସେବାରତ ଡାକ୍ତର ମାନେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରିବେ ଡାକ୍ତର ମହାସଂଘ ପକ୍ଷରୁ କୁହାଯାଇଛି । ଡାକ୍ତର ମହାସଂଘର ଆନ୍ଦୋଳନକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲାବାସୀ ଏବେ ଆଶଙ୍କିତ ହୋଇ ପଡ଼ିଛନ୍ତି । ଆନ୍ଦୋଳନ ଲାଗି ରହିଲେ ମାଲକାନଗିରି ଭଳି ପଛୁଆ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭାବେ ଭୁଷୁଡି ନେଇ ଆଶଙ୍କା ରହିଛି । ଏ ସମ୍ପର୍କରେ ବାଲିମେଳା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରା ପ୍ରାପ୍ତ ଡାକ୍ତର ସୌଭାଗ୍ୟ କୁମାର ହୁଇଙ୍କୁ ପଚାରିବାରୁ ଓସମା ଦ୍ୱାରା ଦିଆଯାଇଥିବା ୧୮ ଦଫା ଦାବି ଯଦି ସରକାର ନ ମାନନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲି କହିଛନ୍ତି । ସୂଚନା ଥାଉକି, ଗତ ସେପ୍ଟେମ୍ବର ମାସ ୧୮ ତାରିଖରେ ବାଲେଶ୍ୱର ଠାରେ ୧୨ ଶହ ଡାକ୍ତରଙ୍କ ଉପସ୍ଥିତିରେ ଏକ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଡାକ୍ତରଙ୍କ ବିଭିନ୍ନ ନ୍ୟାର୍ଯ୍ୟ ଦାବି ଗୁଡ଼ିକ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହା ମଧ୍ୟରେ ପ୍ରାୟ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ନାହାଁନ୍ତି ।

**ପଦ୍ମପୁର:** ରାୟଗଡ଼ା ଜିଲ୍ଲାର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରମାନେ ସେମାନଙ୍କ ୧୮ ଦଫା ଦାବିକୁ ନେଇ ଆଜି ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ବର୍ହିଃ ବିଭାଗକୁ ବନ୍ଦ କରିଛନ୍ତି । ଯଦ୍ୱାରା ଆସିଥିବା ରୋଗୀମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସୂଚନାଯୋଗ୍ୟ, ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ୍ (ଓମସା) ଓ ରାୟଗଡ଼ା ଜିଲ୍ଲା ଶାଖାକୁ ସମର୍ଥନ ଜଣାଇ ଡାକ୍ତରମାନେ ସେମାନଙ୍କ ୧୮ ଦଫା ଦାବିକୁ ନେଇ ଆଜି ଦିନ ୧୦ଟାରୁ୧୧ଟା ପର୍ଯ୍ୟନ୍ତ ବର୍ହିଃବିଭାଗକୁ ବନ୍ଦ କରିଛନ୍ତି । ଯଦ୍ୱାରା ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ ନାଇରା ଡେରିଗା, କେନ୍ଦୁଗୁଡା ଓ ଲିକିଟିପଦର ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକ ମଧ୍ୟ ବନ୍ଦ କରାଯାଇଥିବା ଦେଖିବାକୁ ମିଳିଥିଲା । ଡାକ୍ତରମାନଙ୍କ ପ୍ରମୁଖ ଦାବି ଗୁଡ଼ିକ ମଧ୍ୟରେ ବାର୍ଷିକ ପଦନ୍ନତି, ଡାକ୍ତରମାନଙ୍କୁ ସରକାରୀ କ୍ୱାର୍ଟସ, କେନ୍ଦ୍ରୀୟ ବେତନ ହାରରେ ପାରିଶ୍ରମିକ ବୃଦ୍ଧି, ସମସ୍ତ ସ୍ୱାସ୍ଥ୍ୟ କର୍ମୀଙ୍କ ସ୍ୱାସ୍ଥ୍ୟ ବୀମାଭୁକ୍ତ କରାଯିବା, ଭଳି ୧୮ଦଫାଦାବି ସମ୍ବଳିତକୁ ନେଇ ଆଜି ଅନ୍ଦୋଳନ କରିଛନ୍ତି । ଏହି ସମୟରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନ୍‌ଚାର୍ଜ ଋତୁପର୍ଣ୍ଣା ପଟ୍ଟନାୟକ, ଡାକ୍ତର ଚିନ୍ମୟ ସାମଲ୍, ଡାକ୍ତର ସେଖର ସାମିଲ, ଲାଡି ରାକେଶ, ଡାକ୍ତର ସିଦ୍ଧାର୍ଥ ଦାଶ, ଡାକ୍ତର ମଧୁସ୍ମିତା ଦଳେଇ, ଡାକ୍ତର ଶ୍ରବଣ କୁମାର ସାହୁ, ଡାକ୍ତର ସାନ୍ତୁନୁ ଜେନା ପ୍ରମୁଖ ସମର୍ଥନ ଜଣାଇ ଏକ ଘଣ୍ଟା ଓପିଡି ଓ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ବର୍ଜନ କରିଥିଲେ । ତେବେ ଗତ ନଭେମ୍ବର ୨୦ ତାରିଖରୁ ଓମ୍‌ସା କ୍ୟାଡ଼ର କଳା ପୋଷାକ ପରିଧାନ ପୂର୍ବକ ରୋଗୀକୁ ଉତ୍ତମ ସେବା ଯୋଗାଇ ଆସୁଥିଲେ ମଧ୍ୟ ସରକାର ସେମାନଙ୍କ ଦାବିକୁ ଅଣଦେଖା କରୁଛନ୍ତି ବୋଲି ଡାକ୍ତର ମାନେ ମତପ୍ରକାଶ କରିବା ସହ ରୋଗୀଙ୍କୁ ଏହି ସମୟ ମଧ୍ୟରେ କିଛି ହେଲେ ପ୍ରଶାସନ ଦାୟୀ ରହିବେ ବୋଲି ମତବ୍ୟକ୍ତ କରିଛନ୍ତି ।

## ରାୟଗଡ଼ା ଲୋକ ମହୋତ୍ସବ 'ଚଇତି ମହାକୁମ୍ଭ-୨୦୨୫' ଉଦ୍‌ଘାଟିତ

# କଳା, ସଂସ୍କୃତିର ମିଳନର ମହୋତ୍ସବ 'ଚଇତି'














### ପ୍ରଥମ ସନ୍ଧ୍ୟାରେ ଝୁମାଇଲେ ଅଭିନେତ୍ରୀ ଶୀତଳ, କଣ୍ଠଶିଳ୍ପୀ ଅନନ୍ୟା

ରାୟଗଡ଼ା, ୨୬।୧୨(ସମିସ)

ଶୁକ୍ରବାର ଶୀତୁଆ ସନ୍ଧ୍ୟାରେ ଉଦ୍‌ଘାଟନ ହୋଇଯାଇଛି ରାୟଗଡ଼ା ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବ 'ଚଇତି ଓ ପଲ୍ଲିଶ୍ରୀ ମେଳା -୨୦୨୫'। ଅପରାହ୍ନରେ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣିଙ୍କ ଠାରେ ପୂଜାର୍ଚ୍ଚନା ପରେ ଅଙ୍କାମାଳ ନେଇ ଚଇତି ମଶାଲ ଓ ପବିତ୍ର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶ୍ରୀ ଜଗନ୍ନାଥ ମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥରେ ନେଇ ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ଜନ ସମାଗମ ମଧ୍ୟରେ ପାରମ୍ପରିକ ବାଜା, ବାଦ୍ୟ, ଆଦିବାସୀ ନୃତ୍ୟ, ଡିଜେ ମଧ୍ୟରେ ସ୍ଥାନୀୟ ପିଏମଶ୍ରୀ ଜିସିଡ଼ି ହାଇସ୍କୁଲ ପଡ଼ିଆରରେ ଚଇତି ମଣ୍ଡପରେ ମା' ମଝିଘରିଆଣି, କଳସ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ଥାପନା କରାଯାଇଥିଲା। ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ରାୟଗଡ଼ା ଜିଲ୍ଲାର ତିନି ବିଧାୟକ, ଜିଲ୍ଲାସ୍ତରୀୟ ଅଧିକାରୀ, ଏସ୍‌ଏଚ୍‌ଜୀ ଗ୍ରୁପ ସଦସ୍ୟା, ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଜନ ସାଧାରଣଙ୍କ ଗହଣରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଶ୍ରୀ କୁଲକର୍ଣ୍ଣିଙ୍କ ସଭାପତିତ୍ୱରେ ସନ୍ଧ୍ୟାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚଇତି ମହୋତ୍ସବର ଉଦଘାଟନ କରିଥିଲେ। ଏଥିରେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଅତିଥିଙ୍କୁ ସମ୍ମାନିତ କରାଯାଇଥିବାବେଳେ ଅଧ୍ୟକ୍ଷ ଶ୍ରୀ କୁଲକର୍ଣ୍ଣି ସ୍ୱାଗତ ଭାଷଣ ରଖିଥିଲେ। ଏଥିରେ ସମ୍ମାନିତ ଅତିଥି ବିଧାୟକମାନେ ଜିଲ୍ଲାର ବିକାଶ ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଥିବା ଏବଂ ଜିଲ୍ଲାର ପର୍ଯ୍ୟଟନ ବିକାଶ, ଦିନ ବେଳା ରାୟଗଡ଼ାରୁ ଭୁବନେଶ୍ୱରକୁ ଟ୍ରେନ ଚଳାଚଳ ଓ ଅନ୍ୟ କ୍ଷେତ୍ରର ବିକାଶ ବିଷୟରେ ଅଭିଭାଷଣ ରଖିଥିଲେ। ସେହିପରି ଚଇତି ଉଦଘାଟନ ସମାରୋହରେ ମୁଖ୍ୟ ଅତିଥି ଶ୍ରୀ ମଲ୍ଲିକ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ନିଜ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ଏବଂ ଜିଲ୍ଲାର କଳା, ସଂସ୍କୃତି, ସ୍ଥାପତ୍ୟ, ପରମ୍ପରାର ଗାଥାକୁ ପ୍ରଶଂସା କରି ଜିଲ୍ଲାର ବିକାଶ ପାଇଁ ସରକାର ଜିଲ୍ଲାକୁ ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା କହିଥିଲେ। ପ୍ରଥମ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଶୀ ନୃତ୍ୟ ଗୁରୁ ତ୍ରିଲୋଚନ ସାହୁ ଓ ସାଥି ଓଡିଶୀ ନୃତ୍ୟରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରେ ଡଙ୍ଗରିଆ କନ୍ଧ ଆଦିବାସୀ ନୃତ୍ୟ, ଲାଞ୍ଜିଆ ସୌରା ଆଦିବାସୀ ନୃତ୍ୟ, ଓଡ଼ିଆ ସିନେମାର ଅଭିନେତ୍ରୀ ଶୀତଲ ପାତ୍ରଙ୍କ କଳା ପରିବେଷଣ ପରେ କଣ୍ଠଶିଳ୍ପୀ ଅନନ୍ୟା ଶ୍ରୀତମ ନନ୍ଦ ଗୋଟିଏ ପରେ ଗୋଟିଏ ସୁପରହିଟ୍ ଗୀତ ଗାଇ ଦର୍ଶକଙ୍କୁ ମତୁଆଲା କରିଥିଲେ। ସେହିପରି ଚଇତି ମଞ୍ଚରେ ରାୟଗଡ଼ା ଜିଲ୍ଲାର ନାମକୁ ଗର୍ବ ଓ ଗୌରବ ଆଣିଥିବା କୃଷି କ୍ଷେତ୍ରରେ ଚାଷୀ ଟି.ରାମୁ, ଜାତୀୟସ୍ତରୀୟ କ୍ରୀଡାରେ ସ୍ୱର୍ଣ୍ଣ ପଦକ ପାଇଥିବା ଖେଳାଳି କବିସୂର୍ଯ୍ୟ ନାୟକ, ସାଂସ୍କୃତିକ ରଙ୍ଗଶିଳ୍ପୀ କ୍ଷେତ୍ରରେ ଜୁନେଶ ଗମାଙ୍ଗ ଭଳି ୩ଜଣ ବ୍ୟକ୍ତି ବିଶେଷଙ୍କୁ ଚଇତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭାଟଗୁଡ଼ା ହତ୍ୟାକାଣ୍ଡ; ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

**ହତ୍ୟାକାଣ୍ଡର ୭୧ ଦିନ ମଧ୍ୟରେ ସଜା**



ବିଷମ କଟକ, ୨୬।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଚାଞ୍ଚଡାଗୁଡା ପଞ୍ଚାୟତର ଭାଟଗୁଡା ଗ୍ରାମରେ ଗତ ଅକ୍ଟୋବର ମାସ ୧୫ ତାରିଖରେ ଘଟିଥିବା ଏକ ହତ୍ୟାକାଣ୍ଡର ଶୁଣାଣି କରି ମାନ୍ୟବର ଅଦାଲତ ହତ୍ୟାକାରୀ କୁନିଲ ଲୋହାରାଙ୍କୁ ଆଜି ଆଜୀବନ କାରାଦଣ୍ଡ ସାଙ୍ଗକୁ ୧୦ ହଜାର ଟଙ୍କାର ଜୋରିମାନା ଶୁଣାଣି କରିଛନ୍ତି। ଓଡ଼ିଶାର ଏହି ହତ୍ୟା ମାମଲାକୁ ସବୁଠାରୁ ଦ୍ରୁତ ଦଣ୍ଡାଦେଶର ରେକର୍ଡ ସ୍ଥାପିତ ହୋଇଛି। ଏଭଳି ଏକ ହତ୍ୟା ମାମଲାର ବିଚାର କରି ବିଷମକଟକ ଅତିରିକ୍ତ ଜିଲ୍ଲା ଓ ସତ୍ର ନ୍ୟାୟାଳୟ ମାତ୍ର ୭୧ ଦିନ ମଧ୍ୟରେ ଦୋଷୀକୁ ଦଣ୍ଡିତ କରିଛନ୍ତି। ବିଷମକଟକ ଥାନା ଅଧୀନରେ ଗତ ଅକ୍ଟୋବର ମାସ ୧୫ତାରିଖରେ କେଶ ନଂ ୧୫୩ ଅନୁଯାୟୀ ଏକ ହତ୍ୟା ମାମଲା ରୁଜୁ କରାଯାଇଥିଲା। ୧୪ ଅକ୍ଟୋବରରେ ଭାଟଗୁଡା ଗ୍ରାମରେ ଏକ ହତ୍ୟକାଣ୍ଡ ଘଟଣାରେ ଦିଲିପ ଲୋହାରଙ୍କୁ କୁନିଲ୍ ଲୋହାରା ଟାଙ୍ଗିଆରେ ହାଣି ନୃଶଂସ ଭାବେ ହତ୍ୟା କରିଥିଲେ। ହତ୍ୟାକାଣ୍ଡର ୮ ଦିନ ମଧ୍ୟରେ ଫୋରେନ୍ସିକ୍ ନମୁନା ଫ୍ଲରେନ୍‌ସିକ୍ ଲ୍ୟାବ୍‌କୁ ପଠାଯାଇଥିବା ବେଳେ ୨୦ ଦିନ ମଧ୍ୟରେ ଏହାର ଚାର୍ଜସିଟ୍ ଅଦାଲତରେ ଦାଖଲ କରିଥିଲା ବିଷମ କଟକ ପୋଲିସ୍। ତେବେ ଆଜି ମାନ୍ୟବର ଅଦାଲ ତାଙ୍କ ରାୟ ଘୋଷଣା କରି ଅଭିଯୁକ୍ତଙ୍କୁ ଆଜୀବନ କାରାବାସ ସହ ଦଶ ହଜାର ଟଙ୍କର ଅର୍ଥଦଣ୍ଡ ଘୋଷଣା କରିଛନ୍ତି। ଘଟଣାର ୭୧ ଦିନ ମଧ୍ୟରେ ନୃଶଂସ ହତ୍ୟା ମାମଲାର ଶୁଣାଣି କରିବା ଓଡ଼ିଶାରେ ଏହା ଏକ ବିରଳ ଉଦାହରଣ ସୃଷ୍ଟି କରିଛି। ଯାହା ରାୟଗଡ଼ା ଜିଲ୍ଲାର ଅପରାଧିକ ନ୍ୟାୟ ପ୍ରଣାଳୀରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ଭାବେ ଦେଖାଯାଉଛି। ପ୍ରକାଶ ଥାଉକି, ବିଷମକଟକ ଥାନାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୩(୧), ୧୦୯(୧) ଏବଂ ୨୩୮ ଆଧାରରେ ରୁଜୁ ହୋଇଥିବା ହତ୍ୟା ମାମଲାକୁ ପ୍ରାଥମିକତା ଭିତ୍ତିକ ଦଣ୍ଡାଦେଶ ମାମଲା ଭାବେ ଗ୍ରହଣ କରାଯାଇ ଜିଲ୍ଲା ପୁଲିସ ଓ ଅଭିଯୋଗ ପକ୍ଷ ଦ୍ୱାରା ଦ୍ରୁତ ଭାବେ ଏହା ପରିଚାଳିତ କରାଯାଇଥିଲା। ତତକ୍ଷଣାତ୍ ପ୍ରମାଣ ସଂଗ୍ରହ, ଫୋରେନ୍ସିକ୍ ପ୍ରକ୍ରିୟାକୁ ପ୍ରାଥମିକତା ଏବଂ ତଦନ୍ତ ଅଧିକାରୀ ଓ ଅଭିଯୋଗ ପକ୍ଷ ମଧ୍ୟରେ ଅବିରତ ସମନ୍ୱୟ ସହିତ ଉଚ୍ଚସ୍ତରୀୟ ନିରୀକ୍ଷଣ ମୁଖ୍ୟ କାରଣ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଏହି ମାମଲାର ତଦନ୍ତ ଭାର ବିଷମକଟକ ଥାନା ଭାରପ୍ରାପ୍ତ ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ବହନ କରୁଥିବା ଜଣାପଡ଼ିଛି ଓ ଏଥିସହ ଅତିରିକ୍ତ ସରକାରୀ ଓକିଲ ପ୍ରଶାନ୍ତ କୁମାର ରଥ ମାମଲା ପରିଚାଳନା କରୁଥିଲେ। ରାୟଗଡ଼ା ଡିପିପି ଅଜିତ ପଟ୍ଟନାୟକଙ୍କ ପ୍ରତକ୍ଷ ତତ୍ୱାବଧନାରେ ଏହି ମାମଲାଟି ପରିଚାଳିତ ହେଉଥିଲା। ଅତିରକ୍ତ ଜିଲ୍ଲା ଦୌରାଜଜ୍ ସିଦ୍ଧାର୍ଥ ସାହୁ ମାମଲାର ଶୁଣାଣି କରି ଦଣ୍ଡାଦେଶ ୧୦୩(୧) ବିଏନ୍‌ଏସ୍ ଅନୁଯାୟୀ ଆଜୀବନ କାରାଦଣ୍ଡ ଏବଂ ୧୦ହଜାର ଟଙ୍କା ଜୋରିମାନା ଏବଂ ୧୦୯(୧) ଧାରା ଅନୁଯାୟୀ ୧୦ ବର୍ଷ ଶର୍ଶମ କାରାଦାଣ୍ଡ ସାଙ୍ଗକୁ ୫ହଜାର ଟଙ୍କା ଜୋରିମାନା ଦଣ୍ଡ ଧାର୍ଯ୍ୟକରିଛନ୍ତି।

## ୬ ଗାଁରେ ଲାଗିଲା ସୋଲାର ଲାଇଟ୍



କୋରୁକୋଣ୍ଡା, ୨୬।୧୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ତାର୍ଲାକୋଟା ଗ୍ରାମ ପଞ୍ଚାୟତର ୬ଟି ଗ୍ରାମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲ ନିଜସ୍ୱ ପାଣ୍ଠିରୁ ସୋଲାର ଲାଇଟ ସଂସ୍ଥାପନ କରି ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ସୃଷ୍ଟି କରିଛନ୍ତି। ଗତ କିଛି ଦିନ ପୂର୍ବରୁ କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡି, ତାର୍ଲାକୋଟା ସରପଞ୍ଚ ସାନାରୀ ଖିଲ ଏବଂ ନାୟବ ସରପଞ୍ଚ ପଦ୍ମନାଭ ମାଡ଼କାମୀ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମଗୁଡ଼ିକୁ ଭ୍ରମଣ କରି ଗ୍ରାମବାସୀଙ୍କ ସମସ୍ୟା ନେଇ ଆଲୋଚନା କରିଥିଲେ। ଏହି ସମୟରେ ଅଞ୍ଚଳବାସୀମାନେ ଜଣାଇଥିଲେ, ଗ୍ରାମଗୁଡ଼ିକ ବଣ ଓ ଜଙ୍ଗଲ ଘେରା ଥିବା କାରଣରୁ ରାତ୍ରି ସମୟରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନଥିବାରୁ ଦୈନନ୍ଦିନ ଜୀବନରେ ଭାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ନେଇ ବ୍ଲକ ଅଧ୍ୟକ୍ଷ ଶ୍ରୀ ବୁରୁଡି ଓ ନାୟବ ସରପଞ୍ଚ ଶ୍ରୀ ମାଡ଼କାମୀ ମିଳିତ ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ତାଙ୍ଗୁଲଙ୍କୁ ଭେଟି ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସମସ୍ତ ବିଷୟ ଶୁଣିବା ପରେ ଅଧ୍ୟକ୍ଷା ଶ୍ରୀମତୀ ତାଙ୍ଗୁଲ ତତକ୍ଷଣାତ୍ ସୋଲାର ଲାଇଟ ସଂସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ନିଜ ପ୍ରତିଶ୍ରୁତିକୁ ରକ୍ଷା କରି ଆଜି ତାର୍ଲାକୋଟା ପଞ୍ଚାୟତ ଅଧୀନ ବାଣ୍ଡାଗୁଡ଼ା, ବାଲିଚୁଆ, ଖିଲଗୁଡ଼ା, କଣ୍ଟାମାଡ଼ି, ପ୍ରଧାନୀଗୁଡ଼ା ଏବଂ ବନୁରୁ ଗ୍ରାମରେ ସୋଲାର ଲାଇଟ ସଂସ୍ଥାପନ କରାଯାଇଛି। ଏହା ଦ୍ୱାରା ରାତ୍ରି ସମୟରେ ଗ୍ରାମଗୁଡ଼ିକର ସୁରକ୍ଷା ସହିତ ସାଧାରଣ ଜୀବନଯାପନ ଅଧିକ ସହଜ ହେବ ବୋଲି ଅଞ୍ଚଳବାସୀମାନେ ଆଶା ପ୍ରକାଶ କରିଛନ୍ତି। ଏହି ଉଦ୍ୟମକୁ ନେଇ ଗ୍ରାମବାସୀମାନେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲ, ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡି ଏବଂ ନାୟବ ସରପଞ୍ଚ ପଦ୍ମନାଭ ମାଡ଼କାମୀଙ୍କୁ ସାଧୁବାଦ ଜଣାଇଛନ୍ତି।

## ଜାତୀୟସ୍ତରୀୟ ଯୁବ ଉତ୍ସବରେ ଭାଗ ନେବେ ମାଲକାନଗିରିର ଛାତ୍ରୀ



ମାଲକାନଗିରି, ୨୬।୧୨(ସମିସ): ଜାତୀୟସ୍ତରୀୟ ଯୁବ ଉତ୍ସବରେ ଭାଗ ନେବେ ମାଲକାନଗିରି ଜିଲ୍ଲା ଛାତ୍ରୀ ବିଦିଶା ମହାନ୍ତି। ମାଲକାନଗିରି ମଡେଲ ଡିଗ୍ରୀ କଲେଜ ଛାତ୍ରୀ ବିଦିଶା ମହାନ୍ତି ରାଜ୍ୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ବୋଲି ସୂଚନା ଦେଇଛନ୍ତି ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ୍। ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଡ଼ିସେମ୍ବର ୨୪ ରୁ ୨୬ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଯୁବ ଉତ୍ସବ ଆୟୋଜନ କରାଯାଇଥିଲା। ତାଙ୍କର ଏହି ସଫଳତାରେ ନିଜର ଖୁସି ପ୍ରକଟ କରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଶୁଭେଚ୍ଛା ଜଣାଇବା ସହ ଏହି କୃତିତ୍ୱ ଅନ୍ୟ ଛାତ୍ର ଛାତ୍ରୀଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି। ବିଦିଶାଙ୍କ ସଫଳତାରେ ମଡେଲ ଡିଗ୍ରୀ କଲେଜ ସହିତ ସମଗ୍ର ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ସୂଚନା ଥାଉ କି, ଜାତୀୟସ୍ତରୀୟ ଯୁବ ଉତ୍ସବ ନୂଆ ଦିଲ୍ଲୀ ଠାରେ ଅନୁଷ୍ଠିତ ହେବ। ଯେଉଁଥିରେ ବିଦିଶା ଓଡ଼ିଶାର ପ୍ରତିନିଧିତ୍ୱ କରିବେ।

## ପୂର୍ବତନ ଓକିଲ ସଂଘ ସଭାପତି ବିଷ୍ଣୁ ପଣ୍ଡାଙ୍କ ପରଲୋକ



ରାୟଗଡ଼ା, ୨୬।୧୨(ସମିସ): ରାୟଗଡ଼ା ଓକିଲ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ବିଷ୍ଣୁ ପ୍ରସାଦ ପଣ୍ଡାଙ୍କ ୭୧ ବର୍ଷ ବୟସରେ ପରଲୋକ ଘଟିଛି। ସେ କିଛିଦିନ ହେଲା ଫୁସଫୁସ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ଗତକାଲି ରାତିରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ଭୁବନେଶ୍ୱର ସ୍ଥାନାନ୍ତର ବେଳେ ରାମନାଗୁଡା ନିକଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁବେଳକୁ ତାଙ୍କ ନିକଟରେ ପୁତ୍ର ସୌମ୍ୟେଜିତ ପଣ୍ଡା, ସ୍ତ୍ରୀ, ମା', ଝିଅ, ଜ୍ୱାଇଁ ଓ ଅନ୍ୟାନ୍ୟ ସମ୍ପର୍କୀୟ ଉପସ୍ଥିତ ରହିଥିଲେ। ଆଜି ବ୍ରାହ୍ମଣ ସାହି ସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ଆଜି ରାୟଗଡ଼ା ଓକିଲ ସଂଘ ତରଫରୁ ରାୟଗଡ଼ା କୋର୍ଟ ପରିସରରେ ଏକ ଶୋକସଭା ପାଳିତ ହେବା ସହ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ଦୀପଦାନ ହୋଇଥିଲା। ଏହି ଅବସରରେ ଓକିଲ ସଂଘର ସଭାପତି ଦେବୀ ପଟନାୟକ, ସମ୍ପାଦକ ମଙ୍ଗଳମୂର୍ତ୍ତି ବେଉରିଆ, ବରିଷ୍ଠ ଆଇନଜୀବୀ ପଦ୍ମନାଭ ଦାଶ(ଟୁଟୁ), ବ୍ରଜ ସୁନ୍ଦର ନାୟକ, ସଚ୍ଚିଦାନନ୍ଦ ଖାଡଙ୍ଗା, ରବି ମହାପାତ୍ର, ବିଶ୍ୱନାଥ ଗନ୍ତାୟତ, ଲାବଣ୍ୟ ପଟନାୟ, ରାମନାଥ ପାତ୍ର ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ରାୟଗଡ଼ାର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବିୟୋଗରେ ଶୋକ ପ୍ରକଟ କରିଛନ୍ତି।

## ଗୋବିନ୍ଦପାଲ୍ଲୀରେ କଲ୍ୟାଣ ମଣ୍ଡପ ପାଇଁ ଜାଗା ଚିହ୍ନଟ



ଖଇରପୁଟ, ୨୬।୧୨(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲ୍ଲୀ ଠାରେ ସରକାରୀ କଲ୍ୟାଣ ମଣ୍ଡପ ନିମନ୍ତେ ଜାଗା ଚିହ୍ନଟ କରାଯାଇଛି। ଗ୍ରାମରେ କୌଣସି ଭୋଜି ନିମନ୍ତେ ଏକ ଉପଯୁକ୍ତ ସ୍ଥାନ ନଥିବାରୁ ଦୀର୍ଘ ଦିନରୁ ଏକ କଲ୍ୟାଣ ମଣ୍ଡପ ନିମନ୍ତେ ଜଣ ସାଧାରଣରେ ଦାବି ହେଉଥିଲା। ପ୍ରଶାସନ ତରଫରୁ ୬୫ ଲକ୍ଷ ବ୍ୟୟରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ମଞ୍ଜୁର ହୋଇଛି। ଆଜି ସରପଞ୍ଚ ଶ୍ରୀନିବାସ ମୁଦୁଲି, ଆର୍‌ଆଇ ରଞ୍ଜିତା ପଡ଼ିଆମୀ, ଏ ଆର ଆଇ ଉମା ବିଷୋୟୀ, ଜେଇ ଭୀଷ୍ମ ମଲ୍ଲିକ ଉପସ୍ଥିତ ରହି ଜଗନ୍ନାଥ ମନ୍ଦିର ନିକଟରେ ସ୍ଥାନ ନିରୂପଣ କରିଥିଲେ ଏବଂ ଗ୍ରାମବାସୀଙ୍କ ତରଫରୁ ଗ୍ରାମ ନାୟକ ବିଙ୍ଗୁ ନାୟକଙ୍କ ସହିତ ଧନୁର୍ଜୟ ଦୁର୍ଲିଆ, ଗଙ୍ଗା ଦୁର୍ଲିଆ, ରିତୁ ପରିଛା, ଗୁପ୍ତେଶ୍ୱର ବ୍ରହ୍ମସ୍ମା, ଏ. ଭାସ୍କର ରାଓ, ପ୍ରତାପ ମିଶ୍ର, ମହେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦାବି ପୂରଣ ପାଇଁ ଡାକ୍ତର ସଂଘର ଘଣ୍ଟିକିଆ ଆନ୍ଦୋଳନ




ମାଲକାନଗିରି, ୨୬।୧୨(ସମିସ): ଦୀର୍ଘ ଦିନ ଧରି ଡାକ୍ତର ସଂଘ ପକ୍ଷରୁ ଅନେକ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଉଥିବା ବେଳେ ସେଗୁଡିକ ପୂରଣ ହେଉ ନଥିବାରୁ ଓମସା ପକ୍ଷରୁ ଘଣ୍ଟିକିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ଡାକରା ଦିଆଯାଇଛି। ଏହାକୁ ସମର୍ଥନ କରି ମାଲକାନଗିରି ଜିଲ୍ଲାରେ କାର୍ଯ୍ୟରତ ଡାକ୍ତରମାନଙ୍କ ଦ୍ୱାରା ଆଜି ଏକ ଘଣ୍ଟିଆ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରାଯାଇଛି। ଆଜି ଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ପ୍ରତିଦିନ ସକାଳ ୧୦ଟା ରୁ ୧୧ଟା ଯାଏଁ ବହୀରବିହାଗରେ ଡାକ୍ତର ସେବା ବନ୍ଦ ପାଇଁ ଓମସା ପକ୍ଷରୁ ଏହି ଡାକରା ଦିଆଯାଇଛି। ଏହି ଡାକରାରେ ମାଲକାନଗିରି ଜିଲ୍ଲାର ସମସ୍ତ ଡାକ୍ତର ସାମିଲ ହୋଇଛନ୍ତି। ଏହାକୁ ନେଇ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ କାର୍ଯ୍ୟରତ ଡାକ୍ତରମାନେ ବିକ୍ଷୋଭ କରିଛନ୍ତି। ତେବେ ଡାକ୍ତରମାନଙ୍କ ଦାବି ମଧ୍ୟରେ ରହିଛି- କେବିକେ ଏକ୍ସଜିଟ ପଲିସି, ସେଣ୍ଟ୍ରାଲ ଡିଏସିପି ଅର୍ଥାତ କେନ୍ଦ୍ରୀୟ ନିୟମ ଅନୁଯାୟୀ ଚାକିରୀ କାଳୀନ ସୁବିଧା, ଡାକ୍ତର ଏବଂ ତାଙ୍କ ପରିବାର କୁ ସ୍ୱାସ୍ଥ୍ୟ ବୀମା, କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା ପ୍ରଦାନ, କ୍ୟାଡର ରି ଷ୍ଟ୍ରକ୍‌ଚର ଭଳି ମୋଟ ଅଠରଟି ଦାବି। ମାଲକାନଗିରି ଜିଲ୍ଲା ସଭାପତି ସଚିକାନ୍ତ ଲେଙ୍କାଙ୍କ ସହ ଅନ୍ୟ ଡାକ୍ତରମାନେ ଏହି ବିକ୍ଷୋଭରେ ସାମିଲ ହୋଇଛନ୍ତି। ବହିରବିଭାଗରେ ଘଣ୍ଟାଏ ଧରି ଡାକ୍ତର ନଥିବାରୁ ଅନେକ ରୋଗୀ ଡାକ୍ତରଙ୍କ ଅପେକ୍ଷା କରି ରହିଥିବା ସହ ସମସ୍ୟା ଭୋଗୁଥିବା ଦେଖିବାକୁ ମିଳିଛି। ଅପର ପକ୍ଷରେ ସରକାର ଦାବି ପୂରଣ ଦିଗରେ ପଦକ୍ଷେପ ନନେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି କୁହାଯାଇଛି।

## ସାବରୀ ବିଦ୍ୟାଭବନ ଏମ୍‌ଭି-୭୯ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ



ଏମ୍‌ଭି-୭୯, (ସମିସ)୨୬।୧୨

ମାଲକାନଗିରି ଜିଲ୍ଲାର ଦୁର୍ଗମ ଦଣ୍ଡକାରଣ୍ୟ ଅଞ୍ଚଳରେ ଶିକ୍ଷାର ଉଜ୍ଜ୍ୱଳ ଦୀପଶିଖା ଭାବେ ପ୍ରତିଷ୍ଠିତ ସାବରୀ ବିଦ୍ୟା ଭବନ (ଏମ୍‌ଭି-୭୯) ନିଜର ୫୦ ବର୍ଷ ପୂର୍ତ୍ତି ଅତ୍ୟନ୍ତ ଆବେଗପୂର୍ଣ୍ଣ ଓ ଉତ୍ସାହପୂର୍ଣ୍ଣ ଭାବେ ପାଳନ କରୁଛି। ୧୯୭୬ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ୧୯୮୦ରୁ ୧୯୯୦ ବ୍ୟାଚ୍‌ର ପୂର୍ବତନ ଛାତ୍ରଛାତ୍ରୀମାନେ ଆୟୋଜନ କରିଛନ୍ତି। ତିନି ଦିନ ବ୍ୟାପୀ ଏହି ଉତ୍ସବର ଦ୍ୱିତୀୟ ଦିନରେ ବ୍ରଜ କିଶୋର ମହାପାତ୍ର, ଚିତ୍ତରଞ୍ଜନ ମିଶ୍ର, ବିଜୟ କୁମାର ଶିକଦାର, ମୁକୁଳ ମଣ୍ଡଳ (୧୯୮୦ ବ୍ୟାଚ୍), ବର୍ତ୍ତମାନର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ ଏବଂ ପୂର୍ବତନ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ସୁବୁଦ୍ଧି ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱର୍ଗତ ଶିକ୍ଷକ ମାଣିକ ଲାଲ ଘୋଷ, ଅମିୟ ବୋଷ, ପ୍ରତିମା ପାଉଲ, ଲୀଳାବତୀ ମୁନ୍ସି ଓ ଚିତ୍ତରଞ୍ଜନ ମଣ୍ଡଳଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ମୁହୂର୍ତ୍ତରେ ଉପସ୍ଥିତ ସମସ୍ତଙ୍କ ଆଖି ଆର୍ଦ୍ର ହୋଇଉଠିଥିଲା। ମଞ୍ଚ ପରିଚାଳନାର ଦାୟିତ୍ୱ ପ୍ରଶାନ୍ତ ସରଦାର ଓ ଶ୍ୟାମଲ ମଜୁମଦାର ସୁଚାରୁ ରୂପେ ନିର୍ବାହ କରିଥିଲେ। ତିନି ଦିନର ଏହି ଉତ୍ସବରେ ପୁରୁଣା ସ୍ମୃତି ଚାରଣ, ଆନନ୍ଦ ବିନିମୟ, ନାଟକ ପରିବେଷଣ, ଗୀତ ଗାୟନ, ଖେଳ ପ୍ରତିଯୋଗିତା, ପୁସ୍ତକ ଉନ୍ମୋଚନ, ବୃକ୍ଷରୋପଣ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଫଳ ବଣ୍ଟନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଦୂର ଦୂରାନ୍ତରୁ ଆସି ପୁରୁଣା ବନ୍ଧୁମାନେ ଏକାଠି ହେବାର ଏହି ମୁହୂର୍ତ୍ତ ହସ ଓ କାନ୍ଦଣାର ମିଶ୍ରଣରେ ବାଲ୍ୟ ଦିନକୁ ଫେରି ନେଇଥିଲା। ପୂର୍ବ ଛାତ୍ର କମିଟିର ସଭାପତି ଅମିୟ ବୈରାଗୀ, ଉପ-ସଭାପତି ଦୀପକ ଦତ୍ତ, ସଚିବ ପ୍ରଶାନ୍ତ ସରଦାର, ଯୁଗ୍ମ ସଚିବ ସଚିନ କୃଷ୍ଣ ସାନା ଓ ରାହୁଲ ଦେବ ବିଶ୍ୱାସ, କ୍ୟାଶିଅର ଗୋବିନ୍ଦ ହାଲଦାର ଏବଂ ସଦସ୍ୟ କୃଷ୍ଣ ମଣ୍ଡଳଙ୍କ ନେତୃତ୍ୱରେ ଏହି ଉତ୍ସବ ସଫଳ ହୋଇଛି।

**ବନ୍ଧୁମିଳନରେ ପୁରୁଣା ସ୍ମୃତିର ହୃଦୟସ୍ପର୍ଶୀ ମିଳନ**

ଉପଦେଷ୍ଟାମାନେ ହେଲେ ମୁକୁଳ ମଣ୍ଡଳ, ସପନ କିର୍ତ୍ତନିଆ, ରବୀନ୍ଦ୍ର ଧର, ରତନ ରାୟ, ସୁନିଲ ଐଚ, ଦୟାଲ ବୈରାଗୀ, ସୁରେଶ ମେହେତା, ନିମାଇ ପାଉଲ, ବିଦ୍ୟୁତ ବିଶ୍ୱାସ ଓ ଶ୍ୟାମଲ ମଜୁମଦାର। ଏହି ଦୁର୍ଗମ ଅଞ୍ଚଳରେ ଶିକ୍ଷାର ଅଗ୍ରଣୀ ଭୂମିକା ନିର୍ବାହ କରିଆସୁଥିବା ସାବରୀ ବିଦ୍ୟା ଭବନ ପାଇଁ ଏହି ସୁବର୍ଣ୍ଣ ଜୟନ୍ତୀ ଏକ ଐତିହାସିକ ମୁହୂର୍ତ୍ତ ସୃଷ୍ଟି କରିଛି।

ସକାଳ
THE SAKALA

# ସମ୍ପାଦକୀୟ



ଶିକ୍ଷାର ଲକ୍ଷ୍ୟ କେବଳ ତଥ୍ୟଭିତ୍ତିକ ଜ୍ଞାନ ଆହରଣ ନୁହେଁ, ଏହା ମୂଲ୍ୟବୋଧ ମଧ୍ୟ ଶିଖାଏ
-ୱିଲିୟମ ଏସ୍ ବରୋସ

## ଦୁର୍ଲ୍ଲଭ ପରିବା

ଶୀତଋତୁ ଶେଷ ହେବାକୁ ଆଉବେଶୀ ଦିନ ନାହିଁ। ହେଲେ ପରିବା ବଜାରର ଭାଉ ଯେମିତି ସେମିତି ଅଛି। ଏକଥା ସତ ଯେ ବର୍ଷା ଲାଗିଥିବାରୁ ପରିବା ଚାଷ ବିଳମ୍ବିତ ହୋଇଥିଲା। ହେଲେ ମୃତ୍ତିକାରେ ଆର୍ଦ୍ରତା ରହିଥିବାରୁ ପରିବା ଚାଷ ପାଇଁ ଯେଉଁ ସୁଯୋଗ ସୃଷ୍ଟି ହୋଇଥିଲା ସେଥିରେ ଚାଷୀଙ୍କ ସହ ଖାଉଟି ବେଶ ଉପକୃତ ହେବେ ବୋଲି ଆଶା କରାଯାଉଥିଲା। କିନ୍ତୁ କେଜାଣି କାହିଁକି ଦେଶୀ ବିଲାତି ବଜାରରେ ହାଉଜାଉ ହୋଇନାହିଁ। ଏବେ ବି ବାଙ୍ଗାଲୋର ବିଲାତିର ରାଜୁତି ଜାରି ରହିଛି। କିଲୋ ପ୍ରତି ମୂଲ୍ୟ ୬୦ ରୁ ୭୦ ଟଙ୍କାରେ ଅଟକି ଯାଇଛି। ଅନ୍ୟ ବର୍ଷମାନଙ୍କରେ ଏହି ଦିନରେ ବିଲାତି ବିଲରେ ଗୋରୁ ଚରିବା ଭଳି ଅବସ୍ଥା ଉପୁଜିଥାଏ। ଫୁଲକୋବିକୁ ଖାଉଟି ମୁହଁ ମୋଡ଼ିବା ଅବସ୍ଥା ସୃଷ୍ଟି ହୋଇଥାଏ। ଏବେ କଅଁଳ ଛନଛନ ଫୁଲକୋବି ଗୋଟାକୁ ୪୦ ଟଙ୍କା କିମ୍ବା ଶହେ ଟଙ୍କାକୁ ୩ଟା। ପରିସ୍ଥିତିକୁ ଦେଖିଲେ ଦୁଇଟି କଥା ବିଚାରକୁ ଆସେ। ଚାଷୀ ଏହି ଋତୁକାଳୀନ ଫସଲରେ ବେଶ ଦୁଇ ପଇସା ଲାଭବାନ ହେଉଥିବ, ନଚେତ ମଧ୍ୟସ୍ଥିଙ୍କ ବାଟ ମାରଣାରେ ସେମାନଙ୍କ ବିକଳ ଅବସ୍ଥା ଅପରିବର୍ତ୍ତିତ ରହିଛି।

ଶୀତଦିନିଆ ପରିବା ଫସଲରୁ ହଟି ଯିଏ ନୂଆ ପରିବା ଖୋଜୁଥିବା ତାହା ପାଇଁ ଭେଣ୍ଡିର ବିକଳ୍ପ ନାହିଁ। କଅଁଳ ଛନଛନ ଗଜା ଭେଣ୍ଡି କିଲୋ ଶହେ ଟଙ୍କା। ଋତୁକାଳୀନ ପରିବା ଚାଷ ନକରି ଯେଉଁ ଚାଷୀ ଭେଣ୍ଡି ଚାଷକରିଛି ସେ ଏହି ସ୍ଥିତିରୁ ବେଶ ଲାଭବାନ ନିଶ୍ଚୟ ହୋଇଛି। ବିନ୍, ବାଇଗଣ, କଲରା ଭଳି ପରିବା ବରଂ ପୂର୍ବାପେକ୍ଷା ଚଢ଼ା ଥିବାର ଲକ୍ଷ୍ୟ କରାଯାଉଛି। ଏହିସବୁ ପରିବା କିଲୋ ପ୍ରତି ମୂଲ୍ୟ ୬୦ ଟଙ୍କାରୁ କମୁନି। ଗାଜର ଓ ବିଟ୍ ଆମ ସ୍ଥାନୀୟ ପରିବା ନ ହେଲେ ମଧ୍ୟ କିଲୋ ୨୦ ଟଙ୍କାରେ ବିକ୍ରି ହେଉଛି। ସବୁଠାରୁ ଆଚମ୍ବିତ କଥା ହେଲା, ବଜାରରେ ଦେଶୀ କାକୁଡ଼ି ମିଳୁନି। ଯାହାବି ମିଳୁଛି ତାହାର କିଲୋ ୬୦ ରୁ ୭୦ ଟଙ୍କା। ଆମେ ଏଠାରେ କଟକ ସିଡିଏର କୃଷକ ବଜାର କଥା ଉଲ୍ଲେଖ କରୁଛୁ, ଯେଉଁଠି ଆଠଗଡ଼ ଓ ତିଗିରିଆ ଅଞ୍ଚଳର ଚାଷୀ ହାଉଜାଉ ହୁଅନ୍ତି। ପିଣ୍ଡିକୁ ଦଲାଲମାନେ ମାଡ଼ିବସିଥିବାରୁ ସେମାନଙ୍କ ପାଇଁ ପରିବା ବିକିବାର ରାହା ନାହିଁ। ରାସ୍ତକଡ଼ରେ ବସି ସେମାନେ ବିକିଦେଇ ଘରକୁ ଫେରିଯିବା ପାଇଁ ବ୍ୟସ୍ତ। ସେମାନେ ଖାଉଟିଙ୍କୁ ଅପେକ୍ଷାକୃତ କମ ମୂଲ୍ୟରେ ପରିବା ବିକିଥା'ନ୍ତି। ହେଲେ ସେମାନଙ୍କୁ ବସିବାକୁ ସୁଯୋଗ ଦେଉନି ପୁଲିସ। ତୁହାକୁ ତୁହା ଚଢ଼ାଉ ଓ ହାତ ଗୁଞ୍ଜାରେ ସେମାନଙ୍କ ଲାଭ ବାଟମାରଣା ହୋଇଯାଉଛି।

ଦିନକୁ ଦିନ ଚାଷ ଜମି ସଂକୁଚିତ ହୋଇଯାଉଥିଲେ ମଧ୍ୟ ଖାଉଟିଙ୍କ ପରିବା ଚାହିଦା ପୂରଣ କରିବାରେ ଯେ ନିଅଣ୍ଟିଆ ଅବସ୍ଥା ସୃଷ୍ଟି ହୋଇଛି ଏକଥା ନୁହେଁ। ଚାଷୀ ବଜାର ସ୍ଥିତିକୁ ପଢ଼ି ସାରିଛନ୍ତି। ତେଣୁ ତିନିଟି ପର୍ଯ୍ୟାୟରେ ଶୀତଦିନିଆ ପରିବା ଫସଲ ଅମଳ କରି ବଜାରକୁ ଛାଡୁଛନ୍ତି। ଏଭଳି ସ୍ଥିତିରେ ହଠାତ୍ ଦର କମିବାର ସମ୍ଭାବନା ଊଣା। ଯେହେତୁ ଶୀତଳଭଣ୍ଡାରର ସୁଯୋଗ ନାହିଁ, ତେଣୁ ଏହି ବିକଳ୍ପ ପନ୍ଥାକୁ ସେମାନେ ଆଦରିଛନ୍ତି। ଗୋଟିଏ ଭାଡ଼ିର ଫସଲ ଶେଷ ହେବା ବେଳକୁ ପୁଣି ନୂଆ ଫସଲ ବଜାରକୁ ଆସୁଛି। ଏହା ଫଳରେ ଲମ୍ବା ସମୟ ପାଇଁ ପନିପରିବା ବଜାରରେ ଉପଲବ୍ଧ ହେବ। ଏହି ନୂଆ ଉପାୟରେ ସେମାନେ ମଧ୍ୟ ଲାଭବାନ ହେବେ।

## ଶିଳ୍ପ ନା କୃଷି?

ଦ୍ରୁତ ଶିଳ୍ପାୟନ ସ୍ୱପ୍ନରେ ଆମେ ବିଭୋର। କେବଳ ବୁଝାମଣାପତ୍ର ସ୍ୱାକ୍ଷର ହେଲା ଓ ଏକକ ବାତାୟନରେ କେତୋଟି ଶିଳ୍ପ ସଂସ୍ଥାକୁ ମଞ୍ଜୁରୀ ଦିଆଗଲା। ବିପୁଳ ନିବେଶର ସୁଯୋଗ ସୃଷ୍ଟି ସହ ବ୍ୟାପକ ନିଯୁକ୍ତିର ସୁଦୀର୍ଘ ଘୋଷଣା ହେଲା। କିନ୍ତୁ ଘୋଷଣା ଓ ରୂପାୟନରେ ଅନ୍ତର କେତେ ତାହା ସମସ୍ତେ ବୁଝିଛନ୍ତି। କୃଷି ଉପରେ ନିର୍ଭରଶୀଳ ଆମ ରାଜ୍ୟର ଆତ୍ମା ଗ୍ରାମୀଣ ଜନଜୀବନରେ ତିଷ୍ଠି ରହିଛି। ଶିଳ୍ପାୟନ ଓ ସହରୀକରଣରେ ଯେଉଁ ବିକାଶର ନକ୍ସା ଟାଣାଯାଉଛି ତାହା ରାଜ୍ୟର ୭୦ ପ୍ରତିଶତ ଲୋକଙ୍କୁ ଆକାଙ୍କ୍ଷିତ ସୁଫଳ ଦେବାକୁ ସମର୍ଥ ହେବନାହିଁ। ପ୍ରଥମେ ସରକାର ଆଦର୍ଶ ଗ୍ରାମ ଗଢ଼ନ୍ତୁ। ଯେଉଁଠି କେବଳ ସ୍ୱଚ୍ଛତା ନୁହେଁ, ବିଶୁଦ୍ଧ ପାନୀୟ ଜଳ, ନିରବଚ୍ଛିନ୍ନ ବିଜୁଳି ବ୍ୟବସ୍ଥା ଓ ଶିକ୍ଷାୟତନ ଉପଲବ୍ଧ ହେବ। ସେଠାରେ ବିକାଶର ପୃଷ୍ଠଭୂମି ହେବ ଯୁଗୋପଯୋଗୀ କୃଷି।

ରାଜ୍ୟର ପ୍ରମୁଖ ଚାଷ ଧାନ ହୋଇଥିବା ବେଳେ ପ୍ରତିଶ୍ରୁତି ଅନୁଯାୟୀ ତାହାକୁ ସଂଗ୍ରହ କରିବାରେ ସରକାରୀ କଳର ଅସାମର୍ଥ୍ୟ ଏବେ ପଦାରେ ପଡ଼ିଯାଉଛି। ଏକ୍ଷେତ୍ରରେ ବିଶୃଙ୍ଖଳା ଓ ବିଭ୍ରାଟ ସୃଷ୍ଟି ହେଲେ ଚାଷୀ ମୁହଁ ଖୋଲିବେ ଓ ରାଜରାସ୍ତାକୁ ଓହ୍ଲାଇବେ। ସେମାନଙ୍କୁ କୃଷିଜୀବୀ ବଦଳରେ ଆନ୍ଦୋଳନଜୀବୀ କହିବାର ଯଥାର୍ଥତା କେତେ? ଏ ପ୍ରଶ୍ନ ପଚାରିବାର ହକ୍ ସେମାନଙ୍କ ଅଛି। ଧାନସଂଗ୍ରହ ସହ ସଂପୃକ୍ତ ତିନିଟି ବିଭାଗ ମଧ୍ୟରେ ସମନ୍ୱୟ ଓ ସହଯୋଗ ଅଭାବ ସ୍ପଷ୍ଟ ବାରି ହୋଇପଡୁଛି। ବର୍ଷ ଶେଷ ହେବାକୁ ବସିଲା। କେଉଁଠି ମଣ୍ଡି ଖୋଲିନି ତ କେଉଁଠି ଚାଷୀଙ୍କୁ ଟୋକନ ମିଳିନି। ଏଭଳି ପରିସ୍ଥିତିରେ ଧାନର ମାନ ନିର୍ଦ୍ଧାରଣ ସକାଶେ ଯାନ୍ତ୍ରିକ ସୁବିଧା ଉପଲବ୍ଧ ନଥିବା ଉଲ୍ଲେଖ କରିବା ଅନାବଶ୍ୟକ। ଚାଷୀର ଦୁଃଖ ବୁଝିବାକୁ ସରକାର ଅସମର୍ଥ। ମହାଜନଙ୍କ କରଜ ବୋଝ ଓ ପିଆଦାଙ୍କ ତାଗିଦ୍ ମଧ୍ୟରେ ଅସମ୍ଭାଳ ସ୍ଥିତିରେ ସେମାନେ ଅଛନ୍ତି। ପରିସ୍ଥିତିର ସୁଯୋଗ ନେବା ପାଇଁ ଦାଣ୍ଡରେ ଅପେକ୍ଷାରତ ଆନ୍ଧ୍ରବେପାରୀ। ତେଣୁ ଅଭାବୀ ବିକ୍ରି ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି ଓ ବରଗଡ଼ରେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଛି। ଏଠାରେ ମନେ ରଖିବାକୁ ହେବ ଯେ ଏହି ଜିଲ୍ଲାର ଚାଷୀଙ୍କ ସମର୍ଥନରେ ସରକାର ବିପୁଳ ବିଜୟ ହାସଲ କରିଛି। ସେମାନଙ୍କୁ ଆନ୍ଦୋଳଜୀବୀ କହି ଅପମାନିତ କରିବାର ପରିଣାମ ଆଗକୁ କ'ଣ ହେବ ବୋଧହୁଏ ମନ୍ତ୍ରୀ ମହାଶୟ ହୃଦୟଙ୍ଗମ କରିନାହାନ୍ତି। ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଶୁଣିଲେ ମନେହେବ ଅବ୍ୟବସ୍ଥା ସବୁ ଆପେ ଆପେ ସୁଧୁରିଯିବ। ଏକଥା ସତ ଯେ ଚଳିତ ଋତୁରେ ରାଜ୍ୟସରକାର କ୍ୱିଣ୍ଟାଲ ପିଛା ଧାନରେ ୮୦୦ ଟଙ୍କା ବୋନସ କମାଇଥିଲେ ବି ଧାନ କିଣାରେ ଟାଳଟୁଳ ନୀତି ଅବଲମ୍ବନ କରିଛନ୍ତି। ଘୋଷଣା ଅନୁଯାୟୀ ୯୩ ଲକ୍ଷଟନ ଧାନ କିଣିଲେ ତାହା ଗଚ୍ଛିତ ବା ଭଣ୍ଡାରୀକରଣ କରିବେ କେଉଁଠି? ତେଣୁ ସରକାର ଓ ମିଲର ସଲାସୁତରାରେ ଉଦ୍ଦେଶ୍ୟମୂଳକ ଭାବେ ଚାଷୀଙ୍କୁ ହଇରାଣ କରୁଛନ୍ତି। ଏକ୍ଷେତ୍ରରେ ଅଧିକ ବିଳମ୍ବ ହେଲେ ଛୋଟଚାଷୀ ଧାନର ଅଭାବୀ ବିକ୍ରି କରିବାକୁ ବାଧ ହେବେ। ଶେଷରେ ବଡ଼ ଚାଷୀ ହିଁ ସରକାରୀ ବୋନସର ଫାଇଦା ନେବେ।

ଆମକୁ ପୁଣି ଥରେ କହିବାକୁ ପଡୁଛି ଯେ ଶିଳ୍ପ ସହ କୃଷିକୁ ମଧ୍ୟ ସରକାର ଉଚିତ ପ୍ରାଧାନ୍ୟ ଦେବା ଉଚିତ। ଗ୍ରାମୀଣ ଜୀବନ ବିକଶିତ ହେବାରେ କୃଷିର ରହିଛି ଗୁରୁତ୍ୱପୂର୍ଣ୍ଣ ଅବଦାନ। କର୍ପୋରେଟ ସଂସ୍କୃତି କେବଳ ଖଣି, ଜଙ୍ଗଲ ଓ ଜଳ ଲୁଟି ରାଜ୍ୟକୁ ରସାତଳକୁ ନେଇଯିବ। ସେମାନେ କେବେ ବିକଶିତ ଓଡ଼ିଶାର ବାହକ ହୋଇପାରିବେନି।

## ଆର୍ଥିକ ସାକ୍ଷରତା ଓ ମହିଳା

ଡ.ଅନ୍ତର୍ଜିତା ନାୟକ

ଆଜିକା ସମୟରେ ଆର୍ଥିକ ସାକ୍ଷରତାକୁ ଆଧୁନିକ ଦକ୍ଷତା ଭାବରେ ବର୍ଣ୍ଣନା କରାଯାଉଛି। ଆର୍ଥିକ ସାକ୍ଷରତା କହିଲେ ଅର୍ଥ ବିଷୟରେ ବୁଝିବା, ତା'କୁ ପରିଚାଳନା କରିବା ଏବଂ ଆର୍ଥିକ ନିଷ୍ପତ୍ତି ନେବାର କ୍ଷମତା ଓ ଦକ୍ଷତାକୁ ବୁଝାଏ। ବଜେଟ୍ ପ୍ରସ୍ତୁତ କରିବା, ଋଣର ଆକଳନ କରିବା, ସୁଧ ହାର ବୁଝିବା, ଭବିଷ୍ୟତ ପାଇଁ ଯୋଜନା କରିବା, ଆର୍ଥିକ ବିପଦ ଓ ସୁଯୋଗକୁ ସ୍ୱୀକୃତି ଦେବା ଭଳି କୌଶଳ, ଆର୍ଥିକ ସାକ୍ଷରତାରେ ଅନ୍ତର୍ଭୁକ୍ତ। ଏହି ଆର୍ଥିକ ସାକ୍ଷରତାକୁ ଯେତେବେଳେ ମହିଳାମାନଙ୍କ ସାଙ୍ଗରେ ଯୋଡ଼ି ଦିଆଯାଏ, ସେତେବେଳେ ଅନୁଭବ ହୁଏ ଯେ, ଆଜି ବି ସମାଜ ଆର୍ଥିକ ସାକ୍ଷରତା ଭଳି ଆବଶ୍ୟକତାକୁ ମହିଳାମାନଙ୍କଠାରୁ ଦୂରେଇ ରଖିଛି। ଏହି ଚିନ୍ତାଧାରା ଏକ ପୁରୁଷକୈନ୍ଦ୍ରିକ ଧାରଣାରୁ ଉତ୍ପନ୍ନ, ଯାହା ମହିଳାମାନଙ୍କୁ କେବଳ ପରିବାରର ଯତ୍ନ ନେବା ଭୂମିକା ମଧ୍ୟରେ ସୀମିତ ରଖିଥାଏ ଏବଂ ଆର୍ଥିକ ନିଷ୍ପତ୍ତି ନେବାର କ୍ଷମତାକୁ ପୁରୁଷଙ୍କ ପାଖରେ ଅବସ୍ଥାପିତ କରିଥାଏ। ଫଳସ୍ୱରୂପ, ମହିଳାମାନେ ବ୍ୟାଙ୍କ ମାମଲା, ନିବେଶ ନିଷ୍ପତ୍ତି, ସମ୍ପତ୍ତି କାରବାର, ଏପରିକି ସେମାନଙ୍କର ନିଜସ୍ୱ ଆୟ ପରିଚାଳନା କରିବାରେ ନିରୁତ୍ସାହିତ ହୋଇଥା'ନ୍ତି।

ଅର୍ଥନୀତିର କିଛି କ୍ଷେତ୍ର, ଯେପରି ବଜେଟ୍, ସଞ୍ଚୟ, ଖର୍ଚ୍ଚ, କିମ୍ବା ଆର୍ଥିକ ବିପଦ ପରିଚାଳନା ପରି ଧାରଣା ଆନୁଷ୍ଠାନିକ ହେବାର ବହୁ ପୂର୍ବରୁ ମହିଳାମାନେ ସେମାନଙ୍କର ଦୈନନ୍ଦିନ ଜୀବନରେ ଏହି ସ୍ୱଜାତ ଅଭ୍ୟାସରେ ପାରଙ୍ଗମ। ଆଦିବାସୀ ଗ୍ରାମରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ, ମହିଳାମାନେ ନିୟମିତ ଭାବେ ଯୁକ୍ତିସଙ୍ଗତ ଖର୍ଚ୍ଚ ଓ ସଞ୍ଚୟ ବିଷୟରେ ଏକ ସହଜାତ ବୁଝାମଣା ପ୍ରଦର୍ଶନ କରନ୍ତି। ମହିଳାମାନେ ଐତିହାସିକ ଭାବେ ପରିବାରର ନିରବ ଅର୍ଥନୀତିଜ୍ଞ, ଯିଏ ସୀମିତ ସମ୍ବଳକୁ ସନ୍ତୁଳିତ କରେ, ଅନିଶ୍ଚିତତା ପାଇଁ ଯୋଜନା କରେ ଏବଂ ପ୍ରଚୁରତା ଓ ସଙ୍କଟର ଚକ୍ର ମଧ୍ୟରେ ପରିବାରର ଆର୍ଥିକ ସ୍ଥିତିକୁ ବଜାୟ ରଖେ। ଏହି ଦୃଷ୍ଟିରୁ ଆର୍ଥିକ ସାକ୍ଷରତା ଏପରି କିଛି ନୂଆ ନୁହେଁ, ଯାହା ମହିଳାମାନେ ନୂତନ ଭାବରେ ହାସଲ କରିବେ। କିନ୍ତୁ ଦୁଃଖର ବିଷୟ ଏହା ଯେ ସବୁ ଜାଣି ମଧ୍ୟ ସମାଜ ମହିଳାମାନଙ୍କୁ ଆର୍ଥିକ ପରିଚାଳନା ଦକ୍ଷତା ପାଇଁ କେବେ ମାନ୍ୟତା ଦିଏ ନାହିଁ। ବ୍ୟାଙ୍କିଙ୍ଗ, ସମ୍ପତ୍ତି ମାଲିକାନା, ଋଣ ନିୟନ୍ତ୍ରଣ, ବିନିଯୋଗ ନିଷ୍ପତ୍ତି ପାରମ୍ପରିକ ଭାବରେ ମହିଳାଙ୍କ ପରିସର ବାହାରେ ରଖାଯାଏ।

ଯେଉଁ ସମାଜ ପାରିବାରିକ ଆର୍ଥିକ ସ୍ଥିତି ସ୍ଥିର କରିବା ପାଇଁ ମହିଳାମାନଙ୍କ ଉପରେ ନିର୍ଭର କରେ, ସେହି ସମାଜ ସେମାନଙ୍କୁ ଆର୍ଥିକ ସ୍ୱାୟତ୍ତତା ହାସଲ କରିବାରେ ପ୍ରତିବନ୍ଧକ ସୃଷ୍ଟି କରେ। ଧନ, ସମୃଦ୍ଧି, ସନ୍ତୁଳନ ଓ କଲ୍ୟାଣର ଦିବ୍ୟଶକ୍ତି ଭାବେ ମା'ଲକ୍ଷ୍ମୀଙ୍କୁ ଘରେ ଘରେ ପୂଜା କରାଗଲା ବେଳେ ବିପରୀତ ଭାବରେ ଆମେ ଆମ ଚାରିପାଖରେ ଥିବା ନାରୀସ୍ୱରୂପିଣୀ ଲକ୍ଷ୍ମୀମାନଙ୍କୁ ଆର୍ଥିକ ସାକ୍ଷରତା ବା ଆର୍ଥିକ ସୁଯୋଗ ଦେବାରେ କୃପଣତା ଦେଖାଇଥାଉ। ମହିଳାମାନଙ୍କ ପାଖରେ ସାମର୍ଥ୍ୟର ଅଭାବ ନାହିଁ। କେବଳ ସ୍ୱୀକୃତି, ସୁଯୋଗ ଓ ସୁବିଧାର ଅଭାବ ରହୁଛି। ତେଣୁ ମହିଳାମାନଙ୍କର ଆର୍ଥିକ ସାକ୍ଷରତାକୁ ସୁଦୃଢ଼ କରିବା, ସେମାନଙ୍କୁ ଭିନ୍ନ କିଛି ଶିକ୍ଷା ଦେବା ବିଷୟରେ ନୁହେଁ, ବରଂ ସେମାନେ ପୂର୍ବରୁ ଅଭ୍ୟାସ କରୁଥିବା ଆର୍ଥିକ ସାମର୍ଥ୍ୟକୁ ଆନୁଷ୍ଠାନିକ ଆକାର, ଶକ୍ତି ଓ ସ୍ୱାଧୀନତା ଦେବା ବିଷୟରେ ଚିନ୍ତା କରିବା ଆବଶ୍ୟକ। ଏହା କେବଳ ମହିଳାମାନଙ୍କ ଜୀବନକୁ ସମୃଦ୍ଧ କରିବ ନାହିଁ, ବରଂ ପରିବାର, ସମ୍ପ୍ରଦାୟ ଓ ବ୍ୟାପକ ଅର୍ଥନୀତିକୁ ମଜବୁତ ମଧ୍ୟ କରିବ।

ଆଜି ଆର୍ଥିକ ସାକ୍ଷରତା କେବଳ ସଞ୍ଚୟ କରିବାର ଜ୍ଞାନ ମଧ୍ୟରେ ସୀମିତ ନାହିଁ। ଆର୍ଥିକ ପରିଦୃଶ୍ୟରେ ପରିବର୍ତ୍ତନ, ଯେପରି ଡିଜିଟାଲ୍ ପେମେଣ୍ଟ, ଅନଲାଇନ୍ ବ୍ୟାଙ୍କିଙ୍ଗ୍, ମାଇକ୍ରୋଫାଇନାନ୍ସ, ବୀମା, ପେନସନ, କ୍ରେଡିଟ୍ ସ୍କୋର ଓ ଔପଚାରିକ ସମ୍ପତ୍ତି ମାଲିକାନା, ସାମାଜିକ-ଅର୍ଥନୈତିକ ଗତିଶୀଳତତାକୁ ନିର୍ଦ୍ଧାରଣ କରୁଛି। ଦ୍ରୁତ ଡିଜିଟାଇଜେସନ୍ ମଧ୍ୟରେ ଆର୍ଥିକ ଓ ଡିଜିଟାଲ୍ ସାକ୍ଷରତାର ଅଭାବ ଆଜି ମହିଳାମାନଙ୍କ ପାଇଁ ଏକ ନୂଆ ଆହ୍ୱାନ ସାଜିଛି। ସରକାରୀ ଆର୍ଥିକ କାର୍ଯ୍ୟକ୍ରମ ବା ସହାୟତା ଓ ଡିଜିଟାଲ ଆର୍ଥିକ ସେବା ଯେମିତି ସମ୍ପ୍ରସାରିତ ହେଉଛି ସେଇ ପରିପ୍ରେକ୍ଷୀରେ ମହିଳାମାନଙ୍କର ଆର୍ଥିକ ବ୍ୟବସ୍ଥାଗୁଡ଼ିକୁ ବୁଝିବା ଏବଂ ସେଗୁଡ଼ିକୁ ହାସଲ କରିବାର କ୍ଷମତା ଆଜି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ଉଦ୍ୟୋଗିତା, ଇ-କମର୍ସ, ଗିଗ୍ କାର୍ଯ୍ୟ ଓ ଗ୍ରାମୀଣ ସ୍ୱୟଂସହାୟକ ଗୋଷ୍ଠୀ ଆଧାରିତ ମୂଲ୍ୟ ଶୃଙ୍ଖଳାରେ ନୂତନ ସୁଯୋଗ ପାଇଁ ମହିଳାମାନଙ୍କୁ ଆନୁଷ୍ଠାନିକ ଆର୍ଥିକ କୌଶଳ ସହିତ ସଜ୍ଜିତ କରାଯିବା ଆବଶ୍ୟକ ହୋଇପଡ଼ିଛି, ଯାହା ସେମାନଙ୍କର ଅନ୍ତର୍ଦୃଷ୍ଟିସମ୍ପନ୍ନ ସାମର୍ଥ୍ୟକୁ ପରିପୂରଣ କରିପାରିବ।

ଆର୍ଥିକ ଜ୍ଞାନ ଦ୍ୱାରା ସଶକ୍ତ ହେଲେ ମହିଳାମାନେ ଆୟରେ ବିବିଧତା ଆଣିବା, ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା, ଲୁଣ୍ଠନକାରୀଙ୍କ ଋଣ ଓ ଶୋଷଣକୁ ଏଡ଼ାଇବା ଏବଂ ସ୍ୱୟଂସହାୟକ ଗୋଷ୍ଠୀ, ସମବାୟ ସମିତି ଭଳି ଗୋଷ୍ଠୀ ସଂସ୍ଥାଗୁଡ଼ିକୁ ମଜବୁତ କରିବାର ସମ୍ଭାବନା ଅଧିକ ରହିଥାଏ। ତଥାପି ମହିଳାମାନଙ୍କ ମଧ୍ୟରେ ଆଧୁନିକ ଆର୍ଥିକ ସାକ୍ଷରତା ଆଣିବା ବା ତାହାକୁ କାର୍ଯ୍ୟକାରୀ କରାଇବାରେ ରହିଛି ଅନେକ ଆହ୍ୱାନ। ସାମାଜିକ ନିୟମ, ଗତିଶୀଳତା ଉପରେ କଟକଣା, ଡିଜିଟାଲ୍ ଉପକରଣଗୁଡ଼ିକର ସୀମିତ ଉପଲବ୍ଧତା, ଆନୁଷ୍ଠାନିକ ଅନୁଷ୍ଠାନଗୁଡ଼ିକ ଉପରେ କମ୍ ଆତ୍ମବିଶ୍ୱାସ ଭଳି ସମସ୍ୟା, ମହିଳାମାନଙ୍କ ଅନ୍ତର୍ନିହିତ ସାମର୍ଥ୍ୟକୁ ବ୍ୟବହାରିକ ସଶକ୍ତୀକରଣରେ ରୂପାନ୍ତରିତ କରିବାରେ ବାଧା ସୃଷ୍ଟି କରିଥାଏ। ଅନେକ ମହିଳା ଆଜି ମଧ୍ୟ ଏଟିଏମ୍ ବ୍ୟବହାର କରିବାକୁ ଦ୍ୱିଧାପ୍ରକାଶ କରନ୍ତି, ଡିଜିଟାଲ୍ ଠକେଇ ବିଷୟରେ କିଛି ଜାଣନ୍ତି ନାହିଁ, ସେମାନଙ୍କ ପାଇଁ ତିଆରି ହୋଇଥିବା ଆର୍ଥିକ ଯୋଜନା ବିଷୟରେ ମଧ୍ୟ ପର୍ଯ୍ୟାପ୍ତ ଜ୍ଞାନ ରଖନ୍ତି ନାହିଁ। ଏହି ଢାଞ୍ଚାଗତ ପ୍ରତିବନ୍ଧକ ମହିଳାମାନଙ୍କ ଆର୍ଥିକ ସାକ୍ଷରତାର ପରିବର୍ତ୍ତନଶୀଳ ସମ୍ଭାବନାକୁ ସୀମିତ କରିଥାଏ।

ଏହି ବ୍ୟବଧାନଗୁଡ଼ିକୁ ଦୂର କରିବା ପାଇଁ ସାଂସ୍କୃତିକ ଦୃଷ୍ଟିରୁ ସମ୍ବେଦନଶୀଳ ଏବଂ ସାମାଜିକ ଭିତ୍ତି ଆଧାରିତ ଆଭିମୁଖ୍ୟର ଆବଶ୍ୟକତା ରହିଛି, ଯାହା ଗୋଷ୍ଠୀଭିତ୍ତିକ ଆର୍ଥିକ ସାକ୍ଷରତା ତାଲିମ୍, ସ୍ୱୟଂସହାୟକ ଗୋଷ୍ଠୀ ନେତୃତ୍ୱାଧୀନ ସହକର୍ମୀ ଶିକ୍ଷା, ଡିଜିଟାଲ୍ ସମାବେଶନ ଶିବିର, ଗ୍ରାମସ୍ତରୀୟ ବ୍ୟାଙ୍କିଙ୍ଗ୍ ସମ୍ବାଦଦାତା ଓ ସରଳୀକୃତ ବହୁଭାଷୀ ଆର୍ଥିକ ଉପକରଣ ଜ୍ଞାନର ପାର୍ଥକ୍ୟକୁ ଦୂର କରିପାରିବ। ମହିଳାମାନଙ୍କ ପାଖରେ ବ୍ୟକ୍ତିଗତ ମୋବାଇଲ୍ ଫୋନ୍, ଡିଜିଟାଲ୍ ପରିଚୟ ଓ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ସୁବିଧା ସୁନିଶ୍ଚିତ କରିବା ମଧ୍ୟ ଆବଶ୍ୟକ। ନୀତିଗତ ପ୍ରୟାସ କେବଳ ଆର୍ଥିକ ଶିକ୍ଷା ଉପରେ ଧ୍ୟାନ ଦେବା ନୁହେଁ, ବରଂ ସଂସ୍ଥାଗତ ସଂସ୍କାର ଉପରେ ଧ୍ୟାନ ଦେବା ମଧ୍ୟ ଜରୁରୀ। ମିଳିତ ଜମି ମାଲିକାନା, ଲିଙ୍ଗ-ଅନୁକୂଳ ବ୍ୟାଙ୍କ ପ୍ରକ୍ରିୟା, ସହଜରେ ଉପଲବ୍ଧ ଅଭିଯୋଗ ବ୍ୟବସ୍ଥା ଏବଂ ଦୃଢ଼ ସାମାଜିକ ସମର୍ଥନ ବ୍ୟବସ୍ଥା ମହିଳାମାନଙ୍କୁ ସ୍ୱାଧୀନ ଭାବରେ ଆର୍ଥିକ ନିଷ୍ପତ୍ତି ନେବାକୁ ଉତ୍ସାହିତ କରିପାରିବ। ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୁରୁଷ ଓ ପରିବାରର ସଚେତନତା, ଯାହାଦ୍ୱାରା ଆର୍ଥିକ ସଶକ୍ତୀକରଣ ଘରୋଇ ବିବାଦର ଏକ ଉତ୍ସ ନହୋଇ, ପ୍ରଗତି ପାଇଁ ଏକ ସହଭାଗୀ ମାର୍ଗ ତିଆରି କରିପାରିବ।

ମହିଳାମାନେ ଆର୍ଥିକ ଦୃଷ୍ଟିରୁ ସାକ୍ଷର ହେଲେ ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟିସାଧନ ଓ ମାନବ ପୁଞ୍ଜିରେ ଅଧିକ ନିବେଶ କରିଥା'ନ୍ତି। ସେମାନଙ୍କର ଉଦ୍ୟୋଗ, ସ୍ଥାନୀୟ ଅର୍ଥବ୍ୟବସ୍ଥାରେ ବିବିଧତା ଆଣିଥାଏ, ଘରୋଇ ସ୍ଥିତିସ୍ଥାପକତା ବୃଦ୍ଧି କରିଥାଏ ଏବଂ ଜାତୀୟ ଉତ୍ପାଦନରେ ସିଧାସଳଖ ଯୋଗଦାନ କରିଥାଏ। ବୈଶ୍ୱିକ ପ୍ରମାଣ ଦର୍ଶାଉଛି ଯେ ଅଧିକ ମହିଳା ଆର୍ଥିକ ଅନ୍ତର୍ଭୁକ୍ତ ଥିବା ଅର୍ଥବ୍ୟବସ୍ଥା, ସୁଦୃଢ଼ ମୋଟ ଘରୋଇ ଉତ୍ପାଦରେ ଅଭିବୃଦ୍ଧି, ଉନ୍ନତ ବିକାଶମୂଳକ ଫଳାଫଳ ଏବଂ ଅଧିକ ସନ୍ତୁଳିତ ସାମାଜିକ ପ୍ରଗତି ଆଣିଥାଏ। ମହିଳାମାନଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏକ ସାଂସ୍କୃତିକ ପୁନରୁଦ୍ଧାର ଏବଂ ଏକ ବିକାଶମୂଳକ ଆବଶ୍ୟକତା। ପ୍ରତ୍ୟେକ ମହିଳା ସ୍ୱୟଂଶାସିତ, ସୂଚିତ, ସୁରକ୍ଷିତ ଓ ସମ୍ମାନିତ ଭାବରେ ନିଜ ଜୀବନରେ ନିଜେ ଲକ୍ଷ୍ମୀ ହେବାକୁ ଅନୁମତି ପାଇଲେ ଆଧୁନିକ ଆର୍ଥିକ ସାକ୍ଷରତା ଆଉ ସମସ୍ୟା ନ ହୋଇ ଅଭିବୃଦ୍ଧିର ନୂତନ ପନ୍ଥା ହୋଇପାରିବ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## ତମାଖୁ ଛାଡ଼ିବା ସମ୍ଭବ

ଡି ଦେବହରି ରେଡି

ସାଂପ୍ରତିକ ସମୟରେ ଦିନକୁ ଦିନ ତମାଖୁ ଅଭ୍ୟାସ ଏକ ଭୟଙ୍କର ସ୍ୱାସ୍ଥ୍ୟ, ସାମାଜିକ, ଅର୍ଥନୈତିକ ସମସ୍ୟା ହୋଇ କାୟା ମେଲାଇ ଚାଲିଛି। ଭାରତ ହେଉଛି ବିଶ୍ୱର ତୃତୀୟ ତମାଖୁ ଉତ୍ପାଦନକାରୀ ରାଷ୍ଟ୍ର ଏବଂ ବ୍ୟବହାରରେ ବିଶ୍ୱରେ ଦ୍ୱିତୀୟ। ଗ୍ଲୋବାଲ ଆଡଲଟ୍ ଟୋବାକୋ ସର୍ଭେ-୨ ଅନୁଯାୟୀ ଭାରତରେ ଶତକଡ଼ା ୨୮.୬ ପ୍ରତିଶତ ଲୋକ ତମାଖୁ ବ୍ୟବହାର କରୁଥିବା ବେଳେ ଓଡ଼ିଶା ଏ କ୍ଷେତ୍ରରେ ଦେଶରେ ଷଷ୍ଠରେ ରହିଛି। ଓଡ଼ିଶାରେ ଶତକଡ଼ା ୪୫.୬ ପ୍ରତିଶତ ଲୋକ ଯେକୌଣସି ପ୍ରକାର ତମାଖୁ ସେବନ କରନ୍ତି। ତମାଖୁ ସେବନ ତାଲିକାର ପ୍ରଥମରେ ଥିବା ତ୍ରିପୁରା ହାରାହାରି ୬୪.୫% ଏବଂ ଶେଷରେ ଥିବା ଗୋଆ ସର୍ବନିମ୍ନ ପ୍ରାୟ ୯.୭% ତମାଖୁ ବ୍ୟବହାର କରନ୍ତି। ଭାରତ ଓ ଓଡ଼ିଶାରେ ଯଥାକ୍ରମେ ୧୦.୭% ଓ ୭.୦% ଲୋକ ଧୂମକାରୀ ତମାଖୁ ଏବଂ ଯଥାକ୍ରମେ ୨୧.୪% ଓ ୪୨.୯% ଲୋକ ଧୂମହୀନ ତମାଖୁ ବ୍ୟବହାର କରୁଛନ୍ତି। ଦେଶରେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ତମାଖୁ ବ୍ୟବହାରକାରୀ ସଂଖ୍ୟା ଅଧିକ।

ଅପରପକ୍ଷରେ ଭାରତରେ ବାର୍ଷିକ ୧୩.୫ ଲକ୍ଷ ଲୋକ ତମାଖୁ ବ୍ୟବହାର ଦ୍ୱାରା ମୃତ୍ୟୁବରଣ କରିଥା'ନ୍ତି, ଯାହା ସମୁଦାୟ ମୃତ୍ୟୁ ସଂଖ୍ୟାର ୯.୫%। ତମାଖୁ ମଧ୍ୟ କର୍କଟ, ହୃଦରୋଗ, ମସ୍ତିଷ୍କାଘାତ ଓ ଦୀର୍ଘସ୍ଥାୟୀ ଶ୍ୱାସ ଅବରୋଧୀ ଫୁସଫୁସ୍ ରୋଗ ଭଳି ଦୁରାରୋଗ୍ୟ ସୃଷ୍ଟି କରେ। ଏହାଦ୍ୱାରା ଶାରୀରିକ ଯନ୍ତ୍ରଣା ସହିତ ସାମାଜିକ ଓ ଅର୍ଥନୈତିକ ଜୀବନ ମଧ୍ୟ କ୍ଷତିଗ୍ରସ୍ତ ହୁଏ। ତମାଖୁ ସେବନକାରୀ ରୋଗଗ୍ରସ୍ତ ହେଲେ ଜୀବିକା ହରାଏ, ପରିବାରର ରୋଜଗାରର ପନ୍ଥା ବନ୍ଦ ହୋଇଯାଏ। ଏପରିକି ଚିକିତ୍ସା ପାଇଁ ଜମିବାଡ଼ି ଘର ଆଦି ବନ୍ଧା ପକେଇବାର କିମ୍ବା ବିକ୍ରି କରିଦେବାର ଉଦାହରଣ ଅନେକ।

କିଛି ବ୍ୟକ୍ତି ତମାଖୁ ସେବନରୁ ନିବୃତ୍ତ ରହିବା ପାଇଁ ପ୍ରୟାସ କରନ୍ତି। କିନ୍ତୁ ସଠିକ୍ ମାର୍ଗ ଦର୍ଶନର ଅଭାବରେ ପୁନଃ ବ୍ୟବହାର କରନ୍ତି। ସାଧାରଣତଃ ତମାଖୁଜାତ ଦ୍ରବ୍ୟରେ ଥିବା ନିକୋଟିନ୍ ନାମକ ରାସାୟନିକ ପଦାର୍ଥ ଯୋଗୁଁ ତମାଖୁଠାରୁ ଦୂରେଇ ରହିବା ଟିକେ କଷ୍ଟକର ହୋଇପଡ଼େ। ନିକୋଟିନ ସେବନର ୭-୧୦ ସେକେଣ୍ଡ ମଧ୍ୟରେ ଶରୀରରେ ଚର୍ମ, ପାଟି ଓ ଫୁସଫୁସ୍ ଦ୍ୱାରା ଅବଶୋଷିତ ହେଇ ରକ୍ତରେ ମିଶ୍ରଣ ଘଟି ଦ୍ରୁତଗତିରେ ମସ୍ତିଷ୍କରେ ପହଞ୍ଚି ଡୋପାମାଇନ୍ ଭଳି ହରମୋନ୍ ବା ଜୀବରସକୁ କ୍ଷରିତ କରାଏ, ଯାହାକି ଖୁସି, ଉତ୍ସାହିତ ଉଦ୍ଦୀପନା ଜାଗ୍ରତ କରାଏ। ଫଳରେ ତମାଖୁ ବ୍ୟବହାରକାରୀ ଅଳ୍ପ ସମୟ ପାଇଁ ଆନନ୍ଦ ଅନୁଭବ କରେ। କିନ୍ତୁ ଧୀରେ ଧୀରେ ସେ ନିକୋଟିନର ଗୋଲାମ୍ ହୋଇଯାଏ।

ଅପରପକ୍ଷରେ ତମାଖୁ ଛାଡ଼ିବା ସମ୍ପୂର୍ଣ୍ଣ ଭାବେ ସମ୍ଭବ। ଅନେକ ଲୋକ ତମାଖୁଠାରୁ ଦୂରେଇ ଅଛନ୍ତି। ଏଥିପାଇଁ ନିଜର ଇଚ୍ଛାଶକ୍ତି ଦରକାର। ତମାଖୁ ପ୍ରତି ଆକର୍ଷିତ ହେବା ମଧ୍ୟ ଏକ କାରଣ। ତମାଖୁ ଉତ୍ପାଦନ ଶିଳ୍ପ ସଂସ୍ଥା ଯୁବଗୋଷ୍ଠୀକୁ ବୃହତ୍ ଉପଭୋକ୍ତା ଭାବରେ ବାନ୍ଧି ରଖିଛି। ମୁଖ୍ୟତଃ ସିନେ କିମ୍ବା କ୍ରିକେଟ୍ ତାରକା ଓ ସମାଜରେ ଉତ୍ତୁଙ୍ଗ ବାକ୍ତିତ୍ୱଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଆକର୍ଷଣମୂଳକ ବିଜ୍ଞାପନ ପ୍ରଚଳନ କରି ଯୁବପିଢ଼ି ଓ କିଶୋରବର୍ଗଙ୍କୁ ତମାଖୁ ସେବନ ପାଇଁ ଆକୃଷ୍ଟ ଓ ଉତ୍ସାହିତ କରୁଛନ୍ତି। ସମାଜ ପାଇଁ ଏଭଳି ଆଦର୍ଶ ଓ ସମ୍ମାନାସ୍ପଦ ବ୍ୟକ୍ତିତ୍ୱମାନେ ଅର୍ଥଲୋଭୀ ବିଜ୍ଞାପନ ଜରିଆରେ ଯାହା କରୁଛନ୍ତି, ତାହାର ସୁଦୂରପ୍ରସାରୀ କୁପ୍ରଭାବ ସମାଜ ଉପରେ ପଡୁଛି। ଯଦିଓ ସେଭଳି ବ୍ୟକ୍ତିତ୍ୱ ଚଳଚ୍ଚିତ୍ର ଜଗତର ନାୟକ ହୋଇଥାଇପାରନ୍ତି, କିନ୍ତୁ ମଣିଷ ସମାଜ ପାଇଁ କଳଙ୍କ ଓ ଖଳନାୟକ ବୋଲି କହିଲେ କିଛି ତ୍ରୁଟି ହେବ ନାହିଁ।

ଏହି ସବୁ ଭିତରେ ଏକ କଥା ସ୍ପଷ୍ଟ ଭାବରେ କହିହେବ ଯେ ତମାଖୁ ଛାଡ଼ିବା ସମ୍ପୂର୍ଣ୍ଣ ସମ୍ଭବପର। ତମାଖୁ ଛାଡ଼ିବା ପାଇଁ ଆଜି ହିଁ ପ୍ରୟାସ ଆରମ୍ଭ କରନ୍ତୁ। ଏଥିପାଇଁ ପ୍ରଥମ ଓ ଗୁରୁତ୍ୱପୂର୍ଣ୍ଣ କଥା ନିଜର ଇଚ୍ଛାଶକ୍ତି। ତେଣୁ ତା'କୁ ପ୍ରଥମେ ଜାଗ୍ରତ କରାନ୍ତୁ। ସତେଜ ହୁଅନ୍ତୁ, ବାରମ୍ବାର ଉତ୍ସାହିତ ହୁଅନ୍ତୁ। ଛାଡ଼ିବା ପାଇଁ ତାରିଖ ନିର୍ଦ୍ଧାରିତ କରନ୍ତୁ। ହଁ ଏକ ଲମ୍ବା ଯାତ୍ରା ହୋଇପାରେ, କିନ୍ତୁ କିଛି ଅସମ୍ଭବ ନୁହେଁ। ତେଣୁ ଏହି ଯାତ୍ରାରେ ନିଜେ ଚାଳକ ହୁଅନ୍ତୁ ବା ନେତୃତ୍ୱ ନିଅନ୍ତୁ। ନିଜର ପରିବାର ବର୍ଗ, ସାଙ୍ଗସାଥୀ, କାର୍ଯ୍ୟାଳୟ ଓ ପରିବେଶକୁ ସହଚର ଭାବେ ଗ୍ରହଣ କରନ୍ତୁ। ନିଜ ଯାତ୍ରା ବିଷୟରେ ସମସ୍ତଙ୍କ ସହ ଆଲୋଚନା କରି ସଫଳ ଆଉ ବିଜୟୀ ହେବା ପାଇଁ ସହଯୋଗ ଏକାନ୍ତ କାମ୍ୟ ବୋଲି ପ୍ରକାଶ କରନ୍ତୁ। ଯେତେସମ୍ଭବ ନକାରାତ୍ମକ ବ୍ୟକ୍ତି ଯଥା ତମାଖୁ ବ୍ୟବହାର କରୁଥିବା ବ୍ୟକ୍ତି ଏବଂ ତମାଖୁ ବ୍ୟବହାର ପାଇଁ ଉତ୍ସାହିତ କରୁଥିବା ବ୍ୟକ୍ତି ଓ ପରିବେଶଠାରୁ ଦୂରେଇ ରୁହନ୍ତୁ। ଏହି ଯାତ୍ରାରେ ଅଧିକ ଓ ଶୀଘ୍ର ସଫଳତା ହାସଲ ପାଇଁ ପ୍ରତିଦିନ କିଛି ସମୟ ପାଇଁ ଧ୍ୟାନ, ପ୍ରାଣାୟମ ଆଦି କରିବା ସହ ନିଜ ସହ ନିଜେ କଥା ହୁଅନ୍ତୁ। ମନେ ରଖନ୍ତୁ ତମାଖୁ ଛାଡ଼ିବା ସମ୍ପୂର୍ଣ୍ଣ ସମ୍ଭବ। ନିଜେ ଟିକେ ଚେଷ୍ଟା କରନ୍ତୁ।

ତମାଖୁ ଛାଡ଼ିବା ପାଇଁ ସଂକଳ୍ପ ରାସ୍ତାରେ ବିଭିନ୍ନ ପ୍ରକାର ଉଦବେଗ ଆସିପାରେ। ଯେପରିକି ପାଟି ଅସ୍ୱାଭାବିକ ହେବା, ମନ ଅସ୍ଥିର ହେବା, ଚିଡ଼ିଚିଡ଼ା ଲାଗିବା, ବିରକ୍ତ ଅନୁଭବ ହେବା ଇତ୍ୟାଦି ଇତ୍ୟାଦି। ଏହିଭଳି ଉଦ୍‌ବେଗ ଆସିବା ସମୟରେ ନିଜକୁ ଦୁର୍ବଳ ନ ଭାବି ତା'କୁ ସାମନା କରିବା। ସେହି ସମୟରେ ମୁହଁହାତ ଧୋଇ ପ୍ରଚୁର ପାଣି ପିଇବା, ନିଜ ମନ ପସନ୍ଦ କାର୍ଯ୍ୟ, ଯେମିତି କି ଗପ ବହି ପଢ଼ିବା, ଚଳଚ୍ଚିତ୍ର ଦେଖିବା, ଗୀତ ଶୁଣିବା, ସାଙ୍ଗସାଥି ପରିବାର ବର୍ଗଙ୍କ ସହ କଥା ହେବା ଭଳି କାର୍ଯ୍ୟ କରି ନିଜର ଧ୍ୟାନ ସେପଟେ ରଖି ପାରିଲେ ତମାଖୁ ପ୍ରତି ଜାଗ୍ରତ ହେଉଥିବା ଆସକ୍ତି ଆପେ ଆପେ ଆୟତ୍ତ ହେଇଯିବ। ଏହିଭଳି ସାତଦିନରୁ ଚଉଦଦିନ ପ୍ରୟାସ କଲେ ତମାଖୁଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିପାରିବା।

ଏହିଯାତ୍ରାରେ ଆପଣଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଅଭିଜ୍ଞ ସ୍ୱାସ୍ଥ୍ୟ ପରାମର୍ଶଦାତାଙ୍କ ସାହାଯ୍ୟ ଓ ପରାମର୍ଶ ନେଇପାରିବେ। ତା'ଛଡ଼ା ସରକାରଙ୍କ ପକ୍ଷରୁ ନିଃଶୁଳ୍କ ପରାମର୍ଶ ପାଇଁ ଉପଲବ୍ଧ ୧୮୦୦ ୧୧ ୨୩୫୬ର ସାହାଯ୍ୟ ନେଇପାରିଲେ ନିଶ୍ଚିନ୍ତ ଭାବେ ସୁଫଳ ମିଳିବ। ଯେତେଶୀଘ୍ର ତମାଖୁଠାରୁ ଦୂରେଇ ରହିବା ସେତେ ଶୀଘ୍ର ସ୍ୱାସ୍ଥ୍ୟ ସମସ୍ୟାଠାରୁ ଦୂରେଇ ରହି ପାରିବା। ତମାଖୁ ଛାଡ଼ିବା ଜୀବନ ବାଛିବା।

(ସ୍ୱାସ୍ଥ୍ୟ ପରାମର୍ଶଦାତା)
ଛତ୍ରପୁର, ମୋ: ୯୪୩୭୨୫୩୩୩୨

## ଓଡ଼ିଆ ଅସ୍ମିତାର ଅନନ୍ୟ ପ୍ରତୀକ: ଗୁରୁ ପଦ୍ମସମ୍ଭବ

ପ୍ରବୀର କୁମାର ପଟ୍ଟନାୟକ

ପୂର୍ବ ପ୍ରକାଶିତ ଉତ୍ତାରୁ...

ଚୀନ ପରିବ୍ରାଜକ ହୁଏନ ସାଂ ସପ୍ତମ ଶତାବ୍ଦୀ ମଧ୍ୟଭାଗରେ ଗାନ୍ଧାର-ଉଦ୍ୟାନ-ସ୍ୱାତ୍-କାଶ୍ମୀର ଅଞ୍ଚଳ ଅତିକ୍ରମ କରୁଥିବା ବେଳର ଘଟଣାକ୍ରମ ମଧ୍ୟରେ ନିର୍ଦ୍ଦିଷ୍ଟ ଭାବେ ଗୋଟିଏ କଥା ଦର୍ଶାଇଛନ୍ତି ଯେ ସେହି ଅଞ୍ଚଳର ସାଧାରଣ ଜନତା, ଏପରିକି ସନ୍ନ୍ୟାସୀମାନେ ମଧ୍ୟ ଚମତ୍କାରିତା ତଥା କୁହୁକ ବିଦ୍ୟା ପ୍ରଦର୍ଶନ କରୁଥିଲେ। ବୌଦ୍ଧ ସାହିତ୍ୟରୁ ଏହା ମଧ୍ୟ ଜଣା ଯେ ବୁଦ୍ଧଙ୍କ କାଳରୁ ବି ଗାନ୍ଧାର ଲୋକମାନଙ୍କୁ ଏହି ଯାଦୁ ଓ କୁହୁକ ବିଦ୍ୟା ଜଣାଥିଲା। ଯାଦୁ ଓ କୁହୁକ ତଥା ଚମତ୍କାରିତା ପ୍ରଦର୍ଶନ ଆଦି ସେ ଅଞ୍ଚଳର ଏକ ଲୋକକଳା ଭଳି ରହିଥିଲା ଯୁଗେ ଯୁଗେ। ଏହି ବିଦ୍ୟାର ପ୍ରୟୋଗରେ ସେହି ଅଞ୍ଚଳର ଅନେକ ଲୋକ ନିଜର ଭରଣପୋଷଣ କରୁଥିଲେ। ଏଣୁ ହୁଏନସାଂଙ୍କ କାଳରେ ସେ ଏହି ଅଞ୍ଚଳରେ ସେହି କଥା ହିଁ ଦେଖିଥିଲେ। ଏହା ଯାଦୁବିଦ୍ୟା ଆଦିର ପ୍ରଦର୍ଶନ କୌଣସି ମତେ ବଜ୍ରଯାନ ବୌଦ୍ଧ ଧର୍ମର ସାଧନା ଅଥବା ଅଭ୍ୟାସ ନ ଥିଲା, ଏହା ନିର୍ଦ୍ଦିଷ୍ଟଭାବେ ସେ ଅଞ୍ଚଳର କିଛି ଲୋକଙ୍କର ସାଧାରଣ ପେଷା ହିଁ ଥିଲା।



ଦ୍ୱିତୀୟ-ବୁଦ୍ଧ କଥା

କିଛି ଗବେଷକ ହୁଏନସାଂଙ୍କର ଏହି ଗାନ୍ଧାର କାଶ୍ମୀର ଅଞ୍ଚଳରେ ଭ୍ରମଣ ବେଳେ ସେଠାରେ ଯାଦୁବିଦ୍ୟା ପ୍ରଦର୍ଶନର ବର୍ଣ୍ଣନାକୁ ବଜ୍ରଯାନ ବୌଦ୍ଧଧର୍ମର ତାନ୍ତ୍ରିକ କାର୍ଯ୍ୟକଳାପ ଭାବରେ ଭୁଲ ଧାରଣାର ବଶବର୍ତ୍ତୀ ହୋଇ ଉପସ୍ଥାପନ କରିଛନ୍ତି। ଉଡ୍ଡୀୟାନ କ୍ଷେତ୍ର ହେଉଛି ବଜ୍ରଯାନର ପ୍ରଥମ ତଥା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପୀଠ। ବଜ୍ରଯାନ କେବଳ ଯାଦୁ ଚମତ୍କାରିତା ତଥା କୁହୁକ ପ୍ରଦର୍ଶନର ଏକ ଧର୍ମ ନୁହେଁ। ବଜ୍ରଯାନର ଦୁଇଗୋଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ 'ସାଧନାମାଳା' ଓ 'ନିଷ୍ପନ୍ନଯୋଗାବଳୀ'ରେ ପ୍ରାୟ ଛଅଶହରୁ ଅଧିକ ବଜ୍ରଯାନୀ ଦେବଦେବୀଙ୍କର ସାଧନା ତଥା ମଣ୍ଡଳ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ସ୍ୱାତ୍-ଉପତ୍ୟାକା ଅଞ୍ଚଳ ଅଥବା ସମଗ୍ର ଗାନ୍ଧାର- ଉଦ୍ୟାନ-କାଶ୍ମୀର ଅଞ୍ଚଳର ପଦ୍ମସମ୍ଭବଙ୍କ କାଳ(ଅଷ୍ଟମ-ନବମ ଶତାବ୍ଦୀ)ରେ ବଜ୍ରଯାନର କୌଣସି ଚିହ୍ନବର୍ଣ୍ଣ ମଧ୍ୟ ନଥିଲା କିମ୍ବା ସେଠାରେ ତାହାର ଉପସ୍ଥିତି ମଧ୍ୟ ନଥିଲା। ଏହି ପ୍ରସଙ୍ଗରେ ସେ ଅଞ୍ଚଳରୁ କୌଣସି ତଥ୍ୟ ପ୍ରମାଣ ମଧ୍ୟ ମିଳିପାରିନାହିଁ। ବଜ୍ରଯାନ ଦେବଦେବୀମାନଙ୍କର କୌଣସି ଗୋଟିଏ ମଧ୍ୟ ମୂର୍ତ୍ତି ଏ ଅଞ୍ଚଳରୁ ଠାବ କିମ୍ବା ଉଦ୍ଧାର କରାଯାଇନାହିଁ, ଯେଉଁଠି କି ଓଡ଼ିଶାର କୋଣ ଅନୁକୋଣରୁ ହଜାର ହଜାର ସଂଖ୍ୟାରେ ବଜ୍ରଯାନୀ ଦେବଦେବୀ ମୂର୍ତ୍ତିମାନ ଉଦ୍ଧାର କରାଯାଇପାରିଛି।

ଗାନ୍ଧାର ଅଞ୍ଚଳରୁ ବହୁସଂଖ୍ୟକ ବୋଧିସତ୍ତ୍ୱ ମୈତ୍ରେୟଙ୍କର ମୂର୍ତ୍ତିମାନ ଯାହା ଉଦ୍ଧାର କରାଯାଇଛି ତାହା ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏ ଅଞ୍ଚଳରେ ଏହି ବୌଦ୍ଧ ଦେବତାଙ୍କର ଧର୍ମତତ୍ତ୍ୱର ପ୍ରଚଳନ ଖୁବ ପ୍ରଭାବଶାଳୀ ଢଙ୍ଗରେ କାୟାବିସ୍ତାର କରିଥିବା ଦର୍ଶାଇଥାଏ। ଏହି 'ମୈତ୍ରେୟ ତତ୍ତ୍ୱ' ହେଉଛି 'ସର୍ବାସ୍ତିବାଦୀ'ମାନଙ୍କର। ଏହି 'ମୈତ୍ରେୟ ତତ୍ତ୍ୱ' ମହାଯାନଠାରୁ ଭିନ୍ନ। 'ସର୍ବାସ୍ତିବାଦ' ହେଉଛି 'ହୀନଯାନ' ଅଥବା 'ଥେରବାଦ' ଗୋଷ୍ଠୀର। 'ସର୍ବାସ୍ତିବାଦ' ଏହି ଗାନ୍ଧାର କାଶ୍ମୀର ଅଞ୍ଚଳ ଏବଂ କେନ୍ଦ୍ର ଏସିଆ ଅଞ୍ଚଳରେ ବ୍ୟାପକଭାବେ ପ୍ରଚଳିତ ଥିଲା। ପୁନଶ୍ଚ ଗାନ୍ଧାରରେ ବିକାଶ ଲାଭ କରିଥିଲା ବୌଦ୍ଧ କଳା ଓ ସ୍ଥାପତ୍ୟ। ତେଣୁ କରି ବୁଦ୍ଧ, ଶାକ୍ୟ ମୁନି ଓ ବୋଧିସତ୍ତ୍ୱ ମୈତ୍ରେୟ କୈନ୍ଦ୍ରିକ।

ପଦ୍ମସମ୍ଭବ ହେଉଛନ୍ତି ଜଣେ ଖାତନାମା ବୌଦ୍ଧ ଆଚାର୍ଯ୍ୟ। ତେଣୁ ତାଙ୍କ ଜୀବନ ଚରିତ, କାର୍ଯ୍ୟକଳାପ ତଥା ସଫଳତା ଆଦି ସଂପର୍କରେ ଆଲୋଚନା କଲା ବେଳେ ତାଙ୍କ କାଳରେ ଭାରତବର୍ଷ, ଓଡ଼ିଶା ତଥା ତିବ୍ବତରେ ବୌଦ୍ଧ ଧର୍ମର ସ୍ଥିତି ସଂପର୍କରେ ଜାଣିବା ନିତାନ୍ତ ଆବଶ୍ୟକ। ଏହାବ୍ୟତୀତ କେତେକ ଗବେଷକ ଉଡ୍ଡୀୟାନ କ୍ଷେତ୍ର ସହ ସ୍ୱାତ୍ ଉପତ୍ୟକାର ବିବାଦୀୟ ସଂପର୍କ ଦର୍ଶାଇଥିବାରୁ ଗାନ୍ଧାର-କାଶ୍ମୀର-ସ୍ୱାତ୍-ଉଦ୍ୟାନ ଅଞ୍ଚଳରେ ସେ ସମୟକୁ ବୌଦ୍ଧକଳା ସ୍ଥାପତ୍ୟର ପ୍ରଭାବ ରହିଥିଲା। ଏ ସମସ୍ତ ବିଷୟ ଏବଂ ପ୍ରସଙ୍ଗ ପୂର୍ବରୁ ସମ୍ୟକଭାବେ ବିଭିନ୍ନ ଅଧ୍ୟାୟରେ ସୂଚିତ କରିଦିଆ ଯାଇଛି।

(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ପରଲୋକ




## ଶେଷଦର୍ଶନ କଲେ ମୋହନ, ଶୋକବ୍ୟକ୍ତ କଲେ ନବୀନ

## ବିଧାନସଭାରେ ଦିଆଗଲା ଗାର୍ଡ ଅଫ ଅନର୍

ବ୍ୟାସନଗର, ୨୬।୧୨(ସମିସ): କୋରେଇର ପ୍ରଥମ ମହିଳା ବିଧାୟିକା ସଞ୍ଚିତା ମହାନ୍ତିଙ୍କ ପରଲୋକ ଘଟିଛି। ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସକାଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସଞ୍ଚିତା ବିଜେପି ଟିକଟରେ ବିଜୟୀ ହୋଇ ୨୦୦୪ରୁ ୨୦୦୯ ମସିହା ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାକୁ କୋରେଇ ବିଧାନସଭା କ୍ଷେତ୍ରରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ। ବିଧାୟିକା ଭାବେ ସେ କୋରେଇର ଅନେକ ବିକାଶମୂଳକ କାର୍ଯ୍ୟ କରିଥିଲେ। ସଞ୍ଚିତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ପୂର୍ତ୍ତ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇ ମୁଖ୍ୟମନ୍ତ୍ରୀ ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ 'ଏକ୍ସ' ମାଧ୍ୟମରେ ଶୋକ ପ୍ରକାଶ କରିଛନ୍ତି। ଲୋକଙ୍କ ସେବା ଓ ଉନ୍ନତିରେ ସଞ୍ଚିତାଙ୍କ କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ ବୋଲି ନବୀନ କହିଛନ୍ତି। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

ଆଜି ଅପରାହ୍ଣରେ ବିଧାନସଭା ପରିସରକୁ ସଞ୍ଚିତାଙ୍କ ପାର୍ଥିବ ଶରୀରକୁ ଅଣାଯାଇଥିଲା। ସେଠାରେ ତାଙ୍କୁ ଗାର୍ଡ-ଅଫ୍-ଅନର୍ ପ୍ରଦାନ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ବାବୁ ସିଂ, ଅମରେନ୍ଦ୍ର ଦାସ, ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଧାନସଭାର କର୍ମଚାରୀମାନେ ତାଙ୍କର ଶେଷଦର୍ଶନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

୧୯୫୮ରେ ଜନ୍ମିତ ଶ୍ରୀମତୀ ମହାନ୍ତି ସ୍ନାତକ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଇନ ଶିକ୍ଷା ସମାପନ କରି ଜଣେ ଆଇନଜୀବୀ ଭାବେ କାର୍ଯ୍ୟ କରିଥିଲେ। ସେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଗୋପୀନାଥ ମହାନ୍ତିଙ୍କୁ ବିବାହ କରିଥିଲେ। ତାଙ୍କର ୨ ଗୋଟି ପୁତ୍ର ସନ୍ତାନ ଅଛନ୍ତି। କିଛି ବର୍ଷ ତଳେ ସ୍ୱାମୀ ଗୋପୀନାଥ ମହାନ୍ତି ମୃତ୍ୟୁବରଣ କରିଥିଲେ। କୋରେଇ ବିଧାୟିକା ଭାବେ ନିର୍ବାଚିତ ହେବା ପରେ ସେ ବିଧାନସଭାରେ ଗୃହ, ମହିଳା ଶିଶୁ ବିକାଶ ବିଭାଗ କମିଟିରେ ସଭ୍ୟ ରହିଥିଲେ। କିଛି ମାସ ହେବ, ସେ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିଲେ।

# ଚିହ୍ନଟ ହେଲେ ୩ ମୃତ ମାଓବାଦୀ

ଫୁଲବାଣୀ, ୨୬।୧୨ (ସମିସ): ପୁଲିସ୍ ଏନ୍‌କାଉଣ୍ଟର୍‌ରେ ଗତକାଲି ନିହତ ୬ ମାଓବାଦୀଙ୍କ ମଧ୍ୟରୁ ବାକି ୩ଜଣଙ୍କର ଆଜି ପରିଚୟ ମିଳିଛି। ସେମାନେ ହେଲେ, ଏରିଆ କମିଟି ମେମ୍ବର ଅଙ୍କିତା, ପାର୍ଟି ମେମ୍ବର ସୀମା ଓ ଉମେଶ। ଚକାପାଦ ଥାନା ଅଞ୍ଚଳରେ ପୁଲିସ ଗୁଳିରେ ଏମାନେ ନିହତ ହୋଇଛନ୍ତି। ଏହି ସଫଳତାକୁ ଓଡ଼ିଶା ଓ କନ୍ଧମାଳ ପୁଲିସ ପାଇଁ ଏକ ବଡ଼ ଉପଲବ୍ଧି ବୋଲି ଆଜି ସ୍ଥାନୀୟ ପୁଲିସ ରିଜର୍ଭରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ଏଡିଜି) ସଞ୍ଜୀବ ପଣ୍ଡା କହିଛନ୍ତି।

ଏଡିଜିଙ୍କ ସୂଚନାନୁସାରେ, ବର୍ତ୍ତମାନ କେବଳ କନ୍ଧମାଳ ଜିଲ୍ଲାରେ ମାଓବାଦୀ ସକ୍ରିୟ ଅଛନ୍ତି। ସେମାନଙ୍କ ସଂଖ୍ୟା ଏବଂ ସାମର୍ଥ୍ୟ ଯଥେଷ୍ଟ ହ୍ରାସ ପାଇଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ରାଜ୍ୟକୁ ମାଓମୁକ୍ତ କରିବାରେ ପୁଲିସ ସଫଳ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି ଶ୍ରୀ ପଣ୍ଡା। ସମ୍ପ୍ରତି ବେଲଘର ଓ ଗସମା ଅଞ୍ଚଳରେ ସୁରକ୍ଷା ବାହିନୀକୁ ମିଳିଥିବା ସଫଳତାର ଶ୍ରେୟ ରାଜ୍ୟ ପୁଲିସର ଗୁଇନ୍ଦା ବିଭାଗ, କନ୍ଧମାଳ ଏସ୍‌ପି ଏବଂ ଅପରେସନରେ ସାମିଲ ଯବାନଙ୍କୁ ଦେଇଛନ୍ତି ଏଡିଜି।

ସୂଚନାଯୋଗ୍ୟ, ୨୪ ତାରିଖରେ ବେଲଘର ଥାନା ଅଞ୍ଚଳ ଓ ୨୫ ତାରିଖରେ ଚକାପାଦ ଥାନା ଗସମା ଅଞ୍ଚଳରେ କରାଯାଇଥିବା ଦୁଇ ବଡ଼ ଧରଣର ମାଓ ଅପରେସନରେ ଯଥାକ୍ରମେ ୨ ଓ ୪ ଜଣ ନକ୍ସଲ ପୁଲିସ ଗୁଳିର ଶିକାର ହୋଇଥିଲେ। ଆଜି ସକାଳ ସୁଦ୍ଧା ସମସ୍ତଙ୍କ ମୃତଦେହ ଆଣି ଫୁଲବାଣୀ ପୁଲିସ ରିଜର୍ଭରେ ରଖାଯାଇଛି। ମୃତଦେହ ପାଇଁ କେହି ଦାବି ନ କଲେ ୭୨ ଘଣ୍ଟା ପରେ ନିୟମ ଅନୁସାରେ ପଦକ୍ଷେପ ନିଆଯିବ। ଉଭୟ ଅପରେସନସ୍ଥଳରୁ ପୁଲିସକୁ ବିପୁଳ ପରିମାଣର ମାଓ ସାମଗ୍ରୀ ମିଳିଛି। ସେଥିମଧ୍ୟରେ ଇନ୍‌ସାସ ରାଇଫଲ, ୩୦୩ ରାଇଫଲ, ଗୁଳି, ବ୍ୟାଟେରି, ପୋଷାକପତ୍ର ଭଳି ବିଭିନ୍ନ ଜିନିଷ ରହିଛି।

**AFFIDAVIT**

By virtue of an affidavit (CF No. 63, Dt-13/11/2025) sworn before the Executive Magistrate, Bhubaneswar, I, Gitanjali Mahakuda, W/o- Gandharba Mahakuda, current resident of Udayagiri Vihar, Patrapada, P.s: Khandagiri, Bhubaneswar-751019, Dist-Khurda & permanent resident of At-Bhuktabhuin, Po-Chhamenda, P.S- Jagannath Prasad, Dist-Ganjam, Odisha, Pin-761121 declare that I have changed my minor son's name from Sibaram Gouda to Sibaram Mahakuda. Henceforth, he shall be known as **Sibaram Mahakuda** (new name) for all purposes.

Gitanjali Mahakuda

**AFFIDAVIT**

By virtue of an affidavit sworn before Executive Magistrate, Bargarh, I Renu Bansal, D/o-Kailash Prasad Bansal residing at Ward No.1, Nadipada, Bargarh, Po./Ps./ Dist.- Bargarh, Odisha, Pin-768028 state that, I have changed my name from **Renu Agrawal** to **Renu Bansal**. Henceforth I shall be known as **Renu Bansal** for all future purposes.

**AFFIDAVIT**

I, L Abhinash, aged about 26 years, S/o-Chandrasena Lima, resident of At-Allada, Po-Vallada, Ps- Kashinagar, Dist- Gajapati, Pin-761206, Odisha declare by this affidavit No. 2601, dtd- 26/12/2025, that now onwards I shall be known as **L ABHINASH NAYAK** for all future purposes.

■ ପୁଣି ଦାଦନ ଦୁଃଖ

# ତେଲେଙ୍ଗାନାରେ ଓଡ଼ିଆ ଯୁବତୀକୁ ହତ୍ୟା



କୋକସରା, ୨୬।୧୨ (ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଞ୍ଚଳରେ ପୁଣି ଦାଦନ ଯନ୍ତ୍ରଣା। ପେଟପାଟଣା ପାଇଁ ଦାଦନ ଖଟିବାକୁ ତେଲଙ୍ଗାନା ଯାଇଥିବା ଜୟନ୍ତପୁର ପଞ୍ଚାୟତ କାଣ୍ଡପଡ଼ା ଗ୍ରାମର ଜଣେ ଯୁବତୀ ସେଠାରେ ହତ୍ୟାର ଶିକାର ହୋଇଛନ୍ତି। ମୃତ ଯୁବତୀଜଣଙ୍କ ହେଲେ, ଜେମାମଣି କାଣ୍ଡ (୧୯)। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିବା ପରେ ଶବକୁ ବ୍ରିଜ୍ ତଳକୁ ଫୋପାଡ଼ି ଦେଇଥିବା ଅଭିଯୋଗ ହୋଇଛି। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନାନୁସାରେ, କିଛି ମାସ ତଳେ ଜେମାମଣି ପରିବାର ସହ ତେଲେଙ୍ଗାନା ଖମନପ୍ରକାଶନଗର ଅଞ୍ଚଳର ଜଣେ ଠିକାଦାର ପାଖରେ ଦାଦନ ଶ୍ରମିକ ଭାବେ ଇଟା ଭାଟିରେ କାମ କରୁଥିଲେ। କୌଣସି କାମରେ ସେ ପାଖ ବ୍ରିଜ୍ ନିକଟକୁ ଯାଇଥିଲେ। କିନ୍ତୁ ଆଉ ଘରକୁ ଫେରିନଥିଲେ। ପରେ ତାଙ୍କ ମୃତଦେହ ବ୍ରିଜ୍ ତଳେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକ ପୁଲିସକୁ ଖବର ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ଧର୍ମଗଡ଼ ଅଞ୍ଚଳରେ ଦାଦନ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଜେମାମଣିଙ୍କୁ ମିଶାଇ ସପ୍ତାହକରେ ୩ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟି ସାରିଲାଣି। ଗତ ୧୮ ତାରିଖ ଦିନ କୋକସରା ବ୍ଲକ୍ ଖୁଣ୍ଟିଆ ପଞ୍ଚାୟତ ମିର୍ଜାପୁର ଗ୍ରାମର ଅନୀଲ ସାଗର (୪୫)ଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ତାରିଖ ଦିନ ଧର୍ମଗଡ଼ ବିଜ୍ଞାପନ ଅଞ୍ଚଳ କେବିଡ଼ି ଗ୍ରାମର ନନ୍ଦ ଗୋପାଳଙ୍କ ମୃତ୍ୟୁ ହୋଇଛି।

ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

# ଯୁବକଙ୍କ ସ୍ୱାର୍ଥକୁ ଉପେକ୍ଷା କରିଛି ଡବଲ ଇଞ୍ଜିନ ସରକାର

ଭୁବନେଶ୍ୱର,୨୬।୧୨(ସମିସ): ଆଜିର ପରିବର୍ତ୍ତିତ ପରିସ୍ଥିତିରେ ଯେଉଁ ନୂତନ ସୂର୍ଯ୍ୟୋଦୟ ହେବ, ଓଡ଼ିଶାର ଯୁବ ସମାଜ ତା'ର ନେତୃତ୍ୱ ନେବ। ଓଡ଼ିଶାରେ ଯୁବ ସମାଜ ହିଁ ପରିବର୍ତ୍ତନର ସୂତ୍ରଧର ହେବେ। ଡବଲ ଇଞ୍ଜିନ ସରକାର ଯୁବକ ମାନଙ୍କ ସ୍ୱାର୍ଥକୁ ଉପେକ୍ଷା କରିଛି। ବିଜେପି ସରକାର ପ୍ରତି ଓଡ଼ିଶାର ଯୁବ ସମାଜ ବିମୁଖ। ସେମାନଙ୍କୁ କର୍ମ ସଂସ୍ଥାନ ଯୋଗାଇବାରେ ସରକାର ଅକ୍ଷମ। ଓଡ଼ିଶାର ମାଟିତଳେ ଅମୂଲ୍ୟ ଖଣିଜ ସମ୍ପଦ ଥାଇ ଓଡ଼ିଆ ଯୁବକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସୁତରାଂ ଯୁବ ଆନ୍ଦୋଳନ ମାଧ୍ୟମରେ କ୍ଷମତାସୀନ ସରକାର ହଟାଇବା ପାଇଁ ସଂକଳ୍ପ ନେବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକରେ ଶ୍ରୀ ଦାସ ଓଡ଼ିଶାର ପ୍ରତି ବୁଥ୍‌ରେ ୫ ଜଣ ସଂଗ୍ରାମୀ ଯୁବ ସାଥୀଙ୍କୁ ଯୁବ କଂଗ୍ରେସ ମୁଖ୍ୟ ସୋତ୍ରରେ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର ବେକାରୀ, ବିଜୁଳି ସଂକଟ, ଚାଷୀ ସମସ୍ୟା, ଦରଦାମ ବୃଦ୍ଧି ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରସଙ୍ଗରେ ବୁଥସ୍ତରରୁ ଆନ୍ଦୋଳନ ଆରମ୍ଭ ହେବ ବୋଲି ଘୋଷଣା କରିଛନ୍ତି। ସେହିପରି ଅଖିଳ ଭାରତ ଯୁବ କଂଗ୍ରେସ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ୍, ସହ ପ୍ରଭାରୀ ରିୟାନା ରାଜୁ, ଖୁସି ଟିଗା, ଯୁବ କଂଗ୍ରେସର ଆଗାମୀ କାର୍ଯ୍ୟକ୍ରମ ଓ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାପରେ ମାଷ୍ଟରକ୍ୟାଣ୍ଟିନ ଛକରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଉନ୍ନାଓ ପିଡ଼ୀତାର ବଳତ୍କାରୀ କୁଲଦିପ୍ ସେନଗାଲକୁ ମିଳିଥିବା ଜାମିନ ପ୍ରତିବାଦରେ ବିକ୍ଷୋଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲଙ୍କ ସମେତ ପ୍ରଦେଶ ଯୁବ କଂଗ୍ରେସ କର୍ମକର୍ତ୍ତା, ଜିଲ୍ଲା ସଭାପତି ଏବଂ ବିଧାନସଭା ଯୁବ କଂଗ୍ରେସ ସଭାପତିମାନେ ଯୋଗ ଦେଇଥିଲେ।

# ଧାନ ବିଲରୁ ନରକଙ୍କାଳ ଜବତ

ବିଞ୍ଝାରପୁର, ୨୬।୧୨(ସମିସ): ବିଞ୍ଝାରପୁର ବ୍ଲକ ବାଛୋଳ ପଞ୍ଚାୟତ ବାମଦେବପୁର ଚାଷ ଜମିରୁ ଶୁକ୍ରବାର ଏକ ନରକଙ୍କାଳ ଜବତ ହୋଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ସୂଚନା ମୁତାବକ ବିଞ୍ଝାରପୁର ବ୍ଲକ ବାଛୋଳ ପଞ୍ଚାୟତ ବାମଦେମପୁର ଗ୍ରାମ ସନ୍ନିକଟ ବିଲରେ ନର କଙ୍କାଳ ପଡ଼ିଥିବା ଗ୍ରାମବାସୀ ଦେଖି ବିଞ୍ଝାରପୁର ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି କଙ୍କାଳଟିକୁ ଜବତ କରିବା ସହ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଗତ ୨ ମାସ ହେବ, ସେହି ଗ୍ରାମର ଶ୍ରୀଧର ମଲ୍ଲିକ ନିଖୋଜ ଥିବାରୁ ଏହି କଙ୍କାଳଟି ଶ୍ରୀଧରଙ୍କର ବୋଲି ତାଙ୍କ ପରିବାର ଆଶଙ୍କା କରିଛନ୍ତି। କେହି ତାଙ୍କୁ ହତ୍ୟା କରି ବିଲକୁ ଫିଙ୍ଗିଦେଇଥିବା ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣାର ତଦନ୍ତ ପରେ କଙ୍କାଳର ପ୍ରକୃତ ରହସ୍ୟ ଜଣାପଡିବ ବୋଲି ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

ଚାନ୍ଦବାଲିରେ ପୁଣି ଚାଞ୍ଚଲ୍ୟ!

# ବିଷ ପିଇଦେଲେ ଦୁଷ୍କର୍ମ ପୀଡ଼ିତା

ଭଦ୍ରକ, ୨୬।୧୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଭଳି ଅମାନୁଷିକ ଘଟଣାକୁ ନେଇ ପୂରା ରାଜ୍ୟ ହୁଲସ୍ଥୁଲ ହେଉଥିବା ବେଳେ ପୁଣି ସେଠାରୁ ଆଉ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। କିଛି ଦିନ ତଳେ ଦୁଷ୍କର୍ମର ଶିକାର ହୋଇଥିବା ଜଣେ ନାବାଳିକା ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପରିବାରଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଧାମରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ଜଟିଳ ହେବାରୁ ପରେ ଭଦ୍ରକ ଏବଂ ସେଠାରୁ କଟକସ୍ଥିତ ଏକ ଘରୋଇ ନର୍ସିଂହୋମ୍‌କୁ ସ୍ଥାନାନ୍ତର କରିଛନ୍ତି। ଏନେଇ ଧାମରା ପୁଲିସ ନଂ.୫୬/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାବୁଲି ପତି ଓରଫ୍ ଜ୍ଞାନରଞ୍ଜନକୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ଗତ ୧୭ ତାରିଖରେ ଏହି ବର୍ବରୋଚିତ କାଣ୍ଡ ଘଟିଥିଲେ ହେଁ ପୀଡ଼ିତାଙ୍କ ମା' ଗୁରୁବାର ଏ ସଂପର୍କରେ ଥାନାରେ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଛି। ସୂଚନାନୁଯାୟୀ, ପୀଡ଼ିତାଜଣଙ୍କ ଜଣେ ବାପଛେଉଣ୍ଡ। ଗତ ୧୭ ତାରିଖ ସନ୍ଧ୍ୟାରେ ସେ ରୋଷେଇ କରୁଥିବା ବେଳେ ଅଭିଯୁକ୍ତ ଜ୍ଞାନରଞ୍ଜନ ତାକୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏପରିକି, ତାଙ୍କ ଭଉଣୀଙ୍କ ସହ ସମାନ କାଣ୍ଡ କରିବାକୁ ଧମକ ଦେଇଥିଲା। ଭୟଭୀତ ପୀଡ଼ିତାଜଣଙ୍କ ଏ ସଂପର୍କରେ କାହାରିକୁ କହିପାରୁନଥିବା ବେଳେ ଭିତରେ ଭିତରେ କଷ୍ଟ ପାଉଥିଲେ। ତେବେ ଗତ ୨୦ ତାରିଖରେ ସେ ଏକ ସୁଇସାଇଡ ନୋଟ୍ (ହାତଲେଖା ଚିଠି) ଲେଖି ବିଷ ପିଇ ଦେଇଥିଲେ।

# ଜାନୁଆରୀ ୨୧ରେ ଏସ୍‌ଏସ୍‌ଟିଇଟି

କଟକ, ୨୬।୧୨ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଆନୁକୂଲ୍ୟରେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସଏସଟିଇଟି) ପରୀକ୍ଷା ଆସନ୍ତା ଜାନୁଆରୀ ୨୧ତାରିଖରେ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇଛି। ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ଦୁଇଟିଯାକ ପେପର୍‌ର ପରୀକ୍ଷା ଗୋଟିଏ ସିଟିଂରେ କରାଯିବ। ପରୀକ୍ଷା ସକାଳ୧୦ଟାରୁ ଦିନ ସାଢ଼େ ୧୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିଭଳି ଜାନୁଆରି ୧୦ରୁ ଆଡମିଟ୍ କାର୍ଡ ବୋର୍ଡ ୱେବସାଇଟ୍‌ରେ ଉପଲବ୍ଧ କରାଯିବ। ପରୀକ୍ଷାର୍ଥୀମାନେ ଏହାକୁ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବିଜେଡି ଅଛି...

ଅନ୍ୟପକ୍ଷରେ ଯୁବ ସମାଜକୁ ଦଳର ଅମୂଲ୍ୟ ସମ୍ପତ୍ତି ଭାବରେ ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସେବା, ସଂଗ୍ରାମ ଓ ସ୍ୱାଭିମାନ ବିଜେଡିର ମନ୍ତ୍ର; ବିକାଶ ଆମର ପରିଚୟ। ତେଣୁ ବିଜେଡିର ଯୁବ ବନ୍ଧୁ ମାନେ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିବା ସହ ଦଳ ବିରୋଧରେ ଚାଲିଥିବା ଅପପ୍ରଚାରର ଫଳପ୍ରଦ ମୁକାବିଲା କରନ୍ତୁ। ରାଜନୀତିରେ ଧୈର୍ଯ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ। ଦଳର ଲକ୍ଷ ଲକ୍ଷ କର୍ମୀ ଭାଇ ଭଉଣୀ ମାନଙ୍କ କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ଉପରେ ତାଙ୍କର ଗଭୀର ବିଶ୍ୱାସ ରହିଛି। ବର୍ତ୍ତମାନର ଆହ୍ୱାନକୁ ସୁଯୋଗରେ ରୂପାନ୍ତରିତ କରି ଏକ ସଶକ୍ତ ଓଡିଶା ଗଠନ ଦିଗରେ ବ୍ରତୀ ହେବାକୁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।

### ଓଡ଼ିଶାରେ ବିଷ...

ଶୁକ୍ରବାର ବାଲେଶ୍ୱରରେ ଏକ୍ୟୁଆଇ ୩୨୭ ରହିଛି, ଯାହାକି ଅତି ଖରାପ ସ୍ଥିତିରେ ଆସୁଛି। ଏହି ବାୟୁ ଛୋଟ ପିଲା ଓ ବୟସ୍କ ମାନଙ୍କ ପାଇଁ ଅତି ଅସ୍ୱାସ୍ଥ୍ୟକର ହୋଇଥିବାରୁ ଆଗାମୀ ଦିନରେ ଏହା ବାଲେଶ୍ୱରବାସୀଙ୍କ ପାଇଁ ବଡ଼ ଆହ୍ୱାନ ଠିଆ କରିବ ବୋଲି ପରିବେଶବିତ୍ ମତ ଦେଇଛନ୍ତି।

ବାଲେଶ୍ୱର ସହ ଅନୁଗୋଳ, କଟକ, ବାରିପଦା, ତାଳଚେର ଓ ଭୁବନେଶ୍ୱରର ବାୟୁମାନ ଅତି ଖରାପ ଶ୍ରେଣୀରେ ରହିଛି। ବାୟୁର ମାନ ବି ଖରାପ ଶ୍ରେଣୀରେ ଯାଉଛି। ଅନୁଗୋଳରେ ଏକ୍ୟୁଆଇ ୩୨୧ ରହିଥିବା ବେଳେ କଟକରେ ୩୧୦, ବାରିପଦାରେ୨୮୦, ତାଳଚେରରେ ୨୮୪, ଭୁବନେଶ୍ୱର ୨୬୭ରେ ପହଞ୍ଚିଛି। ଗତକାଲି ଅର୍ଥାତ୍ ଗୁରୁବାର ବାଲେଶ୍ୱରରେ ବାୟୁ ପ୍ରଦୂଷଣ ଦିଲ୍ଲୀ ପରି ହୋଇଥିଲା। ଗୁରୁବାର ଅପରାହ୍ନ ୪ଟା ସମୟରେ ବାଲେଶ୍ୱର ଏକ୍ୟୁଆଇ ୩୩୮ ସହ ଦେଶରେ ଶୀର୍ଷ ପ୍ରଦୂଷିତ ସହର ମାନ୍ୟତା ପାଇଥିବାବେଳେ ୩୨୦ ଏକ୍ୟୁଆଇ ସହିତ ତାଳଚେର ଦେଶର ଦ୍ୱିତୀୟ ସ୍ଥାନରେ ରହିଥିଲା। ଦେଶର ସର୍ବାଧିକ ପ୍ରଦୂଷିତ ସହର ଭାବରେ ପରିଚିତ ଦିଲ୍ଲୀରେ ଏକ୍ୟୁଆଇ ୨୩୪ରେ ଥିବାବେଳେ ଓଡ଼ିଶାର ବାଲେଶ୍ୱର, ବାରିପଦା, ତାଳଚେର ଦିଲ୍ଲୀକୁ ବି ଅତିକ୍ରମ କରିଥିଲା।

ବାୟୁର ମାନ ଦିନକୁ ଦିନ ଖରାପ ହେଉଥିବା ହେତୁ ଓୟୁଏଟିର ପୂର୍ବତନ କୁଳପତି ତଥା ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ସକାଳେ ଓ ବିଳମ୍ବିତ ସନ୍ଧ୍ୟା (୮ଟା ପର୍ଯ୍ୟନ୍ତ) ବୟସ୍କ ଓ ଶିଶୁମାନଙ୍କୁ ବାହାରକୁ ନ ଯିବାକୁ ପରାମର୍ଶ ଦେଇଛନ୍ତି। ଖରାପ ବାୟୁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥିବାରୁ ପ୍ରାତଃଭ୍ରମଣ ଓ ସନ୍ଧ୍ୟା ଭ୍ରମଣରେ ନ ଯିବା ପାଇଁ ମଧ୍ୟ ସେ କହିଛନ୍ତି। ନିର୍ମାଣ ଶ୍ରମିକ, ବୃଦ୍ଧ, ଶିଶୁ, ହୃଦରୋଗୀ ଓ ଶ୍ୱାସ ରୋଗୀମାନେ ଏନ୍- ୯୫ ମାସ୍କ ବ୍ୟବହାର କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏଭଳି ପ୍ରଦୂଷଣକୁ ଲୁଗା, ରୁମାଲ ଓ ସାଧାରଣ ମାସ୍କ ପ୍ରତିହତ କରିପାରିବ ନାହିଁ। ପିଏମ୍ ୨.୫ ଅତି କ୍ଷୁଦ୍ର ଓ ଏହା ଶ୍ୱାସନଳି ଦେଇ ରକ୍ତରେ ସିଧା ମିଶିଥାଏ। ତେଣୁ ପିଲାମାନେ ସ୍କୁଲ୍ ଗଲା ବେଳେ ଅଭିଭାବକମାନେ ସେମାନଙ୍କ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ରାଜ୍ୟରେ ସାଧାରଣତଃ ନିର୍ମାଣ କାର୍ଯ୍ୟ ବର୍ଷତମାମ ରହୁଥିବା ବେଳେ ଶୀତ ଦିନେ ଏହାର ଅନେକ କୁ ପ୍ରଭାବ ପଡୁଛି। ରାସ୍ତା ଉପରେ ବାଲି ଗୋଡ଼ି ଆଦି ଜମି ହୋଇ ରହୁଛି। ଗାଡି ଚାଲିବା ଦ୍ୱାରା ସେହି ଧୂଳି ଉଡୁଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି। ମାତ୍ର ଓଡ଼ିଶାରେ ଏହା ସଠିକ ଭାବରେ କାର୍ଯ୍ୟକାରୀ ହେଉନାହିଁ। ଏହି ସ୍ଥିତି ଆଗକୁ ଆହୁରି ବିଗିଡ଼ିବା ପୂର୍ବରୁ ଠୋସ୍ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଓଡ଼ିଶାରେ ମଧ୍ୟ ଦିଲ୍ଲୀଠାରୁ ଭୟଙ୍କର ବାୟୁ ପ୍ରଦୂଷଣ ହେବା ଏକ ପ୍ରକାର ନିଶ୍ଚିତ ବୋଲି ପରିବେଶବିତ୍ ଆକଳନ କରିଛନ୍ତି।

### ଭାରତ ରତ୍ନ...

ହାର୍ଡିକର ଲେଖା ଯାଇଥିଲା। ଏହା ଉପରେ ବିଚାରପତି ଆପତ୍ତି ଉଠାଇ ଥିଲେ। ଆଇନ ଅନୁଯାୟୀ ଏପରି କରିବା ଭୁଲ୍ ବୋଲି କହିଥିଲେ। ୧୯୯୫ରେ ସୁପ୍ରିମକୋର୍ଟଙ୍କ ସମ୍ବିଧାନ ପୀଠ ଦେଇଥିବା ରାୟ ବିଷୟରେ ମଧ୍ୟ ହାଇକୋର୍ଟ ଉଲ୍ଲେଖ କରିଥିଲେ। ଏହି ରାୟ ଦେଇ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ ପଦ୍ମ ପୁରସ୍କାର ଏବଂ ଭାରତ ରତ୍ନ କୌଣସି ଉପାଧି ନୁହେଁ। ଯଦି କୌଣସି ବ୍ୟକ୍ତି ପୁରସ୍କାରକୁ ନିଜ ନାମ ସହ ଲେଖନ୍ତି ତେବେ ତାଙ୍କ ଜାତୀୟ ପୁରସ୍କାରକୁ ପ୍ରତ୍ୟାହାର କରି ନିଆଯାଇପାରେ। ସମ୍ବିଧାନର ଧାରା ୧୪୧ ଅନୁଯାୟୀ ସୁପ୍ରିମକୋର୍ଟ ଏହି ନିଷ୍ପତ୍ତି ଦେଇଥିଲେ ବୋଲି ଜଷ୍ଟିସ ସୁନ୍ଦରେସନ କହିଥିଲେ। ତାଙ୍କ ମତରେ, ଏହି ରାୟକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଉଚିତ। ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନରେ ସବୁ ପକ୍ଷଙ୍କୁ ଏହି ନିୟମ ପାଳନ କରିବା ପାଇଁ ବିଚାରପତି ନିର୍ଦ୍ଦେଶ ଦେଇଥିଲେ।

**ମୁଖ୍ୟମନ୍ତ୍ରୀ କୃଷକ ସହାୟତା ଯୋଜନା (CM-KISAN):**

ମୁଖ୍ୟମନ୍ତ୍ରୀ କୃଷକ ସହାୟତା ଯୋଜନା (CM-KISAN) ଓଡ଼ିଶା ସରକାରଙ୍କ ଏକ ରାଜ୍ୟ ସ୍ତରୀୟ ଯୋଜନା, ଯାହା ଅନ୍ତର୍ଗତ ଭୂମିଧାରୀ ଚାଷୀ ଏବଂ ଭୂମିହୀନ କୃଷି ପରିବାରମାନଙ୍କୁ ଆର୍ଥିକ ସହାୟତା DBT (Direct Benefit Transfer) ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଉଛି।

**ଅନଲାଇନ୍ ସୁବିଧା (ପୋର୍ଟାଲ୍):**
- ନୂତନ ଆବେଦନ
- ବ୍ୟାଙ୍କ ଖାତା ସଂଶୋଧନ
- e-KYC ସମ୍ପୂର୍ଣ୍ଣ କରିବା

**ବାଧ୍ୟତାମୂଳକ ଆବଶ୍ୟକତା:**
- ବ୍ୟାଙ୍କ ଖାତା ସହ ଆଧାର ସଂଯୋଗିକରଣ
- କୃଷକ ଓଡ଼ିଶା ପୋର୍ଟାଲ୍‌ରେ ପଞ୍ଜିକରଣ
- ଉପରୋକ୍ତ ଆବଶ୍ୟକତା ପୂରଣ କରିବା ପରେ, ହିତାଧିକାରୀମାନେ ଆଧାର ସହ ଲିଙ୍କ୍ ଥିବା ମୋବାଇଲ୍ ନମ୍ବର ମାଧ୍ୟମରେ e-KYC କରାଇ ନିକଟସ୍ଥ ଜନ ସେବା କେନ୍ଦ୍ର କିମ୍ବା ବ୍ୟକ୍ତିଗତ ସ୍ତରରେ CM-KISAN ପୋର୍ଟାଲ୍ ମାଧ୍ୟମରେ ପଞ୍ଜିକରଣ କରାଇ ନେବେ।

**ଆବେଦନ / e-KYC ର ଶେଷ ତାରିଖ: ୩୧ ଡିସେମ୍ବର ୨୦୨୫**

ଯୋଗ୍ୟ କୃଷକମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ e-KYC ସମ୍ପୂର୍ଣ୍ଣ କରି ଯୋଜନାର ଲାଭ ନେବା ପାଇଁ cmkisan.odisha.gov.in ପୋର୍ଟାଲ୍‌ରେ ଆବେଦନ/ଅଦ୍ୟତନ କରିବାକୁ ଅନୁରୋଧ।
ସହାୟତା | ହେଲ୍ପଲାଇନ୍: 155261/011-24300606
ଏହି ଯୋଜନା କୃଷକମାନଙ୍କ ଆର୍ଥିକ ସୁରକ୍ଷା ଓ ଚାଷ କାର୍ଯ୍ୟରେ ସହଯୋଗ ପ୍ରଦାନ କରେ।

**କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର**

Chief District Agriculture Officer,
Bargarh

O-1823
Email:- rw_dharmagarh@yahoo.com
GOVERNMENT OF ODISHA
OFFICE OF THE SUPERINTENDINGENGINEER
RURAL WORKS DIVISION, DHARMAGARH

BID IDENTIFICATION NO. DMGH/Online-11 OF 2025-26 Dates:15.12.2025

"e" PROCUREMENT NOTICE

Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1. Name of the Work :Road & Building works in the district of Kalahandi as mentioned in DTCN
2. Total No of Works : 21No.
3. Estimated Cost :Rs.44.06 lakhs to Rs.2.54 lakhs
4. Period of Completion: : 01 & 02 Calendar Month
5. Other Details:

| Availability of Tender online for bidding | | Last date & time seeking tender clarification | Date &timeof Opening of tender |
|---|---|---|---|
| From | To | | |
| 29.12.2025 At 10.00 AM | 08.01.2026 Up to 5.00 PM | 05.01.2026 Up to 5.00 PM | 09.01.2026 At 11.00 AM |

Further details can be seen from the website www.tendersorissa.gov.in

Superintending Engineer
Rural Works Division
Dharmagarh

OIPR-25100/11/0037/2526

ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, POST: BALIMELA, DIST.- MALKANGIRI (ODISHA) PIN-764051
Phones: 06861-291058(0)/ 06861-291048(R)
<E mail- bhep.balimela@gmail.com, unit.head_balimela@yahoo.com>
CAD-2820

TENDER CALL NOTICE NO: BHEP/54/2025-26 DATED. 23.12.2025

Sealed Tenders are invited in single part bid basis from Vehicle Owners/ Travel Agencies/ individuals fulfilling the eligibility criteria as per the tender specification for the work as mentioned below.

| SLNO | Description of Services | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. | Period of availability of tender at OHPC website. | Last date & Time of receipt of Tender. | Date & Time of opening of bid. |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01. | HIRING OF 01 (ONE) NUMBER OF MAHINDRA BOLERO AMBULANCE OR EQUIVALENT VEHICLE ALONG WITH PROVISION OF DRIVER FOR (03) THREE YEARS UNDER BHEP, BALIMELA. | Rs. 7080/- (Rupees Seven Thousand Eighty) only | Rs 19,006/- | From 30.12.2025 to up to 11.30 hrs on 13.01.2026 | 11:30 Hrs of 13.01.2026 | 12:00 Hrs of 13.01.2026 |

For details of the tender documents, terms & conditions please visit our website www.ohpcltd.com.

C&P Head
BHEP, Balimela

OIPR-04019/11/0135/2526

C-1894
ରାଜଗାଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ, ରାଜଗାଙ୍ଗପୁର
OFFICE OF THE RAJGANGPUR MUNICIPALITY, RAJGANGPUR
ପୌରପାଳିକା କାର୍ଯ୍ୟାଳୟ: ରାଜଗାଙ୍ଗପୁର-୭୭୦୦୧୭
Municipality Office Rajgangpur-770017
Tel:-06624-220454
Rajgangpur Municipality Rajgangpur_Mun rajgangpurm.hud@od.gov.in

No. 5472 Date 23.12.2025

QUOTATION CALL NOTICE

Quotations in closed cover from the registered manufacturers/suppliers are hereby invited for supply of Wheel Barrows & Tricycle to this Municipality of the specification mentioned hereunder. The quotations should reach to the undersigned on or before **08.01.2026 by 4.00 P.M.** Which will be opened on the same day at 4.30 P.M. in presence of the quotationers or their authorised representatives. The quotation received after due date and time will not be taken into consideration.

WHEEL BARROW
1. 6cft. Capacity Box type double Wheel Barrow – Body made of 18 gauge G.I.Plate, frame with 25mm x 6mm size M.S.Flat with 2 Nos. of handles made of 30 x 30x5mm M.S.Angle, 2 Nos. of M.S.Pipes covered with rubber hand grip, 1 No.25mm M.S.Rod Axel, 2 Nos. 50x6mm M.S.spring, 2 Nos. 12"x2" solid rubber pasted disc type wheel etc. complete with enamel painting over Red oxide primer and written "Rajgangpur Municipality" with Serial No. on the Body.

TRICYCLE
2. The container made of 18 gauge galvanized sheet with 30x30x5mm M.S.Angle iron & 25x5mm Flat iron frame mounted on heavy duty Rickshaw chasis with KW frame, fork, mudguard, handle, seat, break, chain, Rickshw tyre & tubes with heavy duty Rims and Axle painted complete. Container size 4ftx3ftx1ft 8 inch height.

Note:- A supplier can submit quotation either all the items or any of the items.
The following term & conditions should be followed at the time of furnishing the quotations.
1. Copy of up-to date GST clearance certificate should be attached with the quotation.
2. The materials in good condition/quality shall be delivered to the Municipality Office Godown.
3. EMD for Rs.10,000/ and cost of Tender paper for Rs.4,000/- should be deposited - in shape of Bank Draft /Cash in favour of the Executive Officer

The authority reserves the right accept or reject any or all quotations without assigning any reason thereof.

Executive Officer
Rajgangpur Municipality

OIPR-13094/11/0027/2526

ବିଜେଡିର
୨୯ତମ ପ୍ରତିଷ୍ଠା ଦିବସ

# ନବୀନଙ୍କ ଲୋକପ୍ରିୟତା ଆଜି ବି ନମ୍ବର-୧




**ରାୟଗଡ଼ା,୨୬।୧୨(ସମିସ):** ଆଜି ରାୟଗଡ଼ା ଜିଲ୍ଲାରେ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ରାୟଗଡା ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଆରମ୍ଭରେ ଶତାଧିକ ଦଳୀୟ କର୍ମୀ ଓ ସମର୍ଥକଙ୍କ ଉପସ୍ଥିତିରେ ରାୟଗଡ଼ା ବସଷ୍ଟାଣ୍ଡ ନିକଟସ୍ଥ ପ୍ରବାଦ ପୁରୁଷ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ସମସ୍ତ କର୍ମୀଙ୍କ ସହ ଏକ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ପଦଯାତ୍ରା ବିଜୁ ପଟ୍ଟନାୟକ ଅଡିଟୋରିୟମ୍ ପର୍ଯ୍ୟନ୍ତ ଯାଇଥିଲା। ଅଡିଟୋରିୟମ୍‌ରେ ଆୟୋଜିତ ସମାବେଶରେ ଜିଲ୍ଲା ସଭାପତି ଶ୍ରୀ ସାରକାଙ୍କ ସମେତ ବରିଷ୍ଠ ସଭାନେତ୍ରୀ ଶ୍ରୀମତୀ ଅନୁସୂୟା ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ବରିଷ୍ଠ ନେତା ଜଗଦୀଶ ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାସ, କିଶୋର ଚନ୍ଦ୍ର ପଣ୍ଡା, ସନ୍ତୋଷ ପାତ୍ର, ଶ୍ରୀମତୀ ଶୁଭ୍ରା ପଣ୍ଡା, ବରିଷ୍ଠ ନେତା ଆଇନଜୀବୀ ବ୍ରଜ ସୁନ୍ଦର ନାୟକ, ଅରୁଣ ପାଣିଗ୍ରାହୀଙ୍କ ସମେତ ଅନ୍ୟ ଦଳୀୟ ନେତା ଉପସ୍ଥିତ ଥିଲେ। ଦଳୀୟ ଗୀତ ପରିବେଶଣ ପରେ ଦଳୀୟ ନେତୃବୃନ୍ଦମାନେ କର୍ମୀମାନଙ୍କୁ ଉଦ୍ଦେଶ୍ୟ କରି ଉତ୍ସାହବର୍ଦ୍ଧକ ଭାଷଣ ଦେଇଥିଲେ। ଏହି ସମାବେଶରେ ରାୟଗଡ଼ା ବ୍ଲକ୍, କାଶିପୁର ବ୍ଲକ୍, କୋଲନରା ବ୍ଲକ୍ ଓ କେ. ସିଂପୁର ବ୍ଲକର ସମସ୍ତ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ଅବସରରେ ବିଜୁ ପଟ୍ଟନାୟକଙ୍କ ଆଦର୍ଶ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ଅଧୀନରେ ଓଡ଼ିଶା ଓ ରାୟଗଡ଼ାର ସର୍ବାଙ୍ଗୀନ ବିକାଶ ପାଇଁ ଦଳର ସଂକଳ୍ପକୁ ପୁନର୍ବ୍ୟକ୍ତ କରାଯାଇଛି। ଦୀର୍ଘ ୨୪ ବର୍ଷର ସୁଶାସନରେ ବିଜେଡି ସରକାର ଯେଉଁ ସବୁ ଉନ୍ନୟନ ମୂଳକ କାମ ଓ ଲୋକାଭିମୁଖୀ ଯୋଜନା କରିଥିଲେ ରାଜ୍ୟବାସୀ ଉପକୃତ ହୋଇଛନ୍ତି। ଆଜି ମଧ୍ୟ ରାଜ୍ୟବାସୀଙ୍କ ମନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ନମ୍ବର ରହିଛନ୍ତି। ତାଙ୍କ ପ୍ରତି ଓ ଦଳ ପ୍ରତି ଲୋକଙ୍କ ଭଲ ପାଇବା ରହିଛି। ତେଣୁ ପୁଣି ଥରେ ତୃଣମୂଳସ୍ତରରୁ ଲୋକଙ୍କ ନିକଟରେ ପହଞ୍ଚି ବିଜେଡି ଶାସନର ସୁବିଧା ସୁଯୋଗ ବିଷୟରେ ଅବଗତ କରାଯିବ ବୋଲି ନେତୃବୃନ୍ଦମାନେ ଉପସ୍ଥିତ କର୍ମୀଙ୍କୁ କହିଥିଲେ।

**ବିଷମ କଟକ:** ବିଷମ କଟକଠାରେ ବ୍ଲକ୍ ବିଜୁ ଜନତା ଦଳ ତରଫରୁ ୨୯ତମ ବର୍ଷ ପୂର୍ତ୍ତି ଅବସରରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଷମ କଟକ ସଦର କଲ୍ୟାଣ ମଣ୍ଡପଠାରେ ବିଷମ କଟକ ନିର୍ବାଚନ ମଣ୍ଡଳୀର ୪ଟି ବ୍ଲକ ର ସରପଞ୍ଚ,ସମିତି ସଭ୍ୟ, ବ୍ଲକ ଅଧ୍ୟକ୍ଷ ,ବିଜେଡ଼ି କର୍ମକର୍ତ୍ତା ଏବଂ କର୍ମୀ ଏକତ୍ରିତ ହୋଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ସଭାର ଶୁଭାରମ୍ଭ କରିଥିଲେ। ଆୟୋଜିତ ସଭାରେ ପୂର୍ବତନ ଜିଲ୍ଲା ବିଜେଡ଼ି ସଭାପତି ତଥା ପୂର୍ବତନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧିର କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାୟଗଡା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା, ଜିଲ୍ଲାପରିଷଦ ସଦସ୍ୟା ସୁଜାତା କାଡ୍ରାକା, ବିଜୟ ଶାନ୍ତି କୁମ୍ଭୁରିକା, ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ମୁନିଗୁଡା ବ୍ଲକ ସଭାପତି ରତନ ଲାଲ ଜୈନ, ଜ୍ୟୋତି କୁମାର ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଶ୍ରୀ ଦାସ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ବର୍ତ୍ତମାନ ଚାଲିଥିବା ବିଜେପି ସରକାର ଜନହିତକର ସରକାର ନୁହେଁ ବରଂ ଜନ ବିରୋଧି ସରକାର ବୋଲି ନିଜର ବକ୍ତବ୍ୟ ରଖିଛନ୍ତି। ସେହିପରି ଅନ୍ୟତମ ଅତିଥିମାନେ ମଧ୍ୟ ପୂର୍ବତନ ମୂଖ୍ୟମନ୍ତ୍ରୀ କରିଥିବା ଜନହିତକର ଯୋଜନାକୁ ମନପକାଇବା ସହ ବର୍ତ୍ତମାନ ସରକାର ଅମଳରେ ଭୋଗୁଥିବା ସମସ୍ୟା ସମ୍ପର୍କରେ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମଟିକୁ ବାଳମୁକୁନ୍ଦ ପାଲ ପରିଚାଳନା କରିଥିବା ବେଳେ ଶେଷରେ ବ୍ଲକ୍ ଉପାଧ୍ୟକ୍ଷ ଦେବୀ ପଟ୍ଟନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କର୍ମୀ ଡି. ଶିବ ପ୍ରସାଦ, ଜି.ପ୍ରଦୀପ କୁମାର, ଆଶ୍ୱିନ ପାଲକା, ବିଭୀଷଣ ପାଲକା, କେ.ମୋହନ୍ ରାଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମର ଆୟାଜନ ହୋଇଥିବା ବେଳେ ବ୍ଲକ୍‌ର ସମସ୍ତ କର୍ମୀ ସହଯୋଗ କରିଥିଲେ।

**ମାଲକାନଗିରି:** ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ଡିସେମ୍ବର ୨୬ ତାରିଖ ଦିନ ବିଜେଡି ଦଳର୨୯ ତମ ପ୍ରତିଷ୍ଠା ଦିବସ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଜିଲ୍ଲା ବିଜେଡି କାର୍ଯ୍ୟାଳୟ ଲାଠିଆଗୁଡା ଠାରେ ବହୁ ଆଡମ୍ବର ସହ ପାଳନ କରାଯାଇଛି। ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତିରେ ମଧ୍ୟ ଦଳ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଯୋଗ ଦେଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବିଜୁ ଜନତା ଦଳର ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ବିଜେଡି ର ୨୮ ବର୍ଷ ପୂରଣ କରି ୨୯ ବର୍ଷରେ ପଦାର୍ପଣର ସଂଘର୍ଷ ଓ ରାଜ୍ୟ ପାଇଁ ଦଳର ଅବଦାନ ବିଷୟରେ ଆଲୋକପାତ କରିଛନ୍ତି। ବିଗତ ୨୮ ବର୍ଷ ଧରି ଉତ୍ସର୍ଗୀକୃତ ମନୋଭାବ ନେଇ ନିଷ୍ଠାପର ଭାବେ ଜନଗଣଙ୍କ ପାଇଁ ନିରବଚ୍ଛିନ୍ନ ଭାବେ ଦଳ କାର୍ଯ୍ୟ କରିଆସୁଛି। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଆଦର୍ଶରେ ନବୀନ ବାବୁଙ୍କ ନେତୃତ୍ୱରେ ଓଡ଼ିଶାର ସବୁ କ୍ଷେତ୍ରରେ ଏବଂ ସବୁ ବର୍ଗର ଲୋକମାନଙ୍କ ବିକାଶ ପାଇଁ ବିଜେଡ଼ିର ପ୍ରତିବଦ୍ଧତା ହେତୁ ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନ, ଶୁଭେଚ୍ଛା ପାଇଆସିଛି। ଦଳର କର୍ମକର୍ତ୍ତା, ଜନପ୍ରତିନିଧି, ଗାଁରୁ ସହର ତଥା ବସ୍ତି ପର୍ଯ୍ୟନ୍ତ ଲୋକ ମାନଙ୍କ ସେବାରେ ନିୟୋଜିତ। ସେମାନଙ୍କ ନିଷ୍ଠା ଓ ମନୋଭାବ ଆଜି ବିଜୁ ଜନତା ଦଳକୁ ଲୋକଙ୍କ ନିକଟରେ କରିଛି। ସାମ୍ପ୍ରତିକ ପରିସ୍ଥିତିରେ ଏକ ଦାୟିତ୍ୱ ସମ୍ପନ୍ନ ବିରୋଧୀ ଦଳ ଭାବେ ଓଡ଼ିଶାର ଅସ୍ମିତାକୁ ଆଗେଇନେବା ସହିତ ବିଭିନ୍ନ ଜନସ୍ୱାର୍ଥ ସମ୍ବନ୍ଧିତ ପ୍ରସଙ୍ଗ ଗୁଡିକରେ ଜନ ସାଧାରଣଙ୍କୁ ସଚେତନ କରେଇବା ଓ ଓଡିଶା ତଥା ଲୋକଙ୍କର ସାର୍ଥକୁ ନେଇ ଦଳ ସ୍ୱର ଉତ୍ତୋଳନ କରିବ ବୋଲି ସେ ପ୍ରକାଶ କରିଛନ୍ତି। ବିଜେପି ସରକାରର କୃଷକ ବିରୋଧୀ ନୀତି, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଭୃତ କ୍ଷେତ୍ରରେ ବିଫଳତା ବିରୁଦ୍ଧରେ ଜନଜାଗରଣ କରି ବିଜେଡି ଉତ୍ଥାପନ କରିଚାଲିଛି। ସଂପ୍ରତି ଚାଷୀ ଠାରୁ ଧାନ ସଂଗ୍ରହରେ ସରକାରର ବିଫଳତା ପ୍ରସଙ୍ଗରେ ବିଜେଡି ସ୍ୱର ଉତ୍ତୋଳନ କରୁଛି ବୋଲି ଉପସ୍ଥିତ ନେତୃ ମଣ୍ଡଳୀ ପ୍ରକାଶ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ବହୁ ବରିଷ୍ଠ ନେତା ଓ ବହୁ ବିଜେଡି ମହିଳା ନେତ୍ରୀ ବିଜୁ ଜନତା ଦଳକୁ କିପରି ତୃଣମୂଳସ୍ତରରୁ ସଂଗଠନକୁ ସୁଦୃଢ କରିହେବ, ସେନେଇ ଆହ୍ୱାନ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତଙ୍ଗୁଲ, ଜିଲ୍ଲା ବିଜେଡି ମହିଳା ନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ବରିଷ୍ଠ ବିଜେଡି ନେତା ଗୋପାଳ କୃଷ୍ଣ ପଣ୍ଡା, ପୌର ପରିଷଦ ଅଧ୍ୟକ୍ଷ ମନୋଜ କୁମାର ବାରିକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ବରିଷ୍ଠ ବିଜେଡି ନେତା ଘନଶ୍ୟାମ ମାଡକାମୀ, ଡ. କାମରାଜ କବାସୀ, ପୌର ଉପାଧ୍ୟକ୍ଷା କବିତା ମହନ୍ତ ପ୍ରମୁଖଙ୍କ ସହ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସମସ୍ତ ବରିଷ୍ଠ ନେତୃମଣ୍ଡଳୀ, କର୍ମକର୍ତ୍ତା ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ଯୁବ, ଛାତ୍ର, ମହିଳା ଏବଂ ଅନ୍ୟାନ୍ୟ ସାମ୍ମୁଖ୍ୟର ନେତୃତ୍ୱ ପ୍ରମୁଖ ଉପସ୍ଥିତ ଥିଲେ।

**ପାପଡାହାଣ୍ଡି:** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ନିର୍ବାଚନ ମଣ୍ଡଳୀ ତରଫରୁ ଆଜି ପାପଡାହାଣ୍ଡି ବ୍ଲକ ଶିରିସୀ ପଞ୍ଚାୟତ ସଦର ଗ୍ରାମ ଠାରେ ୨୯ତମ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଡାବୁଗାଁ ବିଧାୟକ ମୋନହର ରନ୍ଧାରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥିଭାବେ ପାପଡାହାଣ୍ଡି ବ୍ଲକ୍ ଅଧ୍ୟକ୍ଷା ହେମଲତା ମାଝୀ , ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା , ବରିଷ୍ଠ ବିଜେଡି ନେତା ତଥା ଜିଲ୍ଲା ଉପସଭାପତି ବଦ୍ରି ନାରାୟଣ ସିଂ, ରଜନୀକାନ୍ତ ସସମାଲ, ତ୍ରିନାଥ ବିଷୋୟୀ , ଯୁଧିଷ୍ଠିର ଗୌଡ଼ , ରାଜ୍ୟସଭା ସାଂସଦ ପ୍ରତିନିଧି ତାଜୁଦିନ, ତ୍ରିଲୋଚନ ଧକଡ଼ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଆଜିବି ଲୋକଙ୍କ ପ୍ରଥମ ପସନ୍ଦ ନବୀନ ବାବୁ ବୋଲି କହିଥିଲେ । ଚଳିତ ସରକାର ଲୋକଙ୍କୁ ଭୁଆଁ ବୁଲାଉଛି ଏବଂ ଏହାର ଜବାବ ଆଗାମୀ ପଞ୍ଚାୟତ ନିର୍ବାଚନରେ ଲୋକେ ନିଶ୍ଚିତ ଭାବେ ପାନେ ଚଖାଇବେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ତିନୋଟି ବ୍ଲକରୁ ପାଖାପାଖି ଦୁଇ ହଜାର କର୍ମୀ ଯୋଗ ଦେଇଥିଲେ।

**ଚନ୍ଦାହାଣ୍ଡି:** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକରେ ବିଜୁ ଜନତା ଦଳର ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ଲକ ସଭାପତି ଗୌରହରୀ ନାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମିତ୍ରା ପୂଜାରୀ, ଜିଲ୍ଲା ପରିଷଦ ସଭ୍ୟା ବର୍ଷାରାଣୀ ପଟେଲ, କେତକୀ ମଲ୍ଲୀ ଗୌଡ଼, ନୃସିଂହ ମାଝୀ, ପୁରୁଷୋତ୍ତମ ପାରି, ରଘୁ ବାଘ,ସୟଦ ମହମ୍ମଦ ଇନୁଷ, ନୀଳମଣି ଗୌଡ଼ ଟେକରାମ ମାଝୀ, କ୍ଷୀର ଚଣ୍ଡୀ, ଗୌରୀ ନେଙ୍ଗୀ, ପୂର୍ଣ୍ଣଚନ୍ଦ୍ର ସୋରି, ସନୀନ୍ଦ୍ର ସୋରି, ଚିତ୍ର ସାହୁ, କୈବଲ୍ୟ ମାଝୀ, ଯୁବରାଜ ଜଗତ, ବଳରାମ ପଟ୍ଟନାୟକ, ତ୍ରିନାଥ ଦାସ, ଶ୍ୟାମସୁନ୍ଦର ସୁନାନୀ, ଲିଙ୍ଗରାଜ ଚୌହାନ, ଯୁଗେଶ୍ୱର ନାଗ, ଗମ୍ଭୀର ଚୌହାନ,ଭୋଜରାମ ସିହ୍ନା, ନିଁଳେନ୍ଦ୍ରି ପାଣ୍ଡେ ପ୍ରମୁଖଙ୍କ ସମେତ ବ୍ଲକ ବିଜୁ ଜନତା ଦଳର ବରିଷ୍ଠ କର୍ମକର୍ତ୍ତା, ସମସ୍ତ ପଞ୍ଚାୟତ ସଭାପତି ଓ ନିର୍ବାଚିତ ଜନପ୍ରତିନିଧି ଯୋଗଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ମାଝୀ ଉପସ୍ଥିତ ସମସ୍ତ କର୍ମକର୍ତ୍ତାଙ୍କୁ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ଶୁଭେଚ୍ଛା ଜଣାଇବା ସହ ଆପଣମାନଙ୍କର ନିରନ୍ତର ଭଲପାଇବା ଓ ନିଷ୍ଠା ଯୋଗୁଁ ପ୍ରବାଦ ପୁରୁଷ ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶା ଗଢ଼ିବାରେ ବିଜୁ ଜନତା ଦଳ ଓଡିଶା ନିରନ୍ତର ଆଗକୁ ବଢୁଛି। ସାଢ଼େ ଚାରି କୋଟି ଓଡ଼ିଆଙ୍କ ଭରସାର ନେତା, ମାନ୍ୟବର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ସଦା ଓଡ଼ିଶାବାସୀଙ୍କ ସେବାରେ ପ୍ରତିବଦ୍ଧ। ଆଜି ଅଭାବୀ ଓଡିଶାରୁ ପ୍ରଭାବି ଓଡିଶାକୁ ପହଞ୍ଚାଇ ପାରିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାର ସାମଗ୍ରିକ ବିକାଶ ସମ୍ଭବ ପର ହୋଇପାରିଛି। ଆସନ୍ତୁ, ଏକାଠି ହୋଇ ଦଳକୁ ଆହୁରି ମଜଭୁତ କରି ଓଡ଼ିଶାର ସ୍ୱାର୍ଥ ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ। ଉପସ୍ଥିତ ବରିଷ୍ଠ କର୍ମକର୍ତ୍ତାମାନେ ମଧ୍ୟ ବିଜୁ ବାବୁଙ୍କ ନୀତି ଆଦର୍ଶରେ ରହି ଲୋକଙ୍କ ସ୍ୱାର୍ଥ ପାଇଁ ଲୋକଙ୍କ ନିକଟରେ ସମର୍ପିତ ହୋଇ କାମ କରିବାକୁ ମତାମତ ରଖିଥିଲେ।

## ରାଜ୍ୟରେ ବର୍ତ୍ତମାନ ରଙ୍ଗମରା ସରକାର ଚାଲିଛି: ରଘୁରାମ ପଡାଲ

**କୋରାପୁଟ,୨୬।୧୨(ସମିସ):** ସ୍ଥାନୀୟ ଟାଉନ ହଲଠାରେ ବିଜୁ ଜନତା ଦଳର୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପଡ଼ାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ବିଜେପି ସରକାର ରାଜ୍ୟକୁ ଆର୍ଥିକ ନିଅଣ୍ଟିଆ କରିଦେଲେଣି, ୧୮ ମାସରେ ୨୦ ଟି ନିଯୁକ୍ତି ରଦ୍ଦ କରିବା ସହ ଅନ୍ୱେଷା ଭଳି ଶିକ୍ଷା ଯୋଜନାକୁ ମଧ୍ୟ ବନ୍ଦ କରିଦେଇଛନ୍ତି ବୋଲି ମୁଖ୍ୟ ଅତିଥି ମୋହନ ମାଝୀ ସରକାରକୁ ସମାଲୋଚନା କରିଥିଲେ। ପଞ୍ଚାୟତ ଓ ପୌରାଞ୍ଚଳରେ କୌଣସି କାର୍ଯ୍ୟ ହେଉ ନାହିଁ, ଆର୍ଥିକ ପରିଚାଳନାଗତ ତ୍ରୁଟି ଯୋଗୁଁ ସାମୁହିକ ବିକାଶ ନିମ୍ନଗାମୀ ହୋଇଛି ବୋଲି ସେ ଆହୁରି ଅଭିଯୋଗ କରିଥିଲେ। ତେଣୁ ଲୋକଙ୍କ ସ୍ୱରକୁ ନେଇ ଜିଲ୍ଲାରେ ବିଜେଡ଼ି ପକ୍ଷରୁ ରାଜ୍ୟ ସରକାରଙ୍କ ବିରୋଧରେ ପ୍ରତିବାଦ କାର୍ଯ୍ୟକ୍ରମ କରାଯିବ ବୋଲି ଜିଲ୍ଲା ବିଜେଡି ସଭାପତି ଶ୍ରୀ ହିକକା ମତବ୍ୟକ୍ତ କରିଥିଲେ। ସେହିପରି ରାଜ୍ୟରେ ଶିଶୁ ଓ ମହିଳା ସୁରକ୍ଷିତ ନାହାନ୍ତି, ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଛି ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ବକ୍ତବ୍ୟ ରଖିଥିଲେ। ନିର୍ବାଚନ ବେଳେ ବିଜେପି ରାଜ୍ୟବାସୀଙ୍କୁ ଯେଉଁ ପ୍ରତିଶୃତି ଦେଇଥିଲା ତାହା ଆଜି ମିଥ୍ୟା ପ୍ରମାଣିତ ହୋଇଛି। ଏହାକୁ ନେଇ ବିଜେଡ଼ି ଲୋକଙ୍କ ପାଖକୁ ଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଲୋକଙ୍କ ସମସ୍ୟା ବୁଝିବା ପରିବର୍ତ୍ତେ ଏ ସରକାର ରଙ୍ଗ ପରିବର୍ତ୍ତନରେ ବ୍ୟସ୍ତ ରହିଛି, ଏ ଏକ ରଙ୍ଗ ମିସ୍ତ୍ରୀର ସରକାର ଭଳି ମନେ ହେଉଛି, ଆଗମୀ ପଞ୍ଚାୟତ ନିର୍ବାଚନରେ ରାଜ୍ୟ ସରକାରଙ୍କୁ ଉଚିତ ଜବାବ ଦେବାକୁ ଉପସ୍ଥିତ ନେତା ଓ କର୍ମୀଙ୍କୁ ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ଆହ୍ୱାନ ଦେଇଛନ୍ତି। ସମସ୍ତ ବିଜେଡ଼ି କାର୍ଯ୍ୟକର୍ତ୍ତା ଏକାଠି ହୋଇ ଦଳ ପାଇଁ କାର୍ଯ୍ୟ କରିବାକୁ ପୂର୍ବତନ ବିଧାୟକ ଆହ୍ୱାନ ଦେଇଛନ୍ତି। ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଜେଡ଼ି ନେତା ଓ କର୍ମୀମାନେ କେକ୍ କାଟି ଖୁସି ବନାଇଥିଲେ। ଜିଲ୍ଲା ସଭାପତିଙ୍କ ସମେତ କାର୍ଯ୍ୟକାରୀ ସଭାପତି ପ୍ରସାଦ ବିଡ଼ିକାଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାଶ, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି,କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କାର୍ଯ୍ୟକାରୀ ସଭାପତି ପ୍ରସାଦ ବିଡ଼ିକା,କୋରାପୁଟ ବ୍ଲକ ବିଜେଡ଼ି ସଭାପତି ମଣ୍ଟୁ ବେନିଆ, ଲମତାପୁଟ ବ୍ଲକ ବିଜେଡ଼ି ସଭାପତି ସୁନାଧର ଅଡ଼ାରି, ନଗର ବିଜେଡ଼ି ସଭାପତି ସୁରେଶ ପଟ୍ଟନାୟକ, ବରିଷ୍ଠ ନେତା ତ୍ରିନାଥ ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ରଘୁ ଜାନି, କୋରାପୁଟ ପୌର ପରିଷଦର କାଉନସିଲର କାଦମ୍ବିନୀ ସେଠୀ, ମାଲେଶ୍ୱର ରାଓ, ପ୍ରଫୁଲ୍ଲ କୁମାର ମହାପାତ୍ର, ରବି ପରଜା, ବିଜେଡି ନେତା ଉତ୍କଳ ରଞ୍ଜନ ନାୟକ,ମହିଳା ବିଜେଡି ଟାଉନ ସଭାନେତ୍ରୀ ଦେବୀଶ୍ରୀ ପ୍ରଧାନ, ଲିଲି ବୁରୁଡି, ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ନଗର ବିଜେଡି ସଭାପତି ସୁରେଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।ଏଥି ପୂର୍ବରୁ ବିଜୁ ପଟ୍ଟନାୟକ ପାର୍କଠାରେ ବିଜେଡ଼ି ନେତା ଓ କର୍ମୀମାନେ ଉପସ୍ଥିତ ରହି ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।



**କୁନ୍ଦୁରା:** କୁନ୍ଦୁରା ସଦର ମହକୁମା ସ୍ଥିତ ଜଗନ୍ନାଥ କଲ୍ୟାଣ ମଣ୍ଡପ ଠାରେ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ୨୯ ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ବ୍ଲକ ସଭାପତି ବୃନ୍ଦାବନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଠିଆ, ଜିଲ୍ଲା ସାଧାରଣ ସମ୍ପାଦକ ଭଜମନ ସାନ୍ତା, ପ୍ରଦୀପ କୁମାର ନାୟକ, ଯୁବ ସଭାପତି ବିକ୍ରମ କୁମାର ବେହେରା, ମହିଳା ସଭାନେତ୍ରୀ ଦମୟନ୍ତୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପ୍ରତିଷ୍ଠା ଦିବସ ଅବସରରେ କେକ୍ କଟା ଯାଇଥିଲା ଓ ପୁର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଓଡ଼ିଶା ବାସୀଙ୍କ ପାଇଁ ଆଧୁନିକ ଓଡ଼ିଶା ଗଠନ ପାଇଁ ଦେଖିଥିବା ସ୍ୱପ୍ନକୁ ପୂରଣ କରିବା ପାଇଁ ତାଙ୍କ ନାମରେ ଗଠିତ ହୋଇଥିଲା ଦଳ। ଆଜି ତାର ୨୯ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି। ଆଗାମୀ ଦିନରେ ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ କରାଯିବ ବୋଲି କହିଛନ୍ତି ଉପାଧ୍ୟକ୍ଷ ଶ୍ରୀ ସାମନ୍ତରାୟ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଜନତା ଦଳର ସମସ୍ତ ପଞ୍ଚାୟତ ସଭାପତି, ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ସକ୍ରିୟ ନେତା ଓ କର୍ମୀ, ଯୁବ, ଛାତ୍ର ଓ ମହିଳା ଜିଜେଡିର ପଞ୍ଚାୟତ ଓ ବ୍ଲକ୍‌ସ୍ତରୀୟ ନେତୃବୃନ୍ଦ ସାମିଲ ହୋଇଥିଲେ। ପ୍ରତିଷ୍ଠା ଦିବସ ପାଳନ ପରେ ସ୍ଥାନୀୟ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

**ବୈପାରୀଗୁଡା:** ବୈପାରିଗୁଡା ବିଜୁ ପାଠାଗାରଠାରେ ୨୯ ତମ ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଆୟୋଜିତ ଉକ୍ତ କାର୍ଯ୍ୟକ୍ରରେ ପ୍ରାୟ ୧୦୦ ଜଣ ବିଜୁଜନତା ଦଳର କର୍ମୀ ଉପସ୍ଥିତ ଥିଲେ। ପ୍ରଥମେ ବିଜୁବାବୁଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ବିଜେଡି ଜିନ୍ଦାବାଦ, ଶଙ୍ଖ ଚିହ୍ନ ଜିନ୍ଦାବାଦ, ବିଜୁ ବାବୁ ଆମର ରହେ, ନବୀନ ବାବୁ ଜିନ୍ଦାବାଦ ନାରରେ କମ୍ପି ଉଠିଲା ସଭାସ୍ଥଳୀ। ଏହି ଅବସରରେ ଦଳକୁ ପୁଣି ସୁଦୃଢ କରିବା ପାଇଁ ଉପସ୍ଥିତ ସମସ୍ତଙ୍କୁ ବୁଝାଯାଇଥିଲା। ବିଜେଡିର ପ୍ରମୁଖ କର୍ମକର୍ତ୍ତା, ବ୍ଲକ ଉପାଧ୍ୟକ୍ଷା, ବ୍ଲକର ବିଭିନ୍ନ ଅଞ୍ଚଳର ସରପଞ୍ଚ, ସମିତି ଏବଂ କର୍ମୀମାନେ ଉପସ୍ଥିତ ଥିଲେ।

**ଲକ୍ଷ୍ମୀପୁର:** ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ବିଜେଡ଼ି କର୍ମୀ ଓ ନେତା ମିଳିତ ଭାବେ ୨୯ ତମ ବିଜେଡ଼ିର ପ୍ରତିଷ୍ଠା ଦିବସ ପାଳନ କରାଯାଇଥିବା ଦେଖିବକୁ ମିଳିଛି। ପ୍ରଥମେ ବିଜେଡିର ପ୍ରତିଷ୍ଠାତା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହା ଲକ୍ଷ୍ମୀପୁର ସ୍ଥିତ ବାସନ୍ତୀ କଲ୍ୟାଣ ମଣ୍ଡପଠାରେ ପାଳନ କରାଯାଇଥିଲା। ଓଡିଶା ପ୍ରତି ବିଜେଡ଼ି ର ଅବଦାନ କେହି ମଧ୍ୟ ପୂରଣ କରି ପରିବେ ନାହିଁ। ସବୁ ଉନ୍ନତି ମୁଳକ କାର୍ଯ୍ୟ ଓ ନବୀନ ବାବୁଙ୍କ ଭାବକୁ ଲୋକେ ମନେ ପକାଇ ଝୁରି ହେଉଥିଲେ। ୧୯୫୭ ମସିହା ଡିସେମ୍ବର ମାସ ୨୬ ତାରିଖ ରେ ବିଜେଡ଼ି ତାର ସତନ୍ତ୍ର ଦଳ ଗଠନ କରି ନିଜ ର ପତିଆର ବିସ୍ତାର କରି ଓଡିଶା ରେ ୨୪ ବର୍ଷ ଶାସନ କରି ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା ଉପରେ ଯୋଜନା କରି ସାଧାରଣ ଜନତାଙ୍କୁ ସୁଶାସନ ଦେଇ ଆସିଛି। ଆଜି ସେଭଳି ଜନନାୟକଙ୍କ ମନୋଭାବକୁ ନେଇ ସମସ୍ତେ ଚିନ୍ତିତ ରହିଥିବା ନେଇ ମନେ ହେଉଥିଲା। ଜଣକ ପରେ ଜଣେ ବିଜେଡି କରି ଯାଇ ଥିବା କାମ ଓ ନବୀନ ବାବୁଙ୍କ ପ୍ରତିନିଧତ୍ୱ ଉପରେ ଉପସ୍ଥିତ ଥିବା ଲୋକଙ୍କୁ ଆଲୋକପାତ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ହେଉ କିମ୍ବା ସାଧାରଣ ନିର୍ବାଚନରେ ବିଜେଡ଼ିକୁ ସୁଦୃଢ଼ କରି କିପରି ବିଜୟ ହାସଲ କରିବା ପାଇଁ ଆମେ ଆଜି ଠାରୁ ଚେଷ୍ଟା କରିବା ଦରକାର ବୋଲି ନିଜ ନିଜ ଅଭିଭାଷଣରେ ରଖିଥିଲେ ନେତୃବୃନ୍ଦ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଜିଲ୍ଲା ସଭାପତି ଝିନ ହିକକା, ମହିଳା ନେତ୍ରୀ କୌଶଲ୍ୟା ହିକକା, ପୁର୍ବତନ ବିଧାୟକ ପ୍ରଭୁ ଜାନୀ, ପୁର୍ବତନ ବ୍ଲକ ଅଧ୍ୟକ୍ଷ କୁମୁଦ ଚନ୍ଦ୍ର ସାଉଁନ୍ତା, ଦଶମନ୍ତପୁର ବ୍ଲକ ସଭାପତି ମହେନ୍ଦ୍ର କୁଲଦୀପ, ଲକ୍ଷ୍ମୀପୁର ନାରାୟଣପାଟଣା ଏଗି ନାରାୟଣ, ବନ୍ଧୁଗାଁ ବାଲା ନାଗ, ନାରାୟଣପାଟଣା ବ୍ଲକ ଅଧ୍ୟକ୍ଷ ଗଲାଦି ତ୍ରିନାଥ , ବରିଷ୍ଠ ବିଜେଡ଼ି କର୍ମୀ କିଷ୍ଟଦାନ ଗରଡ଼ା , ଯୁବ ନେତା ଶଙ୍କର ସାଉଁନ୍ତା,ସହ ବିଭିନ୍ନ ସ୍ଥାନରୁ ଆସିଥିବା ସରପଞ୍ଚ,ଯୁବ ସଭାପତି ରଞ୍ଜନ ଖରା ଉପସ୍ଥିତ ରହି ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ମିଣିଆକା,ରାଧାଶ୍ୟାମ ଯାନୀ, ଯୁଭିଷ୍ଟିର ବୀଡ଼ିକା, ପ୍ରଶାନ୍ତ ଭାତ୍ରା,ଭକ୍ତ ଖରା, ସନ୍ତୋଷ କୁମାର ଖୋସ୍ଲା, ଚନ୍ଦ୍ର ବିଡିକା,ତପନ ହଲୱା, ରାଜେଶ କୁମାର ଲୁହା, ଦାମୋଦର ବିଡିକା,ଓ ଅନ୍ୟ ମାନେ ସବୁ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରକୁ ଜିଲ୍ଲା ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ବିପିନ ମାଣ୍ଡିଙ୍ଗା ସୁରୁଖୁରୁରେ ପରିଚାଳନା କରିଥିଲେ।

## ମିଳିମିଶି ସେବା କରିବାକୁ ସଂକଳ୍ପ ନେଲେ ନେତା ଓ କର୍ମୀ

**ଗୁଣପୁର, ୨୬।୧୨ (ସମିସ):** ବିଜେଡିର ୨୯ ତମ ପ୍ରତିଷ୍ଠା ଦିବସ ରାୟଗଡା ଜିଲ୍ଲା ଗୁଣପୁର ଠାରେ ପାଳନ କରାଯାଇଛି। ଗୁଣପୁର ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ ସହ ଦଳର ବହୁ ବରିଷ୍ଠ ନେତା ସ୍ଥାନୀୟ ନୂଆ ବସଷ୍ଟାଣ୍ଡରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ଟାଉନ ହଲଠାରେ ଏକ ବୈଠକ ଆୟୋଜିତ ହୋଇଥିଲା। ରାୟଗଡ଼ା ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ରଞ୍ଜିତ ପାଣିଗ୍ରାହୀଙ୍କ ଆହ୍ୱାନ କ୍ରମେ ଗୁଣପୁର ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବ୍ଲକ୍‌ରୁ ଆସିଥିବା କର୍ମୀମାନେ ଓଡ଼ିଶାର ଗର୍ବ ଓ ଗୌରବ ବିଜୁ ବାବୁଙ୍କ ନାମରେ ନାମିତ ବିଜୁ ଜନତା ଦଳକୁ କିପରି ଅଧିକ ସଙ୍ଗଠିତ କରାଯାଇ ପାରିବ ଓ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଶକ୍ତ କରାଯାଇପାରିବ ସେନେଇ ନିଜ ନିଜର ମତ ରଖିବା ସହ ଜନହିତକର କାର୍ଯ୍ୟ ସହ ତୃଣମୂଳ ସ୍ଥରରେ ଗରିବ ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରାଇ ଉପକୃତ କରାଇବା ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ବିଭିନ୍ନ ମୌଳିକ ସମସ୍ୟାର ସମାଧାନ କରିବାକୁ ନେତା ଓ କର୍ମୀମାନେ ସଂକଳ୍ପ ନେବା ସହ ବିଜେଡ଼ିର ୨୪ ବର୍ଷ ଶାସନରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଓ ଯୋଜନା ଛାଡ଼ିଦେଲେ ବିଜେପିର ଶାସନରେ ବିକାଶ କ'ଣ ହୋଇଛି ଏହାକୁ ନେଇ ଲୋକଙ୍କୁ ସଚେତନ କରାଇବାକୁ ସଂକଳ୍ପ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଶ୍ୱିନୀ ଗମାଙ୍ଗ ଓ ଏସ୍ ବାବା ପ୍ରସାଦ ସଂଯୋଜନା କରିଥିଲେ। ଏଥିରେ ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗୋ, ଗୁଣପୁରର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ ଗମାଙ୍ଗୋ, ସହ ଜିଲ୍ଲା ସମ୍ପାଦକ ଗଗନ ବିହାରୀ ଆଚାର୍ଯ୍ୟ, ରାଜ୍ୟ ଯୁବ ଉପ ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା, ଜିଲ୍ଲା ଉପ ସଭାପତି ସନ୍ତୋଷ କୁମାର ମହାନ୍ତି, ଜିଲ୍ଲା ଯୁବ ସମ୍ପାଦକ କେଦାରନାଥ ସାହୁଙ୍କ ସହ ଗୁଣପୁର ବ୍ଲକ୍‌ର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବାଳୀ ଗମାଙ୍ଗ, ବରିଷ୍ଠ ସରକାରୀ ଓକିଲ, ରାଜେନ୍ଦ୍ର ପ୍ରସାଦ ସାହୁ, ଦେବୀ ଆଚାର୍ଯ୍ୟ, ମୁନ୍ନା ପାଣି, ସାନ ବାଉରୀ, ଏସ୍. ବାବା ପ୍ରସାଦ, ଦାରା ସିଂ ଶବର, ସରପଞ୍ଚ ମର୍କୋ ଦଳ ବେହେରା, କେ. ସୋମେଶ୍ୱର ରାଓ, ସୋମନାଥ ପାଣି ରମନାଗୁଡ଼ା ବ୍ଲକ୍‌ର କମଳ ଲୋଚନ ମୁଟିକା, ଜି. କାରୀୟାନା, ସରପଞ୍ଚ ରମେଶ ଶବର, ଜଗଦୀଶ ନାୟକ ବେହେରା, ରଞ୍ଜନ ନାୟକ ବେହେରା, ସରପଞ୍ଚ ସୂର୍ଯ୍ୟା ରାଓ, ବିଜୟ ମାଣ୍ଡାଙ୍ଗି, ଚିନା ବାବୁ, ଦାମ ଦର କୈବର୍ତ୍ତ, ବ୍ଲକ ସଭାପତି ବାତ୍ରୀ ମାଣ୍ଡାଙ୍ଗି, ଗୁଡ଼ାରୀ ବ୍ଲକ ର ବରିଷ୍ଠ ନେତା ଟୁନା ଗୌଡ଼ , ସନ୍ତୋଷ ମହାନ୍ତି, ଏନ୍‌ଏସି ଅଧ୍ୟକ୍ଷା ସର୍ମିତା ଶବର, ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ଶବର, ପଦ୍ମପୁର ବ୍ଲକର ବରିଷ୍ଠ ନେତା ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଗୋଦାବରୀ ରାଉତ, ବ୍ଲକ ଉପାଧ୍ୟକ୍ଷ ରାମେଶ ସାହୁ, ଦୂର୍ଗା ସାହୁ, ଛାତ୍ର ନେତା ନେତ୍ରାନନ୍ଦ ଶବର, ଜିଲ୍ଲା ପାରିଷଦ ସଭ୍ୟ ରବି ନାରାୟଣ ଆଚାର୍ଯ୍ୟ, ବିଜୟ ମିଶ୍ର ଙ୍କ ବହୁ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ।





## 'ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟକୁ ଆଜି ବି ପ୍ରଶଂସା କରୁଛନ୍ତି ରାଜ୍ୟବାସୀ'

**ନବରଙ୍ଗପୁର,୨୬।୧୨(ସମିସ):** ନବରଙ୍ଗପୁର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ନବରଙ୍ଗପୁର ଜିଲ୍ଲାସ୍ତରୀୟ ବିଜୁଜନତା ଦଳର ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ନବରଙ୍ଗପୁର ନଗର ବିଜେଡି ସଭାପତି ପ୍ରମୋଦ ରଥଙ୍କ ଅଧ୍ୟକ୍ଷତାରେ ନବରଙ୍ଗପୁର ସହର ମାଝୀଗୁଡାଠାରେ ଥିବା ବିଜୁ ପଟ୍ଟନାୟକ ପାର୍କ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡ଼ି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ମଞ୍ଜୁଳା ମାଝୀ, ବିଧାୟିକା ପ୍ରାର୍ଥୀନୀ କୈଶଲ୍ୟା ପ୍ରଧାନୀ, ବରିଷ୍ଠ ନେତା ରବି ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ଦିବ୍ୟଦାନ ସୁନା, ଅରୁଣ ମିଶ୍ର, କ୍ରିଷ୍ଣା ମଞ୍ଜରୀ ବିଷୋୟୀ ଯୋଗଦେଇ ବହୁବାର ବନ୍ୟା ବାତ୍ୟା ସହ ଅନେକ ପ୍ରାକୃତିକ ବିପର୍ଯ୍ୟାୟ ଭଳି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦୀର୍ଘ ୨୪ ବର୍ଷ ଧରି ବିଜେଡି ସରକାର ଅମଳରେ ରାଜ୍ୟବାସୀଙ୍କୁ ସୁଶାସନ ଦେବା ସହ ବିଭିନ୍ନ ଜନ ହିତକର କାର୍ଯ୍ୟକ୍ରମ କରାଯାଇଛି। ଯାହାଫଳରେ ରାଜ୍ୟର ବିକାଶ ଦ୍ୱିଗୁଣିତ ହୋଇପାରିଛି ବୋଲି କହିବା ସହିତ ରାଜ୍ୟବାସୀଙ୍କ ଉନ୍ନତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ବିଭିନ୍ନ ଜନହିତକର କାର୍ଯ୍ୟକୁ ବର୍ତ୍ତମାନ ମଧ୍ୟ କରି ପ୍ରଶଂସା କରୁଛନ୍ତି ରାଜ୍ୟବାସୀ। ଏଥି ସହିତ ବିଜେଡି ସରକାରରେ ଲୋକଙ୍କ ପାଇଁ ଯେଉଁ ସବୁ କାର୍ଯ୍ୟକ୍ରମ କରାଯାଇଛି ତାହାକୁ ନେଇ ଲୋକଙ୍କ ପାଖକୁ ଯିବ ବିଜେଡି। ନୂତନ ସରକାର ମିଥ୍ୟା ପ୍ରତିଶୃତି ୩ଶହ ୟୁନିଟ ବିଜୁଳି ମାଗଣା ଦେବା, ପେନସନ ହଜାର ଟଙ୍କା କରିବା ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଦେଇଥିବା ମିଥ୍ୟା ପ୍ରତିଶୃତି ଦେଇ ସରକାରକୁ ଆସିଥିବା ବେଳେ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହେବା ଅଭିଯୋଗ କରିଛନ୍ତି। ନବରଙ୍ଗପୁର ଜିଲ୍ଲାରେ ଜିଲ୍ଲା ଭିତିକ ନିଯୁକ୍ତି ସହ ମଣ୍ଡିରେ ଧାନ କିଣା ଅନିୟମିତତା ଲାଗିରହିଥିବାରୁ ଚାଷୀ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ବିଜେଡି ସରକାର ଅମଳରେ ନବରଙ୍ଗପୁର ଜିଲ୍ଲାରେ ଶହ ଶହ କୋଟି ଟଙ୍କାର ଉନ୍ନତିମୂଳକ କାର୍ଯ୍ୟ ହେବା ସହ ଜିଲ୍ଲାରେ ଅନେକ ପୋଲ ନିର୍ମାଣ ହୋଇଛି। ବର୍ତ୍ତମାନର ସରକାର ଙ୍କ ଶାସନ ପ୍ରତି ଲୋକଙ୍କ ମନରେ ବିତୃଷ୍ଣା ଭାବ ଆସିଯାଇଥିବା ବେଳେ ସରକାରଙ୍କ ବିଫଳତାକୁ ନେଇ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ନେତାମାନେ କହିଛନ୍ତି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳର ବିଜୟ କରିବାରେ ସମସ୍ତେ ବିଜେଡିକୁ ସମର୍ଥନ କରିବେ ଓ ଦଳ ସୁଦୃଢ ହେବ। ସରକାର ଙ୍କ ବିଫଳତା ଓ ପୂର୍ବ ସରକାର ର ସଫଳତା କୁ ନେଇ ଲୋକଙ୍କ ପାଖରେ ପହଂଚିବ ନବରଙ୍ଗପୁର ଜିଲ୍ଲା ବିଜେଡ଼ି ବୋଲି ନିଜ ବକ୍ତବ୍ୟରେ କହିଛନ୍ତି ମୁଖ୍ୟ ଅତିଥି ଏବଂ ସମ୍ମାନୀତ ଅତିଥି । ଏହି ଅବସରରେ କାଉନସିଲର ଅଲେଖ ସୌରା,ପୂର୍ବତନ କାଉନସିଲର ନନ୍ଦ ନାୟକ, ପୂର୍ବତନ କାଉନସିଲର ତଥା ଜିଲ୍ଲା ବିଜେଡ଼ି ସମ୍ପାଦକ ଭୀମ ହରିଜନ, ଅଭିବ୍ୟକ୍ତ କୋରାପୁଟ ଜିଲ୍ଲା ଯୁବ ବିଜେଡ଼ି ସଭାପତି ତାପସ ତ୍ରିପାଠୀ, ଜିଲ୍ଲା ବିଜେଡ଼ି ଉପ ସଭାପତି ମିଟୁ ପାତ୍ର, କୁନା ପାଢୀ, ସୁର୍ଯ୍ୟକାନ୍ତ ଲେଙ୍କା, ସୁମିତ ପାଳ, ସଞ୍ଜୟ ନାୟକ, ଟୁଲୁ ପଣ୍ଡା, ରାମ ପଟ୍ଟନାୟକ ପ୍ରମୁଖଙ୍କ ସମେତ ବହୁ କାଉନସିଲ ଏବଂ ବିଜୁଜନତା ଦଳର ଯୁବ ଛାତ୍ର ମହିଳା ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟ ଉପସ୍ଥିତ ଥିଲେ।



# ଡାକ୍ତରଙ୍କ ଏକ ଘଣ୍ଟିଆ ଧର୍ମଘଟ




କୋଷାଗୁମୁଡା, ୨୬।୧୨(ସମିସ): ଆଜି କୋଷାଗୁମୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ଡାକ୍ତର ନିଜ ୧୮ ଦଫା ଦାବି ନେଇ ପୂର୍ବାହ୍ନ ୧୦ ଟା ରୁ ୧୧ଟା ପର୍ଯ୍ୟନ୍ତ ଏକ ଘଣ୍ଟିଆ ଧର୍ମଘଟ କରିଛନ୍ତି। ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଦିବା ୧୦ଟା ରୁ ୧୧ଟା ପର୍ଯ୍ୟନ୍ତ ବର୍ହିଃବିଭାଗ(ଓପିଡ଼ି) ବନ୍ଦ କରିବାକୁ ସାଧାରଣ ଜନତା ଓ ରୋଗୀଙ୍କୁ ସହଯୋଗ କରିବାକୁ ନିବେଦନ କରିଛନ୍ତି। ସରକାର ଯେ ପର୍ଯ୍ୟନ୍ତ ଓମ୍‌ସାର ୧୮ଟି ଦାବିକୁ ପୂରଣ ନ କରନ୍ତି ସେ ପର୍ଯ୍ୟନ୍ତ ଓମ୍‌ସାର ସମସ୍ତ ଡାକ୍ତର ଓଡ଼ିଶା ସାରା ଏହି ଧର୍ମଘଟ ଧାରଣାରେ ସାମିଲ ହେବେ ବୋଲି ଓମ୍‌ସା ନବରଙ୍ଗପୁର ଶାଖା ପକ୍ଷରୁ ଦାବି ହୋଇଛି। ଆଜିର ଏହି ଡାକ୍ତରଙ୍କ ଧର୍ମଘଟରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଆଦିତ୍ୟ ବେହେରା, ଡାକ୍ତର ଆଶିଷ କୁମାର ମୁନୀ, ଡାକ୍ତର ଫାଲ୍ଗୁନି ମିଶ୍ର, ଡାକ୍ତର ଦିବ୍ୟଜ୍ୟୋତି ନାୟକ, ଡାକ୍ତର ଡି. ସୋନାଲି ପାତ୍ର, ଡାକ୍ତର ପ୍ରିୟା ଗୁପ୍ତା, ଡାକ୍ତର ସ୍ୱାଧୀନ ପାଇକ୍ ରାଇ ପ୍ରମୁଖ ସାମିଲ ହୋଇଥିଲେ।

ନନ୍ଦପୁର: ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସକାଳ ୧୦ ଟା ରୁ ୧୧ ଟା ପର୍ଯ୍ୟନ୍ତ ବହିର୍ବିଭାଗ ରୋଗୀ ସେବା ବନ୍ଦ କରିଛନ୍ତି ଡାକ୍ତର। ଆନ୍ଦୋଳନ ପ୍ରତ୍ୟାହାର ପର୍ଯ୍ୟନ୍ତ ଏପରି ପ୍ରତ୍ୟେକ ଦିନ ଏକ ଘଣ୍ଟା ସେବା ବନ୍ଦ ରହିବ ବୋଲି ମେଡିକାଲ୍ ତରଫରୁ କୁହାଯାଇଛି। ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ସମୂହ ଡାକ୍ତର ଅମିତ କୁମାର ସାହୁ, ସ୍ମୃତି ରଞ୍ଜନ ପ୍ରଧାନ, ସ୍ୱପଜାରାଣୀ ପ୍ରଧାନ, ସନ୍ଦିପ ପଣ୍ଡା, ରମେଶ ପଡ଼ାଲ, ଶୁଭେନ୍ଦୁ କର ପ୍ରମୁଖ ଉପସ୍ଥିତ ରହି ଡାକ୍ତରମାନଙ୍କ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

## ୧୬୫ ଦିନରେ ଜୟପୁର ଫାଷ୍ଟ ଟ୍ରାକ୍ କୋର୍ଟର ରାୟ

# ଦୁଷ୍କର୍ମକାରୀକୁ ୨୨ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୨୬ ।୧୨(ସମିସ)

ଜୟପୁର ଜିଲ୍ଲା କୋର୍ଟ ପରିସରରେ ରହିଥିବା ଫାଷ୍ଟ ଟ୍ରାକ କୋର୍ଟରେ ଜଣେ ୬ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଦଣ୍ଡିତ କରାଯାଇଛି। ଏହି ମାମଲାର ଫାଷ୍ଟ ଟ୍ରାକ୍ କୋର୍ଟ ମାତ୍ର ୧୬୫ ଦିନରେ ରାୟ ପ୍ରକାଶ କରିଥିବା ବେଳେ ଏହା ଏକ ଐତିହାସିକ ରାୟ ବୋଲି ଆଇନଜୀବୀ ଓ ସାଧାରଣରେ ମତ ପ୍ରକାଶ ପାଇଛି। ଜୟପୁର ଫାଷ୍ଟ ଟ୍ରାକ କୋର୍ଟର ଭାରପ୍ରାପ୍ତ ଅତିରିକ୍ତ ଓ ଦୌରା ଜଜ୍ ପ୍ରଜ୍ଞା ନଳନୀ ମିଶ୍ର ଏହି ମାମଲାର ବିଚାରଣା କରି ଅଭିଯୁକ୍ତ ବନ୍ଧୁଗାଁ ଥାନା ଅଞ୍ଚଳର ୱେଙ୍କା ପୀଡିକା (୩୦)ଙ୍କୁ ନାବାଳିକା ଉତ୍ପିଡ଼ନା ଏବଂ ଅନ୍ୟାନ୍ୟ ଭାରତୀୟ ଆଇନ ସଂହିତା ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିବା ସହିତ ୨୨ ବର୍ଷ ସଶ୍ରମ କାରାଦଣ୍ଡ ସମେତ ୪୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଟଙ୍କା ଅନାଦେୟ ସ୍ଥଳେ ଅଭିଯୁକ୍ତ ଅଧିକ ୧୨ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବେ। ଏହି ମାମଲାରେ ୧୫ ଜଣଙ୍କ ସାକ୍ଷ୍ୟ ଏବଂ ୪୪ଟି ଦସ୍ତାବିଜକୁ ନେଇ କୋର୍ଟ ପକ୍ଷରୁ ଶୁଣାଣି କରାଯାଇଥିଲା। ଆଦାୟ ୪୦ ହଜାର ଜରିମାନା ଟଙ୍କା ଏବଂ ସରକାରଙ୍କ ପକ୍ଷରୁ ଆଇନ ସେବା ପ୍ରାଧିକରଣ ଜରିଆରେ ପୀଡିତାଙ୍କ ପରିବାକୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ବାବାକଦୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲା ଅନୁଯାୟୀ, ଗତ ୨୦୨୫ ମସିହାରେ ଜୁଲାଇ ୬ ତାରିଖରେ ପୀଡିତାଙ୍କ ବାପା ନିଜର ନାବାଳିକା ଝିଅକୁ ନେଇ ଜମିପାଖରେ ଥିବା ସମ୍ପର୍କୀୟ ଘରେ ଛାଡି ଚାଷ କାର୍ଯ୍ୟ ପାଇଁ ଜମିକୁ ଯାଇଥିଲେ। ସନ୍ଧ୍ୟାରେ ବାପା ଜମିରୁ ଫେରି ଝିଅକୁ ନେଇ ନିଜ ଘରକୁ ଫେରିଥିଲେ। ଘଟଣାର ପରଦିନ ସକାଳେ ପୀଡିତା ନାବାଳିକା ଦୋଷୀ ଅଭିଯୁକ୍ତ ୱେଙ୍କା ତାଙ୍କ କୁଡ଼ିଆ ଘରକୁ ନାବାଳିକାଙ୍କୁ ଡାକି ନେଇ ଦୁଷ୍କର୍ମ କରିଥିବା କଥା ପିତା ଓ ମାତାଙ୍କୁ କହିଥିଲା। ଏହାପରେ ନାବାଳିକାଙ୍କ ପିତାମାତା ୱେଙ୍କା ଘରକୁ ଯାଇ ପଚାରି ଗାଳିଗୁଲଜ କରିଥିଲେ। ବନ୍ଧୁଗାଁ ଥାନାରେ ପୀଡିତାଙ୍କ ପିତା ଲିଖିତ ଅଭିଯୋଗ କରିଥିଲେ। ଏହି ମାମଲାକୁ ବନ୍ଧୁଗାଁ ଥାନା ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ପ୍ରାଥମିକ ତଦନ୍ତ କରିବା ସହ ମାମଲା ରୁଜୁ କରିଥିଲେ। କିନ୍ତୁ ମକଦ୍ଦମା ରେଡପ୍ଲାଗ ପରିସର ଭୁକ୍ତ ହେବାପରେ ଜିଲ୍ଲା ପୁଲିସ ମୁଖ୍ୟାଳୟର ଡିଏସ୍‌ପି ପୁଷ୍ପାଞ୍ଜଳି ନିଙ୍ଗି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ୱେଙ୍କାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ମାତ୍ର ୭ ଦିନରେ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ଡ. ଗାୟତ୍ରୀ ଦେବୀ ମାମଲାର ପରିଚାଳନା କରିଥିଲେ।

# ବାଇକ୍ ମୁହାଁମୁହିଁ ଧକ୍କା; ଜଣେ ମୃତ

ଡାବୁଗାଁ, ୨୬।୧୨(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଏକମ୍ବା ଗ୍ରାମ ବିଦ୍ୟାଳୟ ସମ୍ମୁଖରେ ଶୁକ୍ରବାର ରାତିରେ ୨ ଟି ମୋଟରସାଇକେଲ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବକ ମୃତ, ୧ ଗୁରୁତର ଓ ୨ ଜଣ ଆହତ ହୋଇଛନ୍ତି। ସୂଚନାନୁଯାୟୀ, ଡାବୁଗାଁ ଥାନା ଅଧୀନ ପୂଜାରୀଗୁଡା ଗ୍ରାମର ୨ ଯୁବକ ବିରେନ ପୂଜାରୀ (୧୭) ଓ ଅକବଲ ପୂଜାରୀ (୨୩) ଏକମ୍ବା ଗ୍ରାମରେ ଥିବା ନିଜ ବନ୍ଧୁ ଘରକୁ ଦିଆଲି ପର୍ବରେ ଯୋଗ ଦେବାକୁ ଯାଇ ସନ୍ଧ୍ୟାରେ ନିଜ ମୋଟରସାଇକେଲ ନଂ ଓଡି ୨୪ ଏନ ୩୧୨୬ ଯୋଗେ ହଳଦୀଗୁଡା ଗ୍ରାମକୁ ଯାଉଥିବା ବେଳେ ଏକମ୍ବା ଗ୍ରାମର ବିଦ୍ୟାଳୟ ସମ୍ମୁଖରେ ବିପରୀତ ଦିଗରୁ ଅସୁଥିବା ଚାରଗାଁ ଗ୍ରାମର ରାଜୁ ମାଝି (୧୭) ଓ ଖଗେଶ୍ୱର ମାଝି (୧୭)ଙ୍କ ମୋଟରସାଇକେଲ ନଂ ଓଡି ୨୪ ଏଲ ୭୭୫୯ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୨ ଟି ମୋଟର ସାଇକେଲ ଥିବା ଯୁବକମାନେ ରାସ୍ତା କଡକୁ ଛିଟିକି ପଡ଼ି ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଓ ଡାବୁଗାଁ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡି ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଆଣି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚାରଗାଁ ଗ୍ରାମର ରାଜୁ ମାଝି ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବିରେନ ପୂଜାରୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୨ ଜଣ ଚାରଗାଁ ଗ୍ରାମର ଖଗେଶ୍ୱର ମାଝି ଓ ପୂଜାରୀଗୁଡ଼ା ଗ୍ରାମର ଅକବଲ ପୂଜାରୀ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି ଏବଂ ୨ ଜଣ ସୁସ୍ଥ ଥିବା ଜଣାପଡ଼ିଛି। ଖବରପାଇ ଡାବୁଗାଁ ଥାନା ଏଏସଆଇ ଶସ୍ମିତା ଦାସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ୨ଟି ମୋଟରସାଇକେଲ କୁ ଜବତ କରି ତଦନ୍ତ ଚଳାଇଛି।

# ୬ରେ ଗଠନ ହେବ ନନ୍ଦପୁର ପର୍ଯ୍ୟଟନ ବିକାଶ ପରିଷଦର ସବ୍ କମିଟି

ନନ୍ଦପୁର, ୨୬।୧୨(ସମିସ): ନୂତନ ସରକାର ଗଠନ ପରେ ପଟାଙ୍ଗି ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ନନ୍ଦପୁର ପର୍ଯ୍ୟଟନ ବିକାଶ ପରିଷଦ ନବେକଳବର ହେବା ସହ ନନ୍ଦପୁର ବ୍ଲକ ଅନ୍ତର୍ଗତ ରହିଥିବା ଛୋଟ ବଡ଼ ଦର୍ଶନୀୟ ସ୍ଥାନର ଉନ୍ନତିକରଣ, ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳୀ ର ବିକାଶ ସହ ପରିଚାଳନା ନେଇ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀର ସବ କମିଟି ଗଠନ ପାଇଁ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ନନ୍ଦପୁର ପର୍ଯ୍ୟଟନର ବିକାଶ ପରିଷଦ କମିଟି ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ନନ୍ଦପୁର ପର୍ଯ୍ୟଟନ ବିକାଶ ପରିଷଦର ପ୍ରତିଷ୍ଠାତା ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗିଙ୍କୁ ବର୍ତ୍ତମାନ ଏହି କମିଟିରୁ କଣ ଠେଶା କରାଯାଇ ନୂତନ ସଦସ୍ୟଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ନୂତନ କମିଟି ଗଠନ ପରେ ଆଦାୟ ହେଉ ଥିବା ପାର୍କିଂ ଫି ଅର୍ଥରୁ ପରିଷଦ ପକ୍ଷରୁ କିଛି କାର୍ଯ୍ୟ ଯୁଦ୍ଧ କାଳୀନ ମଧ୍ୟ ଆରମ୍ଭ କରିଥିବା ବେଳେ ପରିଷଦର ଆଉ କିଛି ସଦସ୍ୟ ତରବରିଆ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସଂଗୃହିତ ଅର୍ଥ ଅପବ୍ୟବହାର ନକରି ପରିଷଦର ବୈଠକ ପରେ ଖର୍ଚ୍ଚ କରିବାକୁ ମତ ରଖିଛନ୍ତି। ଅନ୍ୟପଟରେ ଇଂରେଜୀ ନବ ବର୍ଷ ପରେ ଜାନୁୟାରୀ ୬ ତାରିଖରେ ନନ୍ଦପୁର ପାର୍କିଂ ଜୋନ୍‌ର ପରିଚାଳନା ନେଇ ସବ୍ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଥିବା ପରିଷଦର ସ୍ଥାୟୀ ସଦସ୍ୟ ତଥା ନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୂର୍ଗା ପ୍ରସାଦ ଦୋରା ସୂଚନା ଦେଇଛନ୍ତି। ସେପଟେ ପରିଷଦ ନୂତନ ସଭାପତି ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ ତୁରନ୍ତ ବ୍ୟାଙ୍କ୍ ଖାତା ସହ ଅନ୍ୟାନ୍ୟ ପାର୍କିଂ ଜୋନ୍‌ର ଜାଗା ଚିହ୍ନଟ ଉପରେ ନିର୍ଦ୍ଦେଶ ଦେଇଛନ୍ତି।

# ଜଟାବାଲ ଜାମ୍ବୁଗୁଡାରେ ଧାନ ମଣ୍ଡି ଉଦ୍‌ଘାଟିତ

ପାପଡ଼ାହାଣ୍ଡି, ୨୬।୧୨(ସମିସ): ନବରଙ୍ଗପୁର ଜିଲ୍ଲାର ପାପଡ଼ାହାଣ୍ଡି ବ୍ଲକ ଅନ୍ତର୍ଗତ ଜଟାବାଲ ସ୍ଥିତ ଆରଏମ୍‌ସି ମାର୍କେଟ ପରିସର ମଧ୍ୟରେ ଆଜି ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଏହି ଉଦଘାଟନ ଅବସରରେ ମୁଖ୍ୟଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ନବରଙ୍ଗପୁର ସାଂସଦଙ୍କ ପ୍ରତିନିଧି ସୋମନାଥ ପୂଜାରୀ, ପାପଡ଼ାହାଣ୍ଡି ଲ୍ୟାମ୍ପ୍‌ସ ସଭାପତି ସଦାଶିବ ନାୟକ, ଏମଡି ଇସ୍ମାଇଲ ସନଫୁଲ, ଜଟାବାଲ ସରପଞ୍ଚ ମାଳତୀ ଭତରା, ସମିତି ସଭ୍ୟା ବଇଦି ଭତରା, ଦାମୋଦର ପ୍ରଧାନ, ସେକ୍ ୱାଜିର ହୁସେନ, ସେକ୍ ଆକବର ହୁସେନ, ଧାନ କ୍ରୟକାରୀ ସଂସ୍ଥା ପାପଡ଼ାହାଣ୍ଡି ଲ୍ୟାମ୍ପ୍‌ସ କର୍ମଚାରୀ ଏବଂ ମା' ବୃନ୍ଦାବତୀ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଆରଏମ୍‌ସି କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।



# ଉମରକୋଟରେ ସମନ୍ୱିତ ପରୀକ୍ଷାଗାର ଲୋକାର୍ପିତ

ଉମରକୋଟ, ୨୬।୧୨(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ନବରଙ୍ଗପୁର ଜିଲ୍ଲାର ଉମରକୋଟ ଗସ୍ତ କରିଥିଲେ। ମନ୍ତ୍ରୀ ଗଣ୍ଡ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ସମ୍ବନ୍ୱିତ ପରୀକ୍ଷାଗାରକୁ ଲୋକାର୍ପିତ କରିଛନ୍ତି। ଏହି ସମ୍ବନ୍ୱିତ ପରୀକ୍ଷାଗାର ନୂତନ ଅତ୍ୟାଆଧୁନିକ ଜ୍ଞାନ କୌଶଳ ସମ୍ପନ୍ନ ମେସିନ ରହିଛି। ଅଟୋମେଟିକ ଅନା ଲାଇଜର, ଇଲେକ୍ଟ୍ରୋ ଲାଇଟ ଅନାଲାଇଜର ସହ ସମସ୍ତ ପ୍ରକାର ପରୀକ୍ଷା ପାଇଁ ସୁବନ୍ଦୋବସ୍ତ କରାଯାଇଛି। ଏହି ପରୀକ୍ଷାଗାର ସ୍ଥାପନ ହେବା ଦ୍ୱାରା ଥାଲାସେମିଆ, ସିକଲସେଲ, ଡେଙ୍ଗୁ ପାଇଁ ଏଲିଶା ଟେଷ୍ଟ ସହ ଜିନ୍‌ଗତ ରୋଗର ଟେଷ୍ଟ ପାଇଁ ମଧ୍ୟ ସୁବିଧା ହୋଇପାରିବ। ଏହି ପରୀକ୍ଷାଗାର ଦ୍ୱାରା ରୋଗୀମାନେ ସୁବିଧାରେ ଓ ସହଜରେ ସ୍ୱାସ୍ଥ୍ୟ ସମସ୍ୟା ଜନିତ ସେବା ପାଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଶା ପ୍ରକାଶ କରିଛନ୍ତି। ନବରଙ୍ଗପୁର ଜିଲ୍ଲାରେ ଖୁବଶୀଘ୍ର ଏକ ମେଡକାଲ କଲେଜ ସ୍ଥାପନ ସହ ଡାକ୍ତର ଅଭାବ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ସାଂସଦ ପ୍ରତିନିଧି, ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ, ପୌରପରିଷଦ ଅଧକ୍ଷା ରାଧାଭତ୍ରା, ବ୍ଲକ ଅଧକ୍ଷା ଶୁଶିଳା ମାଝୀ, ସିଡିଏମଓ ସୋନ୍ତଷ କୁମାର ପଣ୍ଡା, ପୌରପରିଷ କାର୍ଯ୍ୟ ନିର୍ବାହୀ ଆଲୋକ କୁମାର ଅନୁଗୁଳିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେର, ପୂର୍ବତନ ନଗରପାଳିକ ଝାଡେଶ୍ୱର ମହାନ୍ତି, ଏମ୍‌ଡି ୟୁନୁସ୍, କାଉନସିଲର ସାଇ ନାରାୟଣ ପାଢ଼ୀ, ସୁପରଟେଣ୍ଡନ ଡଃ ଶରତ ଚନ୍ଦ୍ର ସେଠୀ, ହସ୍ପିଟାଲ ମେନେଜର ଶୁଭ୍ରାଂଶୁ ପାଲଟ ସିଂ, ଡଃ ପିକେ ନାୟକ ଓ ମେଡିକାଲର ସମସ୍ତ କର୍ମଚାରୀ ଏବଂ ବିଜେପି କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।



# ଗୁରୁ ଘାସିଦାସଙ୍କ ଜୟନ୍ତୀ

ପାପଡ଼ାହାଣ୍ଡି, ୨୬।୧୨(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ସଦର ପଞ୍ଚାୟତ ସତନାମୀ ସାହିଠାରେ ଆଜି ସନ୍ଥ ଶିରୋମଣି ଗୁରୁ ଘାସିଦାସଙ୍କ ୨୬୯ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସତନାମୀ ସମାଜର ଅନୁଗାମୀମାନେ ଏକତ୍ରିତ ହୋଇ ସଭା ସତନାମୀ ଘରୁ ସାଦା ପତାକାକୁ ସ୍ୱାଗତ କରି ମନ୍ଦିର ପରିସରରେ ଆଣି ଅବସ୍ଥାପିତ କରାଇଥିଲେ। ଏହାପରେ ପରାମ୍ପରିକ ଭାବେ ସାଦା ପତାକାକୁ ଜ୍ୟୋତଖାମ ଠାରେ ଛଡାଇ ଥିଲେ। ସତନାମୀ ସମାଜର ସଭାପତି ସିମାଞ୍ଚଳ ସତନାମୀ ଗୁରୁବାଣୀ ଶୁଣାଇ ଥିଲେ। ଏହାପରେ ଭଣ୍ଡାରୀ ଶଙ୍କର ସତନାମୀ ଜ୍ୟୋତଖାମକୁ ଆଳତି କରି ଗୁରୁ ଘାସିଦାସ କିପରି ଭାବେ ଜାତିପ୍ରଥା ଉପରେ ଲଢେଇ କରିଥିଲେ ଆଲକପାତ କରିଥିଲେ। ମିତ୍ରଭାନୁ ସତନାମୀ ନାରୀ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଏହାପରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ପାପଡ଼ାହାଣ୍ଡି ସମେତ କାଶମିଗୁଡା, ତାଣ୍ଡଗା, ବାରିଗୁମ୍ମା, ଜୟପୁର, ବରାଗା ଏବଂ ମୈଦଳପୁରର ସତନାମୀ ସମାଜ ଉପସ୍ଥିତ ଥିଲେ। ସତନାମୀ ସମାଜର ବିଶିଷ୍ଟ ବ୍ୟକ୍ତି ପ୍ରବୀଣ ସତନାମୀ, ରବି, ରସାନନ୍ଦ, ଲାଲୁ, ଭୋଳାନାଥ, ଚିତ୍ରସେନ, ରମେଶ, ରାଜକୁମାର ଏବଂ ମହିଳାଙ୍କ ମଧ୍ୟରେ ଗାୟତ୍ରୀ, ପ୍ରମିଳା, ଚଞ୍ଚଳା, ମୋହିଶିଳା, ଉଷାରାଣି, ରେବତୀ, ରାନୀ ସତନାମୀ ପ୍ରମୁଖ ଉପସ୍ଥିତ ଥିଲେ।



# ଟ୍ରାକ୍ଟର ଦୁର୍ଘଟଣାରେ ଚାଳକ ମୃତ

ନନ୍ଦାହାଣ୍ଡି, ୨୬।୧୨(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ବି. ମାଳିଗୁଡ଼ା ପଞ୍ଚାୟତ ପରଜା ମିନିଗୁଡାଠାରେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହେବା ଫଳରେ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଉଛନ୍ତି ପରଜା ମିନିଗୁଡାର ଇଶ୍ୱର ଅମାନତ୍ୟ (୨୫) ବୋଲି ଜଣାପଡ଼ିଛି।ଖବର ପାଇ ଦଙ୍ଗାରଭେଜା ଫାଣ୍ଡି ଅଧିକାରୀ ଗୁଣନିଧି ବାଘ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ଏକ ମାମଲା(୫୦୯/୨୫) ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ପ୍ରକାରେ, ଗୁରୁବାର ସନ୍ଧ୍ୟାରେ ମୃତ ଯୁବକ ଈଶ୍ୱର ଟ୍ରାକ୍ଟରରେ ମାଟି ଧରି ପରଜା ମିନିଗୁଡା ଯାଉଥିବା ସମୟରେ ଗାଁ ନିକଟରେ ଟ୍ରାକ୍ଟର ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଘଟଣା ସ୍ଥଳରେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଫାଣ୍ଡି ଅଧିକାରୀ ଗୁଣନିଧି ବାଘ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛନ୍ତି। ଇଶ୍ୱରଙ୍କ ମୃତ୍ୟୁ ପରେ ପରଜା ମିନୁଗୁଡ଼ି ଗୁଡା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ମନ୍ତ୍ରୀଆମ୍ବ ଘାଟିରେ ଓଲଟିଲା କାଠ ବୋଝେଇ ଟ୍ରକ୍



ବୈପାରିଗୁଡା, ୨୬।୧୨(ସମିସ): ବୈପାରିଗୁଡା ଥାନା ଅଧୀନସ୍ଥ ମନ୍ତ୍ରୀଆମ୍ବ ଘାଟିରେ ଏକ ଟ୍ରକ ଓଲଟି ପଡ଼ିବାରୁ ଡ୍ରାଇଭର ଆହତ ହୋଇଛନ୍ତି। ସୂଚନାନୁଯାୟୀ, ଆଜି ଅପରାହ୍ନ ସାଢେ ୪ଟା ବେଳେ ଏକ ଟ୍ରକ (ଓଡି ୨୪ ସି ୪୯୯୭) ରେ ନୀଳଗିରି କାଠ ବୋଝେଇ ହୋଇ ନବରଙ୍ଗପୁର ଜିଲ୍ଲାର ଉମରକୋଟ ଠାରୁ ଭଦ୍ରାଚଳମ ଅଭିମୁଖେ ଯାଉଥିଲା। ତେବେ ରାଞ୍ଚି ବିଜୟୱାଡା ୩୨୬ ନମ୍ବର ଜାତୀୟ ରାଜପଥର ମନ୍ତ୍ରୀଆମ୍ବ ଘାଟିରେ ଅପରାହ୍ନ ସାଢେ ୪ଟା ବେଳେ ହଠାତ୍ ବ୍ରେକ ଫେଲ୍ ହୋଇଯିବାରୁ ଭାରସାମ୍ୟ ହରାଇ ଟ୍ରକ୍ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଡ୍ରାଇଭର ସାମାନ୍ୟ ଆହତ ହୋଇଥିଲେ। ଖବର ପାଇ ବୈପାରିଗୁଡା ପୁଲିସ ଏଏସଆଇ ବିଜୟ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଆହତ ଡ୍ରାଇଭରଙ୍କୁ ବୈପାରିଗୁଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏଥିସହ ଗାଡ଼ିର କାଗଜପତ୍ର ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି।

# ଏକଲବ୍ୟ ବିଦ୍ୟାଳୟରେ ଖ୍ରୀଷ୍ଟମାସ ଉତ୍ସବ



ପଟାଙ୍ଗି, ୨୬।୧୨(ସମିସ): କୁନ୍ଦୁଲି ପଞ୍ଚାୟତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପୁଙ୍ଗାର ପରିସରରେ ଖ୍ରୀଷ୍ଟମାସ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ବିବେକାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ କ୍ୟାଣ୍ଡେଲ ଲଗାଇ ଓ କେକ୍ କାଟି ଉତ୍ସବ ପାଳନ କରିଥିଲେ।

ଏହି ଅବସରରେ ସାନ୍ତା କ୍ଲଜ୍ ସମସ୍ତଙ୍କୁ ଚକଲେଟ୍ ଓ ଉପହାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ନୃତ୍ୟ, ଗୀତ ଓ ନାଟକ ପରିବେଷଣ ସହିତ ଆଲୋକରେ ସଜ୍ଜିତ ଖ୍ରୀଷ୍ଟମାସ ଟ୍ରି ବେଶ୍ ଆକର୍ଷଣୀୟ ହୋଇଥିଲା। ଶିକ୍ଷୟିତ୍ରୀ ତେଜାସ୍ୱିନୀ ଟାକ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନବରଙ୍ଗପୁରରେ ବୀର ବାଳ ଦିବସ




ନବରଙ୍ଗପୁର, ୨୬।୧୨(ସମିସ): ନବରଙ୍ଗପୁର ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଦ୍ୱାରା ଜିଲ୍ଲାପାଳ କାର୍ଯ୍ୟଳୟ ଅଶୋକ ମେହେତା ସମ୍ମିଳନୀ ବୀର ବାଲ ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ସ୍ୱାଗତ ଭାଷଣ ପରିବେଷଣ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ ଯୋଗଦାନ କରି ବୀର ବାଳକମାନଙ୍କ ବଳିଦାନ, ସାହସ ଓ ଦେଶ ଭକ୍ତିକୁ ସ୍ମରଣ କରାଇବା ସହ ଯୁବପିଢି ମଧ୍ୟରେ ଦେଶ ପ୍ରେମର ଭବନା ଜାଗ୍ରତ କରିବା ପାଇଁ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ ମନୋଜ ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଦିଲ୍ଲିପ ପଟ୍ଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ନିଜର ବକ୍ତବ୍ୟରେ ଗୁରୁ ଗୋବିନ୍ଦ ସିଂଙ୍କ ଦୁଇ ଶିଶୁପୁତ୍ର ବାବା ଯୋରାବର ସିଂ ଏବଂ ବାବା ଫତେହ ସିଂ ଙ୍କ ବଳିଦାନ, ଦେଶର ବୀର ବାଳକମାନଙ୍କର ତ୍ୟାଗ, ଦେଶପ୍ରିତି ଓ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାରେ ସମସ୍ତ ଅଙ୍ଗନବାଡି କେନ୍ଦ୍ର, ଉତ୍କଳ ବାଲଶ୍ରମଠାରେ ବୀର ବାଲ ଦିବସ ପାଳନ କରାଯାଇଥିଲା। ପରିଶେଷରେ ଶିଶୁ ପ୍ରୋଗ୍ରାମ ଅଧିକାରୀ ରମା ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଲା ବିଜେଡି

# କଟନୀ ଛଟନୀ ବନ୍ଦ, ପଞ୍ଜିକୃତ ଚାଷୀଙ୍କୁ ଟୋକେନ ପ୍ରଦାନ ଦାବି

ଜୟପୁର, ୨୬ ।୧୨(ସମିସ)

କୋରାପୁଟ ଜିଲ୍ଲା ଜୟପୁର ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ପୂର୍ବରୁ ଘୋଷଣା ଅନୁଯାୟୀ ଆଜି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ କାର୍ଯ୍ୟାଳୟ ଘେରଉ କରାଯାଇଛି। ଖରିଫ ଧାନ ମଣ୍ଡିରେ କଟନୀ ଛଟନୀ ନାମରେ ଚାଷୀଙ୍କୁ ଷୋଶଣ କରାଯାଉଛି। ମଣ୍ଡି ଉଦଘାଟନ ହୋଇ ୧୫ ଦିନ ହୋଇଥିଲେ ସୁଦ୍ଧା କେବଳ ୧୦ରୁ ୨୦ ପ୍ରତିଶତ ଚାଷୀଙ୍କ ନିଜର ଅମଳ ହୋଇଥିବା ଖରିଫ ଧାନ ବିକ୍ରି ନିମନ୍ତେ ଟୋକେନ ପ୍ରଦାନ କରାଯାଇଛି। ବଳକା ଟୋକେନ ପ୍ରଦାନରେ ବିଳମ୍ବ ଯୋଗୁଁ ଚାଷୀମାନେ ଅଭାବ ବିକ୍ରିର ଶିକାର ହୋଇ ସରକାରଙ୍କ ନିର୍ଦ୍ଧାରିତ ଧାର୍ଯ୍ୟ ଠାରୁ ୬ଶହରୁ ୭ ଶହ ଟଙ୍କା କମରେ ବ୍ୟବସାୟୀ ଏବଂ ଦଲାଲମାନଙ୍କୁ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି ବୋଲି ବିଜେଡି କର୍ମୀ ଏବଂ ଚାଷୀମାନେ ମିଳିତ ଭାବେ ଅଭିଯୋଗ କରିଛନ୍ତି। ଏନେଇ ଆଜି ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ କାର୍ଯ୍ୟାଳୟକୁ ଘେରଉ କରିଥିଲେ। ତୁରନ୍ତ ୨ ଦିନ ମଧ୍ୟରେ ସମସ୍ତ ପଞ୍ଜିକୃତ ଚାଷୀଙ୍କ ଟୋକେନ ପ୍ରଦାନ ଏବଂ କଟନୀ ଛଟନୀ ବନ୍ଦ କରା ନ ଗଲେ ଆସନ୍ତା ୧ ତାରିଖରେ ବିଜେଡି ପକ୍ଷରୁ ରାଜରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ଧାରଣା ଓ ଘେରଉର ନେତୃତ୍ୱ ନେଇଥିବା ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ରାଜ୍ୟ ଉପସଭାପତି ରବି ନାରାୟଣ ନନ୍ଦ ପ୍ରକାଶ କରିଛନ୍ତି। ପୂର୍ବାହ୍ନରୁ ମଧ୍ୟାହ୍ନ ମଧ୍ୟ ଏହି ଧାରଣା ଦିଆଯାଇ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶସାନ ପକ୍ଷରୁ ଚାଷୀଙ୍କ ଧାନ କ୍ରୟରେ କୌଣସି ଆନ୍ତରିକତା ନଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀ କଟନୀ ଛଟନୀ ନେଇ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ପଞ୍ଜିକୃତ ସମସ୍ତ ଚାଷୀଙ୍କୁ ଟୋକେନ ପ୍ରଦାନ କରାଯିବା ସହ ଧାନ କ୍ରୟ କରାଯାଇ ଅଭାବୀ ବିକ୍ରି ବନ୍ଦ କରାଯିବ ବୋଲି କହୁଥିବା ବେଳେ ଏହାର ଓଲଟା ସାରା ରାଜ୍ୟ ହେଉଛି। କିନ୍ତୁ ରାଜ୍ୟ ସରକାର ଏବଂ ପ୍ରଶାସନର ନିଦ ଭାଙ୍ଗି ନାହିଁ ବୋଲି ଧାରଣାରେ ସାମିଲ ହୋଇଥିବା ବିଜେଡି ଏବଂ ଚାଷୀ ନେତାମାନେ ଅଭିଯୋଗ କରିଥିଲେ। ବିଜେଡିର ଆନ୍ଦୋଳନର ଧମକ ପରେ କୋରାପୁଟ ଜିଲ୍ଲାରେ ଗତ ଦୁଇଦିନ ହେଲାଣି ମଣ୍ଡିର ସ୍ୱଳ୍ପ ଧାନ କ୍ରୟ ଆରମ୍ଭ ହୋଇଥିଲେ ସୁଦ୍ଧା କୁଇଣ୍ଟାଲ ପିଛା ଚାଷୀଙ୍କ ଠାରୁ ୨ରୁ ୪ କିଲୋ ଅଧିକ ଧାନ ଦାବି କରାଯାଉଛି। କଷ୍ଟମ ମିଲର୍ସଙ୍କ ସହିତ ପ୍ରଶାସନ ଏବଂ ରାଜ୍ୟ ସରକାର ଭିତରିଆ ସଲସୁତରାରେ କଟନୀ ଛଟନୀକୁ ପ୍ରଶୟ ଦେଉଛନ୍ତି ବୋଲି ବିଜେଡି ନେତା ଶ୍ରୀ ନନ୍ଦ ଅଭିଯୋଗ କରିଛନ୍ତି। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର ପ୍ରତିଶ୍ରୁତି ଦେଇ କହିଛନ୍ତି, ମଣ୍ଡିରେ ଧାନ କ୍ରୟ ଏବଂ ଟୋକେନ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ସମସ୍ତ ଚାଷୀଙ୍କ ଧାନ ଯଥାଶିଘ୍ର କ୍ରୟ କରାଯାଇ ଅଭାବୀ ବିକ୍ରିକୁ ସୁଯୋଗ ଦିଆଯିବ ନାହିଁ। କଟ୍‌ନୀଛଟ୍‌ନୀ ନେଇ ଅଭିଯୋଗ ଆସିଲେ ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଜିର ଆନ୍ଦୋଳନରେ ବରିଷ୍ଠ ବିଜେଡି ନେତା ସୂର୍ଯ୍ୟନାରାୟଣ ରଥ, ବାଲା ରାୟ, ଦୁର୍ଗା ପ୍ରସାଦ ମିଶ୍ର, ନାଗରାଜ ଦୋରା, ବାଲିଙ୍କି ରାଓ, ଶିବ ପଟ୍ଟନାୟକ, ଟୁନା ରଥ, ଅନି ପଟ୍ଟନାୟକ, ଶିକ୍ଷା ପାଣି ଏବଂ ଅନ୍ୟାନ୍ୟ ବିଜେଡି ସଦସ୍ୟଙ୍କ ସମେତ ଚାଷୀମାନେ ଯୋଗଦେଇଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୨୫ ● ପାଉଣ୍ଡ ୧୧୬.୦୩
- ୟୁରୋ ୧୦୨.୯୪ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୮,୩୫୦ (ନୂଆଦିଲ୍ଲୀ)
- ରୁପା : ୨,୪୯,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୦୪୧.୦୦
- ନିଫ୍ଟି ୨୬,୦୪୨.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# କରୋନାକୁ ବଳିଗଲା ପ୍ରଦୂଷଣ; ଘାଇଲା ହେବ ଅର୍ଥନୀତି

## ବିପଦ ବଢ଼ାଉଛି ପରିବହନ କ୍ଷେତ୍ର: ଗଡ଼କରୀ

ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି): କରୋନା ମହାମାରୀ ପରେ ଦେଶରେ ବାୟୁ ପ୍ରଦୂଷଣ ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ଭାବରେ ଉଭା ହୋଇଛି। ଚେତାବନୀ ଦେଇଛନ୍ତି ଯେ ଯଦି ତୁରନ୍ତ ପଦକ୍ଷେପ ନିଆ ନ ଯାଏ, ତେବେ ଆଗକୁ ପ୍ରତିବର୍ଷ ପରିସ୍ଥିତି ଆହୁରି ଖରାପ ହେବ। ଫୁସଫୁସ ସମ୍ବନ୍ଧୀୟ ରୋଗଗୁଡ଼ିକ ଶରୀରରେ ନୀରବରେ ବୃଦ୍ଧି ପାଉଛି। ଏ ବାବଦରେ ରୋଗୀ କିଛି ଜାଣି ନ ପାରି ତା'ର କୌଣସି ଚିକିତ୍ସା ବି କରୁ ନ ଥିବା ବ୍ରିଟେନରେ ରହୁଥିବା ଜଣେ ଭାରତୀୟ ବଂଶୋଦ୍ଭବ ଫୁସଫୁସ ବିଶେଷଜ୍ଞ ଡାକ୍ତର ଏବଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କୋଭିଡ୍ ପରାମର୍ଶଦାତା କମିଟିର ପୂର୍ବତନ ସଦସ୍ୟ ମନୀଷ ଗୌତମ ଏହା କହିଛନ୍ତି।

ଏ ସମ୍ପର୍କରେ ଚେତାବନୀ ଦେଇ ଏହି ବ୍ରିଟିଶ ଡାକ୍ତର ଜଣକ କହିଛନ୍ତି ଯେ ଏହି ଅଦୃଶ୍ୟ ରୋଗଗୁଡ଼ିକ ଏକ ବିରାଟ ଲହରୀ ପରି ଆସୁଛି, ଯାହା ଲୋକଙ୍କ ଜୀବନ ଏବଂ ସ୍ୱାସ୍ଥ୍ୟବ୍ୟବସ୍ଥା ଉପରେ ଭୀଷଣ ପ୍ରଭାବ ପକାଇବ। ଡାକ୍ତରମାନେ ବିଶ୍ୱାସ କରନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ ହୃଦରୋଗ ବୃଦ୍ଧିର ପ୍ରମୁଖ କାରଣ ସ୍ଥୂଳତା ନୁହେଁ, ବରଂ ସହରଗୁଡ଼ିକରେ ଯାନବାହନ ଏବଂ ବିମାନରୁ ନିର୍ଗତ ବିଷାକ୍ତ ଧୂଆଁ। ଭାରତ, ବ୍ରିଟେନ ଏବଂ ଅନ୍ୟ ଦେଶଗୁଡ଼ିକର ପ୍ରମୁଖ ସହରଗୁଡ଼ିକରେ ଏହି ସମସ୍ୟା ଅଧିକ ଦେଖାଯାଉଛି। ସେ କହିଛନ୍ତି ଯେ ଉତ୍ତର ଭାରତରେ ଲକ୍ଷ ଲକ୍ଷ ଲୋକ ଏହି ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହୋଇସାରିଛନ୍ତି। ବର୍ଷ ବର୍ଷ ଧରି ପ୍ରଦୂଷିତ ବାୟୁର ସଂସ୍ପର୍ଶରେ ରହିବା ଫୁସଫୁସ ସଙ୍କଟକୁ ଆହୁରି ତୀବ୍ର କରୁଛି। ସେ ସରକାରୀ ନୀତିନିର୍ଦ୍ଧାରଣକାରୀମାନଙ୍କୁ ଏହି ସମସ୍ୟାର ପ୍ରାରମ୍ଭିକ ସ୍ତରରେ ଚିହ୍ନଟ ଏବଂ ଚିକିତ୍ସା ଉପରେ ଧ୍ୟାନ ଦେବାକୁ ଅନୁରୋଧ କରିଛନ୍ତି। ସେ ତୁରନ୍ତ ଏକ "ଫୁସଫୁସ ସ୍ୱାସ୍ଥ୍ୟ କାର୍ଯ୍ୟ ବାହିନୀ" ପ୍ରତିଷ୍ଠା କରିବାକୁ ପରାମର୍ଶ ଦେଇଛନ୍ତି। ବ୍ରିଟେନର ଜାତୀୟ ସ୍ୱାସ୍ଥ୍ୟ ସେବାରେ ୨୦ ବର୍ଷରୁ ଅଧିକ ଅଭିଜ୍ଞତା ଥିବା ଡାକ୍ତର ଗୌତମ କହିଛନ୍ତି ଯେ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ ଆବଶ୍ୟକ, ହେଲେ କେବଳ ସେଗୁଡ଼ିକ ଆଉ ଯଥେଷ୍ଟ ନୁହେଁ। ଭାରତ ଯକ୍ଷ୍ମା ଭଳି ରୋଗ ନିୟନ୍ତ୍ରଣରେ ଉଲ୍ଲେଖନୀୟ ଅଗ୍ରଗତି କରିଛି, ଯେଉଁଠାରେ ପ୍ରାରମ୍ଭିକ ଚିହ୍ନଟ ଏବଂ ଉପଯୁକ୍ତ ଚିକିତ୍ସା ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ବର୍ତ୍ତମାନ, ଫୁସଫୁସ ରୋଗର ସମାଧାନ ପାଇଁ ସମାନ ପ୍ରୟାସ ଏବଂ ପାଣ୍ଠି ଆବଶ୍ୟକ। ଚଳିତମାସରେ ନୂଆଦିଲ୍ଲୀର ହସ୍ପିଟାଲଗୁଡ଼ିକରେ ଶ୍ୱାସକ୍ରିୟା ସମସ୍ୟା ଥିବା ରୋଗୀଙ୍କ ସଂଖ୍ୟା ୨୦ ରୁ ୩୦ ପ୍ରତିଶତ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରୁ ଅନେକ ପ୍ରଥମ ଥର ପାଇଁ ଏହି ସମସ୍ୟାର ସମ୍ମୁଖୀନ ହେଉଥିବା ଯୁବକ ଥିଲେ। ଲଣ୍ଡନର ସେଣ୍ଟ ଜର୍ଜ ବିଶ୍ୱବିଦ୍ୟାଳୟ ହସ୍ପିଟାଲର ହୃଦରୋଗ ବିଶେଷଜ୍ଞ ରାଜୟ ନାରାୟଣ କହିଛନ୍ତି ଯେ ବାୟୁ ପ୍ରଦୂଷଣର ହାର୍ଟ ବା ହୃଦ୍‌ରୋଗ, ଶ୍ୱାସକ୍ରିୟା, ମସ୍ତିଷ୍କ ଏବଂ



ସାମଗ୍ରିକ ଶରୀର ବିଭିନ୍ନ ରୋଗ ସହ ସମ୍ପର୍କ ଥିବା ଦୃଢ଼ ବୈଜ୍ଞାନିକ ପ୍ରମାଣ ଅଛି। ଯଦି ଏହାକୁ ଅଣଦେଖା କରାଯାଏ, ତେବେ ସ୍ୱାସ୍ଥ୍ୟ ଏବଂ ଅର୍ଥନୀତି ଉପରେ ବୋଝ ବଢ଼ିବ। ସେ ବ୍ୟାଖ୍ୟା କରିଛନ୍ତି ଯେ ଛୋଟ ପଦକ୍ଷେପର ତୁରନ୍ତ ପ୍ରଭାବ ପଡ଼ିପାରେ, କିନ୍ତୁ ପ୍ରକୃତ ସମାଧାନ ଦୀର୍ଘକାଳୀନ ନୀତିରେ ରହିଛି ଯାହା ସ୍ୱଚ୍ଛ ବାୟୁ ଉପରେ ଗୁରୁତ୍ୱ ଦିଏ। ସେ ଚେତାବନୀ ଦେଇଛନ୍ତି ଯେ ମୁଣ୍ଡବିନ୍ଧା, ଥକ୍କାପଣ, ହାଲୁକା କାଶ, ଗଳା ଯନ୍ତ୍ରଣା, ପେଟ ସମସ୍ୟା, ଶୁଷ୍କ ଆଖି, ଚର୍ମ ଫୋଟକା ଏବଂ ବାରମ୍ବାର ସଂକ୍ରମଣ ଭଳି ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ପ୍ରାୟତଃ ଛୋଟ ବୋଲି ଖାରଜ କରାଯାଏ, କିନ୍ତୁ ଏଗୁଡ଼ିକ ଗୁରୁତର ଦୀର୍ଘକାଳୀନ ରୋଗର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ।

କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ନିକଟରେ ସ୍ୱୀକାର କରିଛନ୍ତି ଯେ ଦିଲ୍ଲୀର ପ୍ରାୟ ୪୦ ପ୍ରତିଶତ ପ୍ରଦୂଷଣ ପରିବହନ କ୍ଷେତ୍ରରୁ ହେଉଛି। କାରଣ ଏହା ଜୀବାଶ୍ମ ଇନ୍ଧନ ଉପରେ ଅଧିକ ନିର୍ଭରଶୀଳତା। ସେ ସ୍ୱଚ୍ଛ ବିକଳ୍ପର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଜୈବ ଇନ୍ଧନ ଗ୍ରହଣକୁ ପ୍ରୋତ୍ସାହିତ କରିବାକୁ ଆହ୍ୱାନ କରିଥିଲେ। ସଂସଦର ସାମ୍ପ୍ରତିକ ଶୀତକାଳୀନ ଅଧିବେଶନରେ, ସରକାର କହିଛନ୍ତି ଯେ ଉଚ୍ଚ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ସ୍ତର ଏବଂ ଫୁସଫୁସ ରୋଗ ମଧ୍ୟରେ ସିଧାସଳଖ ସମ୍ପର୍କ ପ୍ରମାଣିତ କରୁଥିବା କୌଣସି ନିର୍ଣ୍ଣାୟକ ତଥ୍ୟ ନାହିଁ। ତଥାପି, ଏହା ସ୍ୱୀକାର କରିଛି ଯେ ବାୟୁ ପ୍ରଦୂଷଣ ଶ୍ୱାସକ୍ରିୟା ସମସ୍ୟା ଏବଂ ଏ ସମ୍ପର୍କିତ ଅସୁସ୍ଥତାକୁ ତ୍ୱରାନ୍ୱିତ କରେ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସଂସଦରେ ଉପସ୍ଥାପିତ ଏହାର ତଥ୍ୟରେ କହିଛି ଯେ ଗତ ତିନି ବର୍ଷ ମଧ୍ୟରେ ଦିଲ୍ଲୀରେ ୨ ଲକ୍ଷରୁ ଅଧିକ ତୀବ୍ର ଶ୍ୱାସକ୍ରିୟା ରୋଗ ସମ୍ପର୍କିତ ମାମଲା ରିପୋର୍ଟ ହୋଇଛି, ଯାହା ମଧ୍ୟରୁ ପ୍ରାୟ ୩୦ ହଜାର ଲୋକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଇଣ୍ଟରନ୍ୟାସନାଲ କାଉନସିଲ ଅନ୍ କ୍ଲିନ୍ ଟ୍ରାନ୍ସପୋର୍ଟେସନ୍ ଦ୍ୱାରା କରାଯାଇଥିବା ଏକ ବିଶ୍ୱସ୍ତରୀୟ ଅଧ୍ୟୟନରୁ ଜଣାପଡିଛି ଯେ ସଡ଼କ ପରିବହନରୁ ନିର୍ଗମନ ନିୟନ୍ତ୍ରଣ କରିବା ପାଇଁ ନୀତିଗୁଡ଼ିକ ୨୦୪୦ ସୁଦ୍ଧା ବିଶ୍ୱବ୍ୟାପୀ ୧.୯ ନିୟୁତ ଜୀବନ ରକ୍ଷା କରିପାରିବ ଏବଂ ପିଲାମାନଙ୍କଠାରେ ୧.୪ ନିୟୁତ ନୂତନ ଶ୍ୱାସରୋଗ ମାମଲାକୁ ରୋକିପାରିବ। ଚିକିତ୍ସା ବିଶେଷଜ୍ଞମାନେ ବାରମ୍ବାର ଚେତାବନୀ ଦେଇଛନ୍ତି ଯେ ବାୟୁ ପ୍ରଦୂଷଣ ଜନସ୍ୱାସ୍ଥ୍ୟ ଉପରେ ବ୍ୟାପକ ପ୍ରଭାବ ପକାଉଛି ଏବଂ ଏଥିପାଇଁ ତୁରନ୍ତ ହସ୍ତକ୍ଷେପ ଆବଶ୍ୟକ।

# ଅଢ଼େଇ ଲକ୍ଷ ଛୁଇଁବ ରୁପା ଦର

ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି): ଘରୋଇ ବଜାରରେ ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି ସୁନା ଓ ରୁପା ଦର। ମଙ୍ଗଳବାର ଘରୋଇ ବଜାରରେ ସୁନା ମୂଲ୍ୟ ସର୍ବକାଳୀନ ରେକର୍ଡ ସ୍ତର ୧୦ ଗ୍ରାମ ପିଛା ୧,୩୯ ଲକ୍ଷ ଟଙ୍କା ଟପିଯାଇଛି। ଅପରପକ୍ଷେ ରୁପା ଦର କିଲୋଗ୍ରାମ ପିଛା ୨.୪୯ ଲକ୍ଷ ଟଙ୍କାରେ ପହଞ୍ଚି ନୂଆ ସର୍ବକାଳୀନ ରେକର୍ଡ କରିଛି। ତେଣୁ ଖୁବ୍ ଶୀଘ୍ର ରୁପା ମୂଲ୍ୟ ରେକର୍ଡ ଅଢ଼େଇ ଲକ୍ଷ ଟଙ୍କାରେ ପହଞ୍ଚିବା ଆଶା କରାଯାଉଛି। ଚାନ୍ଦି ମୂଲ୍ୟ ଚଳିତବର୍ଷ ୧୫୦% ବୃଦ୍ଧି ପାଇଛି। କୌତୂହଳର ବିଷୟ ହେଉଛି ଯେ, ଆଜି ଗୋଟିଏ ଦିନରେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧୦ ହଜାର ଟଙ୍କା ମହଙ୍ଗା ହୋଇଛି।

ଶୁକ୍ରବାର ଘରୋଇ ବଜାରରେ କ୍ରମାଗତ ଭାବେ ଚତୁର୍ଥ ଦିନ ପାଇଁ ସୁନା ଏବଂ ରୂପା ମୂଲ୍ୟ ସର୍ବକାଳୀନ ରେକର୍ଡ ସ୍ତରରେ ରହିଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ୧ କିଲୋ ରୁପାର ମୂଲ୍ୟରେ ୧୩ ହଜାର ଟଙ୍କା ୧୦,୦୦୦ ଟଙ୍କା ବୃଦ୍ଧି ପାଇ ୨,୪୯,୦୦୦ ଟଙ୍କାରେ ପହଞ୍ଚିଛି। ପ୍ରାରମ୍ଭିକ କାରବାରରେ ଏହା ୧୩,୧୧୭ ଟଙ୍କା ବୃଦ୍ଧି ପାଇଥିଲା। ଆଜି ସୁନା ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟିଛି। ୧୦ ଗ୍ରାମ ପିଛା ସୁନା ମୂଲ୍ୟରେ ୧,୩୨୯ ଟଙ୍କା ବୃଦ୍ଧି ହୋଇ ଏହା ୧,୩୯,୮୮୦ ଟଙ୍କାରେ ପହଞ୍ଚିଛି। ଚଳିତବର୍ଷ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୬୩,୭୧୮ ଟଙ୍କା ବୃଦ୍ଧି ହୋଇଛି। କାରଣ ୨୦୨୪



**ଦିନକରେ ୧୦ ହଜାର ମହଙ୍ଗା**

**ବର୍ଷକରେ ସୁନା ମୂଲ୍ୟ ୬୩ ହଜାର, ରୁପା ୧.୬୩ ଲକ୍ଷ ଟଙ୍କା ବଢ଼ିଛି**

ଡିସେମ୍ବର ୩୧ରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୭୬,୧୬୨ ଟଙ୍କା ରହିଥିଲା। ଥିଲା, ଯାହା ଏବେ ୧,୩୯,୮୮୦ ଟଙ୍କା ହୋଇଛି। ଏହି ସମୟ ମଧ୍ୟରେ ରୁପାର ମୂଲ୍ୟରେ ମଧ୍ୟ ୧,୬୨,୯୮୩ ଟଙ୍କା ବୃଦ୍ଧି ପାଇଛି। କାରଣ ୨୦୨୪ ଡିସେମ୍ବର ୩୧ରେ ଏକ କିଲୋଗ୍ରାମ ରୁପାର ମୂଲ୍ୟ ୮୬,୦୧୭ ଟଙ୍କା ଥିଲା, ଯାହା ଏବେ କିଲୋଗ୍ରାମ ପିଛା ୨,୪୯,୦୦୦ ଟଙ୍କାରେ ପହଞ୍ଚିଛି।

ସୁନା ଏବଂ ରୂପା ମୂଲ୍ୟ ବୃଦ୍ଧିର ସବୁଠାରୁ ବଡ଼ କାରଣ ହେଉଛି, ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା, ଫେଡେରାଲ୍ ରିଜର୍ଭ ଦ୍ୱାରା ସୁଧହାର ହ୍ରାସ ନେଇ ବୃଦ୍ଧି ଆଶା ଏବଂ ବଢୁଥିବା ବଜାର ଅନିଶ୍ଚିତତା। ସମ୍ପ୍ରତି ବଢୁଥିବା ସୁନା ମୂଲ୍ୟ ମଧ୍ୟବିତ୍ତ ଏବଂ ଗରିବ ପରିବାର ପାଇଁ ସୁନା କିଣିବା ମହଙ୍ଗା କରିଦେଇଛି। ଏହା ବ୍ୟତୀତ, ଯେଉଁମାନେ ନିଜର ଛୋଟ ସଞ୍ଚୟ ସହିତ ସୁନା ଅଳଙ୍କାର କିମ୍ବା ଅନ୍ୟାନ୍ୟ ଜିନିଷ କିଣିବାକୁ ଯୋଜନା କରୁଥିଲେ ସେମାନେ ମଧ୍ୟ ନିରାଶ ହେଉଛନ୍ତି। ସୁନା ବର୍ତ୍ତମାନ ସାଧାରଣ ଲୋକଙ୍କ ପହଞ୍ଚ ବାହାରେ। ଫଳସ୍ୱରୂପ, ସୁନା ଅଳଙ୍କାରର ମୂଲ୍ୟ ସାଧାରଣ ଲୋକଙ୍କ ବିବାହ ବଜେଟ୍‌କୁ ଯଥେଷ୍ଟ ବୃଦ୍ଧି କରିଦେଇଛି। ଏହା ବ୍ୟତୀତ, ଯେଉଁ ଛୋଟ ନିବେଶକମାନେ ସେମାନଙ୍କର ସୀମିତ ସଞ୍ଚୟ ସହିତ ସୁନାରେ ନିବେଶ କରିବାର ସ୍ୱପ୍ନ ଦେଖୁଥିଲେ, ସେମାନଙ୍କ ପାଇଁ ଆଉ ସୁଯୋଗ ରହିବନାହିଁ।

### ୮ମ ବେତନ ଆୟୋଗ ସୁପାରିସ ରିପୋର୍ଟ

# ନୂଆ ବର୍ଷରୁ ଲାଗୁ ହେବା ସମ୍ଭାବନା କମ୍

ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି): କେନ୍ଦ୍ରୀୟ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ବେତନ ଆୟୋଗ ସର୍ବଦା ଆଲୋଚନାର ବିଷୟ ହୋଇଆସିଛି। ୭ମ ବେତନ ଆୟୋଗଙ୍କ ୧୦ ବର୍ଷର କାର୍ଯ୍ୟକାଳ ୨୦୨୫ ଡିସେମ୍ବର ୩୧ରେ ଶେଷ ହେବାକୁ ଯାଉଛି। ଏହାପରେ ଏବେ ସମସ୍ତଙ୍କ ନଜର ୮ମ ବେତନ ଆୟୋଗ ଉପରେ ରହିଛି। ଏଠାରେ ପ୍ରଶ୍ନ ହେଉଛି ନୂତନ ବେତନ ଆୟୋଗ ୨୦୨୬ ଜାନୁଆରୀ ପହିଲାରୁ ଲାଗୁ ହେବ କି ନାହିଁ। ତଥାପି, ଅର୍ଥ ରାଷ୍ଟ୍ରମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଏ ସମ୍ପର୍କରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ସେ କହିଛନ୍ତି ଯେ, ୨୦୨୬ ଜାନୁଆରୀ ପହିଲାରୁ ୮ମ ବେତନ ଆୟୋଗ ଲାଗୁ ହେବ ବୋଲି କୌଣସି ନିଶ୍ଚିତତା ମିଳିନାହିଁ। ଆୟୋଗଙ୍କ ରିପୋର୍ଟ ଆସିବା ଲାଗି ସାଧାରଣତଃ ପ୍ରାୟ ୧୮ ମାସ ସମୟ ଲାଗିଥାଏ। ତେଣୁ, କର୍ମଚାରୀ ଏବଂ ପେନସନଭୋଗୀମାନଙ୍କୁ ରିପୋର୍ଟ ପ୍ରକାଶିତ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।

୭ମ କେନ୍ଦ୍ରୀୟ ବେତନ ଆୟୋଗର ସୁପାରିଶ ୨୦୧୬ ଜାନୁଆରୀ ପହିଲାରେ କାର୍ଯ୍ୟକାରୀ ହୋଇଥିଲା। ଏହା କେନ୍ଦ୍ରୀୟ କର୍ମଚାରୀ ଏବଂ ପେନସନଭୋଗୀଙ୍କ ବେତନ ଗଠନରେ ବଡ଼ ପରିବର୍ତ୍ତନ ଆଣିଥିଲା। ସେଥିରେ ସର୍ବନିମ୍ନ ବେତନ ୧୮,୦୦୦ ଟଙ୍କା ଏବଂ ସର୍ବାଧିକ ବେତନ

**ଡିସେମ୍ବର ୩୧ରେ ସରୁଛି '୭ମ ବେତନ' କାର୍ଯ୍ୟକାଳ**

୨,୨୫,୦୦୦ ଟଙ୍କା ସ୍ଥିର କରାଯାଇଥିଲା। ଏଥିରେ କ୍ୟାବିନେଟ ସଚିବଙ୍କ ଦରମା ୨,୫୦,୦୦୦ ଟଙ୍କା ଥିଲା। ସେଥିରେ ସବୁଠାରୁ ବଡ଼ ପରିବର୍ତ୍ତନ ଥିଲା, ପେ ମ୍ୟାଟ୍ରିକ୍ସ ସିଷ୍ଟମ। ଯାହା ପୁରୁଣା ଗ୍ରେଡ୍ ପେ ସିଷ୍ଟମକୁ କର୍ମଚାରୀ ପଦବୀ ଉପରେ ଆଧାରିତ ସ୍ତର-ଭିତ୍ତିକ ଦରମା ସହିତ ବଦଳାଇଥିଲା। ସମସ୍ତ କର୍ମଚାରୀଙ୍କ ପାଇଁ ୨.୫୭ର ଫିଟମେଣ୍ଟ ଫ୍ୟାକ୍ଟର ମଧ୍ୟ ଲାଗୁ କରାଯାଇଥିଲା, ଯାହା ଦରମା ଗଣନାକୁ ସରଳ ଏବଂ ସ୍ୱଚ୍ଛ କରିଥିଲା। ୭ମ କେନ୍ଦ୍ରୀୟ ବେତନ ଆୟୋଗ ଭତ୍ତା ସଂଖ୍ୟା ହ୍ରାସ କରାଯାଇଛି। ୫୨ ଟି ଭତ୍ତା ଉଚ୍ଛେଦ କରାଯାଇଛି, ୩୬ଟି ଭତ୍ତାକୁ ନୂତନ ଢ଼ାଞ୍ଚାରେ ଛାଡି ଦିଆଯାଇଛି। ବିପଦ ଏବଂ କଷ୍ଟ ଭତ୍ତା ଏକ ୯ ସ୍ତରୀୟ ମ୍ୟାଟ୍ରିକ୍ସରେ ସଂଯୁକ୍ତ କରାଯାଇଛି। ମହଙ୍ଗା ଭତ୍ତା ଆଧାରରେ ପରିବର୍ତ୍ତନର ସମ୍ଭାବନା ସହିତ ସହର ବର୍ଗ ଉପରେ ନିର୍ଭର କରି ଘର ଭଡ଼ା ଭତ୍ତା (ଏଚ୍‌ଆର୍‌ଏ) ୨୪%,୧୬%ଏବଂ ୮% ସ୍ଥିର କରାଯାଇଛି। ଆଡଭାନ୍ସ ବା ଅଗ୍ରୀମରେ ମଧ୍ୟ ହ୍ରାସ କରାଯାଇଛି, କେବଳ ବ୍ୟକ୍ତିଗତ କମ୍ପ୍ୟୁଟର ଆଡଭାନ୍ସ ଏବଂ ହାଉସ ବିଲ୍ଡିଂ ଆଡଭାନ୍ସ ଜାରି ରହିଛି। ଏଚ୍‌ଆର୍‌ଏ ସୀମା ୨୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ୭ମ କେନ୍ଦ୍ରୀୟ ବେତନ ଆୟୋଗରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ଏକ ନୂତନ ପେନସନ୍ ଗଣନା ପଦ୍ଧତି ଗ୍ରହଣ କରାଯାଇଛି। ସେଥିରେ ଗ୍ରାଚ୍ୟୁଇଟି ସୀମା ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ସହ ମହଙ୍ଗା ଭତ୍ତା ବୃଦ୍ଧି କରି ଏହି ସୀମାରେ ୨୫% ବୃଦ୍ଧି କରାଯାଇଛି।

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୬୨ତମ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୨୬।୧୨(ସମିସ): ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏକ ନୂତନ ଶାଖା ଗଞ୍ଜାମ ଜିଲ୍ଲାର ହୁମ୍ମାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ନୂତନ ଶାଖା ସହିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଗଞ୍ଜାମ ଜିଲ୍ଲାରେ ମୋଟ ଶାଖା ସଂଖ୍ୟା ୬ରେ ପହଞ୍ଚିଛି। ଏହି ନୂତନ ଶାଖା ରାଜ୍ୟରେ ବ୍ୟାଙ୍କର ମୋଟ ଶାଖା ସଂଖ୍ୟା ୬୨ରେ ପହଞ୍ଚାଇଛି। ବ୍ୟାଙ୍କ ରାଜ୍ୟରେ ଏହାର ଉପସ୍ଥିତି ଏବଂ ଗ୍ରାହକଙ୍କ ପହଞ୍ଚକୁ ଆହୁରି ସୁଦୃଢ଼ କରିବା ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଛି। ଏହି ନୂତନ ଶାଖା ଓଡିଶା ଡିଜେଲ ପ୍ରା. ଲିଃର ପରିଚାଳନା ନିର୍ଦ୍ଦେଶକ ଅଲି କିଶୋର ପଟ୍ଟନାଏକଙ୍କ ଦ୍ୱାରା ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଦିଲ୍ଲୀପ କୁମାର ରାଉଳ, ଉପ-ଅଞ୍ଚଳ ପ୍ରବନ୍ଧକ ସଞ୍ଜିବ କୁମାର ଦାଶ ଏବଂ ହୁମ୍ମା ଶାଖାର ଶାଖା ପ୍ରବନ୍ଧକ ଜି. ସାଇ ଶଙ୍କରଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ଶ୍ରୀ ପଟ୍ଟନାଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଦ୍ୱାରା ପ୍ରଦାନ କରାଯାଉଥିବା ବ୍ୟାଙ୍କିଙ୍ଗ୍ ସେବାର ପ୍ରଶଂସା କରିଥିଲେ ଏବଂ ହୁମ୍ମାର ଜନସାଧାରଣ ଏହି ସୁବିଧାଗୁଡିକର ଲାଭ ଉଠାଇବା ପାଇଁ ଅଗ୍ରସର ହେବା ଉଚିତ୍ ବୋଲି ସେ କହିଥିଲେ।



## ଗୃହ ଋଣ ସୁଧହାର କମାଇଲା ଏଲଆଇସି ହାଉସିଂ ଫାଇନାନ୍ସ

ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି): ଗୃହ ଋଣ ସୁଧ ହାରରେ ବଡ଼ ହ୍ରାସ କରିଛି ଏଲଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍। ନୂଆ ଗୃହ ଋଣ ପାଇଁ ପ୍ରାରମ୍ଭିକ ସୁଧ ହାରକୁ କମ୍ପାନୀ ୭.୧୫%କୁ ହ୍ରାସ କରିଛି। ଏହି ନୂଆ ସୁଧ ହାର ଭଲ କ୍ରେଡିଟ୍ ପ୍ରୋଫାଇଲ୍ (ସିବିଲ୍ ସ୍କୋର) ଥିବା ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେବ। ତେବେ ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଏଲଆଇସି ସୁଧ ହାର ଦେଶର ସର୍ବବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏସ୍‌ବିଆଇର ପ୍ରାରମ୍ଭିକ ସୁଧ ହାର ଠାରୁ ବି କମ୍ ରହିଛି। ଏସବିଆଇ ବର୍ତ୍ତମାନ ୭.୨୫% ପ୍ରାରମ୍ଭିକ ହାରରେ ଗୃହ ଋଣ ପ୍ରଦାନ କରୁଛି। ଏହି ନୂଆ ସୁଧ ହାର ଡିସେମ୍ବର ୧୫ ତାରିଖରୁ ଲାଗୁ ହୋଇଛି। ଏଲଆଇସିର ନୂଆ ସୁଧ ହାର ବଜାରରେ ଏକ ପ୍ରକାର ପ୍ରତିଯୋଗିତା ବୃଦ୍ଧି କରିଛି। ଏଲଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ ଅନୁଯାୟୀ,ନୂଆ ସୁଧ ହାର ସମ୍ପୂର୍ଣ୍ଣ ଭାବରେ ଋଣଗ୍ରହୀତାଙ୍କ ସିବିଲ୍ ଉପରେ ଆଧାରିତ ହେବ।

## ପିଏନ୍‌ବି ୨୪୦୦ କୋଟିର ଋଣ ଠକେଇର ପର୍ଦ୍ଦାଫାସ୍

ମୁମ୍ବଇ, ୨୬।୧୨(ଏଜେନ୍ସି): ନିରବ ମୋଦି ଏବଂ ମେହୁଲ ଚୋକ୍‌ସିଙ୍କ ଦ୍ୱାରା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ରେ ହୋଇଥିବା ମହାଠକେଇ ଘଟଣା ପରେ ଏବେ ବ୍ୟାଙ୍କରେ ଆଉ ଏକ ବଡ଼ ଠକେଇ ଘଟଣାର ପର୍ଦ୍ଦାଫାଶ ହୋଇଛି। ଏଥର ପିଏନ୍‌ବିରେ ୨୪୩୪ କୋଟିର ଋଣ ଠକେଇ ହୋଇଛି। ଏ ସମ୍ପର୍କରେ ବ୍ୟାଙ୍କ ପକ୍ଷରୁ ଷ୍ଟକ୍ ଏକ୍ସଚେଞ୍ଜକୁ ସୂଚନା ଦିଆଯାଇଛି। ଏହି ଘଟଣାରେ ଦୁଇଟି କମ୍ପାନୀ ପିଏନବିରୁ ଋଣ ନେଇଥିଲେ ଏବଂ ଟଙ୍କା ପରିଶୋଧ କରି ନ ଥିଲେ।

**ଷ୍ଟକ୍ ଏକ୍ସଚେଞ୍ଜକୁ ସୂଚନା ଦେଲା ବ୍ୟାଙ୍କ**

ଏହି ଋଣ ଠକେଇ ମାମଲାରେ ଦୁଇଟି କମ୍ପାନୀ ସାମିଲ ଅଛନ୍ତି। ଏସ୍‌ଆର୍‌ଇଆଇ ଇକ୍ୱିପମେଣ୍ଟ ଫାଇନାନ୍ସ (ଏସ୍‌ଇଏଫ୍‌ଏଲ୍) ଏବଂ ଏସ୍‌ଆର୍‌ଇଏଲ୍ ଇନଫ୍ରାଷ୍ଟ୍ରକ୍ଚର ଫାଇନାନ୍ସ (ଏସ୍‌ଆଇଏଫ୍‌ଏଲ୍)। ଏହି ଦୁଇଟି କମ୍ପାନୀ ପରସ୍ପର ସହିତ ଜଡିତ। ସ୍ରେଇ ଇକ୍ୱିପମେଣ୍ଟ ୧,୨୪୧ କୋଟି ଟଙ୍କାର ଠକେଇ କରିଛି, ଯେତେବେଳେ କି ସ୍ରେଇ ଇନଫ୍ରାଷ୍ଟ୍ରକ୍ଚର ୧,୧୯୩ କୋଟି ଟଙ୍କାର ଠକେଇ କରିଛି। ପିଏନବି ଷ୍ଟକ୍ ଏକ୍ସଚେଞ୍ଜକୁ ଦେଇଥିବା ସୂଚନାରେ କହିଛି ଯେ, ଏହା ଉଭୟ ଋଣର ବକେୟା ପରିମାଣ ପାଇଁ ବ୍ୟବସ୍ଥା କରିଛି। ବ୍ୟାଙ୍କ ଏହା ମଧ୍ୟ କହିଛି ଯେ ଏସ୍‌ଇଏଫ୍‌ଏଲ୍ ଏବଂ ଏସ୍‌ଆଇଏଫ୍‌ଏଲ୍ ଏନ୍‌ସିଏଲ୍‌ଟି ଅଧୀନରେ କର୍ପୋରେଟ୍ ଇନସଲଭେନ୍ସି ସମାଧାନ ପ୍ରକ୍ରିୟା ମାଧ୍ୟମରେ ସମାଧାନ କରାଯାଇଛି। ବ୍ୟାଙ୍କ ସେବି (ଲିଷ୍ଟିଂ ଦାୟିତ୍ୱ ଏବଂ ପ୍ରକାଶନ ଆବଶ୍ୟକତା) ନିୟମାବଳୀ, ୨୦୧୫ ର ନିୟମ ୩୦ ଅନୁଯାୟୀ ଏହି ପ୍ରକାଶ କରିଛି। ଡିସେମ୍ବର ୨୬ ତାରିଖରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ସେୟାର ୦.୫୬% ହ୍ରାସ ପାଇ ୧୨୦.୨୫ ଟଙ୍କା ରେ ବନ୍ଦ ହୋଇଥିଲା।

### ଭାରତ ବିଶ୍ୱର ତୃତୀୟ ବୃହତ୍ ତୈଳ ଖୁଚୁରା ବଜାର

# ପେଟ୍ରୋଲ ପମ୍ପ ସଂଖ୍ୟା ଲକ୍ଷେ ଟପିଲା

ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି): ଦେଶରେ ୧ ଲକ୍ଷରୁ ଅଧିକ ପେଟ୍ରୋଲ ପମ୍ପ ରହିଛି। ଏହି ରେକର୍ଡ ସହ ଭାରତ ଦୁନିଆର ତୃତୀୟ ସବୁଠୁ ବଡ଼ ତୈଳ ଖୁଚୁରା ବଜାର ହୋଇଛି। ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ୍ (ପିପିଏସି)ର ରିପୋର୍ଟ ଅନୁସାରେ ଚଳିତବର୍ଷ ନଭେମ୍ବର ଶେଷ ସୁଦ୍ଧା ଦେଶରେ ପେଟ୍ରୋଲ ପମ୍ପ ସଂଖ୍ୟା ୧, ୦୦, ୨୬୬ରେ ପହଞ୍ଚିଛି।

ସୂଚନା ଅନୁସାରେ, ଜାତୀୟ ରାଜପଥ ଏବଂ ଗ୍ରାମୀଣ ଅଞ୍ଚଳରେ ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ସରକାର ଏବଂ ଘରୋଇ କମ୍ପାନଗୁଡିକ ଗତ ଏକ ଦଶନ୍ଧିରେ ସେମାନଙ୍କର ନେଟଓ୍ୱର୍କକୁ ପ୍ରାୟ ଦୁଇଗୁଣା କରିଛନ୍ତି। ବର୍ତ୍ତମାନ ସବୁଠୁ ଅଧିକ ପେଟ୍ରୋଲ ପମ୍ପ ଥିବା ଦେଶଙ୍କ ମଧ୍ୟରେ ୧ ନମ୍ବରରେ ରହିଛି ଆମେରିକା। ତା' ପଛକୁ ରହିଛି ଚୀନ୍। ଆମେରିକାରେ ବର୍ତ୍ତମାନ ୨୦୨୪ର ଏକ ରିପୋର୍ଟ ଅନୁସାରେ ୧,୯୬, ୬୪୩ ପେଟ୍ରୋଲ ପମ୍ପ ରହିଥିଲା। ସେବେଠାରୁ କିଛି ପମ୍ପ ବନ୍ଦ ମଧ୍ୟ ହୋଇଛି। ସେହିଭଳି ଗତ ବର୍ଷର ଏକ ରିପୋର୍ଟ ଅନୁସାରେ ଚୀନ୍‌ରେ ପେଟ୍ରୋଲ ପମ୍ପ ସଂଖ୍ୟା ୧, ୧୫, ୨୨୮ ଥିଲା। ୩୦,୦୦୦ରୁ ଅଧିକ ପମ୍ପ ସହ ଚୀନ୍ କମ୍ପାନୀ ଚାଇନା ପେଟ୍ରୋକେମିକାଲ୍ସ କର୍ପୋରେସନ (ସିନୋପେକ) ସହ ସେଠିକାର ସବୁଠୁ ବଡ଼ ରିଟେଲର । ହେଲେ ଭାରତର ଆଇଓସିର ନେଟଓ୍ୱର୍କ (୪୧, ୬୬୪) ସିନୋପେକଠାରୁ ମଧ୍ୟ ଅଧିକ ବଡ଼। ଦେଶରେ ପେଟ୍ରୋଲ ପମ୍ପ ନେଟଓ୍ୱର୍କ ଖୁବ୍ ଦ୍ରୁତ ଭାବରେ ବଢୁଛି। ୨୦୧୫ରେ ଭାରତରେ ମୋଟ ୫୦, ୪୫୧ ପେଟ୍ରୋଲ ପମ୍ପ ଥିଲା, ଯାହା ଏବେ ୨୦୨୫ ଶେଷ ସୁଦ୍ଧା ବଢ଼ି ୧ ଲକ୍ଷରୁ ଅଧିକ ହୋଇଛି। ଏହି ବିସ୍ତାରରେ ସରକାରୀ କମ୍ପାନିଙ୍କ ସହ ଘରୋଇ କମ୍ପାନି ମଧ୍ୟ ନିଜର ଯୋଗଦାନ ବଢ଼ାଇଛନ୍ତି। ଘରୋଇ କମ୍ପାନିରଙ୍କ ମାର୍କେଟ ସେୟାର ୨୦୧୫ରେ କେବଳ ୫.୯% ଥିଲା। ଯାହା ଏବେ ବଢ଼ି ୯.୩% ହୋଇଛି।

### ଚୀନ୍‌ରୁ ଭାରତ ଆସିବ ରେୟାର ଆର୍ଥ ମ୍ୟାଗ୍‌ନେଟ୍

# ଭାରତୀୟ କମ୍ପାନୀଙ୍କୁ ଲାଇସେନ୍ସ ଦେଲା ଡ୍ରାଗନ୍

ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି): ଚୀନ୍ ଭାରତୀୟ କମ୍ପାନୀ ଏବଂ ଭାରତରେ କାର୍ଯ୍ୟରତ ବିଦେଶୀ କମ୍ପାନୀଗୁଡ଼ିକୁ ରେୟାର ଆର୍ଥ ମ୍ୟାଗ୍‌ନେଟ୍ (ଆର୍‌ଇଏମ୍‌ଏସ୍) ରପ୍ତାନି କରିବା ପାଇଁ ଲାଇସେନ୍ସ ପ୍ରଦାନ କରିବା ଆରମ୍ଭ କରିଛି। ସରକାରୀ ଅଧିକାରୀଙ୍କ କହିବାନୁଯାୟୀ, ଚୀନ୍‌ର ବାଣିଜ୍ୟ ମନ୍ତ୍ରଣାଳୟ ଏହି ଆବେଦନଗୁଡ଼ିକୁ ପ୍ରକ୍ରିୟାକରଣ ଏବଂ ଅନୁମୋଦନ କରିବା ଆରମ୍ଭ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ ଯୋଗାଣରେ ବାଧା କିଛି ସମୟ ଧରି ଭାରତୀୟ ଅଟୋମୋବାଇଲ୍ ଏବଂ ଇଲେକ୍ଟ୍ରୋନିକ୍ସ ଶିଳ୍ପରେ ଚିନ୍ତା ସୃଷ୍ଟି କରିଥିଲା, କିନ୍ତୁ ଏହା ଏବେ ଧୀରେ ଧୀରେ ଦୂର ହେବାରେ ଲାଗିଛି। ଲାଇସେନ୍ସ ପାଇଥିବା କମ୍ପାନୀଗୁଡ଼ିକ ମଧ୍ୟରେ ଜର୍ମାନ ଅଟୋ ଉପାଦାନ ନିର୍ମାତା କଣ୍ଟିନେଣ୍ଟାଲ ଏଜିର ଭାରତୀୟ ୟୁନିଟ୍ ଜୟ ଉଶିନ୍, ମହିନ୍ଦ୍ରା ଏବଂ ମାରୁତି ସୁଜୁକିର ବିକ୍ରେତା ଏବଂ ହୋଣ୍ଡା ସ୍କୁଟର ଏବଂ ମୋଟର ସାଇକେଲ ସାମିଲ୍।

ରେୟାର ଆର୍ଥ ମ୍ୟାଗ୍‌ନେଟ୍ ଅଟୋମୋବାଇଲ୍, ଇଲେକ୍ଟ୍ରୋନିକ୍ସ, ଚିକିତ୍ସା ଉପକରଣ ଏବଂ



ପ୍ରତିରକ୍ଷା ଶିଳ୍ପ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ଏଗୁଡ଼ିକ ବୈଦ୍ୟୁତିକ ଯାନ (ଇଭି) ଗୁଡ଼ିକରେ ସର୍ବାଧିକ ବ୍ୟବହୃତ ହୁଏ। ରେୟାର ଆର୍ଥ ମ୍ୟାଗ୍‌ନେଟ୍ ଉତ୍ପାଦନ ଏବଂ କ୍ଷମତା ଦୃଷ୍ଟିରୁ ଚୀନ୍ ବର୍ତ୍ତମାନ ବିଶ୍ୱରେ ସର୍ବାଗ୍ରେ। ଚୀନ୍ ଏପ୍ରିଲ ୪ରେ ଏହାର ରପ୍ତାନି ଉପରେ ନିଷେଧାଦେଶ ଲଗାଇଥିଲା, ଯାହା ବିଶ୍ୱ ଯୋଗାଣ ଶୃଙ୍ଖଳକୁ ପ୍ରଭାବିତ କରିଥିଲା। ବୈଦ୍ୟୁତିକ ଯାନରେ ମୁଖ୍ୟତଃ ରେୟାର ଆର୍ଥ ମ୍ୟାଗ୍‌ନେଟ୍ ସାମଗ୍ରୀ ବ୍ୟବହୃତ ହୁଏ। ନିଓଡିମିୟମ୍, ଡିସପ୍ରୋସିୟମ୍ ଏବଂ ଟେରବିୟମ୍ ଭଳି ଉପାଦାନରୁ ତିଆରି ଏହି ଚୁମ୍ବକଗୁଡ଼ିକ ମୋଟରଗୁଡ଼ିକୁ ଅନ୍ୟ ବିକଳ୍ପ ତୁଳନାରେ ଛୋଟ, ହାଲୁକା ଏବଂ ଅଧିକ ଦକ୍ଷ କରିଥାଏ, ଯାହା ଇଭିର ପରିସର ଏବଂ କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବା ପାଇଁ ଅତ୍ୟାବଶ୍ୟକ। ଏହା ବ୍ୟତୀତ, ଏହି ଧାତୁଗୁଡ଼ିକ ଇଭି ଏବଂ ଆସିଇ ଯାନରେ ବିଭିନ୍ନ ସିଷ୍ଟମରେ ସେନ୍ସରରୁ ପ୍ରଦର୍ଶନ ପର୍ଯ୍ୟନ୍ତ ବ୍ୟବହୃତ ହୁଏ। ରେୟାର ଆର୍ଥ ମ୍ୟାଗ୍‌ନେଟ୍‌ର ପ୍ରାୟ ୭୦% ଚୀନ୍‌ରେ ରହିଛି। ଆମେରିକା ସହିତ ବୃଦ୍ଧି ପାଉଥିବା ବାଣିଜ୍ୟ ଯୁଦ୍ଧ ମଧ୍ୟରେ ଚୀନ୍ ସମ୍ପ୍ରତି ୭ଟି ମୂଲ୍ୟବାନ ଧାତୁ ରପ୍ତାନି ନିଷେଧ କରିଛି। ଏହି ସାମଗ୍ରୀଗୁଡ଼ିକ ଅଟୋମୋବାଇଲ୍, ସେମିକଣ୍ଡକ୍ଟର ଏବଂ ଏରୋସ୍ପେସ୍ ଶିଳ୍ପ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।



## ଆଜିର ରାଶିଫଳ

**ମେଷ:** କୌଣସି କାମରେ ମନ ଲାଗିବ ନାହିଁ । ମନ ଖୁସି ରହିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ । ବ୍ୟବସାୟରୁ ଲାଭ ମିଳିବ ।

**ବୃଷ:** ଦିନଟି ମିଶ୍ର ଫଳ ପ୍ରଦାନ କରିବ । କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ । ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ ।

**ମିଥୁନ:** ଦିନଟି ଭଲରେ ଅତିବାହିତ ହେବ । ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ । ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ । ଶୁଭ ସମ୍ବାଦ ମିଳିବ ।

**କର୍କଟ:** ବିଦ୍ୟାର୍ଥୀଙ୍କ ପାଇଁ ଉତ୍ତମ ସମୟ । କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ । ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ । କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ ।

**ସିଂହ:** ଦାମ୍ପତ୍ୟ ଜୀବନ ଅନୁକୂଳ ରହିବ । କିଛି କ୍ଷେତ୍ରରେ ବାଧା ଉପୁଜିବ । କାଳୀ ମା'ଙ୍କ ପୂଜାର୍ଚ୍ଚନା କରନ୍ତୁ । ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ । ବରିଷ୍ଠ କର୍ମଚାରୀଙ୍କ ସହଯୋଗ ମିଳିବ ।

**କନ୍ୟା:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ । ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ ।

**ତୁଳା:** ଦୂରସ୍ଥାନକୁ ଯାତ୍ରା କରିବେ । ବ୍ୟବସାୟରୁ ଲାଭ ମିଳିବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ । ଋଣ ସମସ୍ୟା ଦୂର ହେବ ।

**ବିଛା:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ । କୋର୍ଟକଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ । ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ଧନୁ:** ଦିନଟି ଭଲରେ କଟିବ । ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ । ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ । ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ ।

**ମକର:** ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ । ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ । ଦିନଟିରେ ଖୁସି ରହିବେ । ବିବାହ ପ୍ରସ୍ତାବ ଆସିବ ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ । ସ୍ୱାସ୍ଥ୍ୟ ଭଲ ରହିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ପ୍ରେମ ଜୀବନରେ ତିକ୍ତତା ଦେଖା ଦେବ ।

**ମୀନ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ନିବେଶ ଲାଗି ଉତ୍ତମ ସମୟ । କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ । ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ ।

## ଆଜିର ଇତିହାସ


- ୧୭୯୭ - ଲୋକପ୍ରିୟ ସାୟର୍ ତଥା ଉର୍ଦ୍ଦୁ କବି ମିର୍ଜା ଗାଲିବଙ୍କ ଜନ୍ମ ।
- ୧୮୨୨- ରସାୟନବିତ୍ ଲୁଇ ପାଶ୍ଚରଙ୍କ ଜନ୍ମ ।
- ୧୯୩୯ - ତୁର୍କୀରେ ଭୂମିକମ୍ପ ଯୋଗୁଁ ୪୦ ହଜାର ଲୋକଙ୍କ ମୃତ୍ୟୁ ।
- ୧୯୪୫-ଅନ୍ତରାଷ୍ଟ୍ରୀୟ ମୁଦ୍ରା କୋଷ(ଆଇଏମ୍ଏଫ୍)ର ସ୍ଥାପନା ।
- ୧୯୭୯ - ସୋଭିଏତ୍ ସେନା ଆଫଗାନିସ୍ତାନ ଉପରେ ଆକ୍ରମଣ କଲା ।

# ଲିଫ୍ଟ ଭିତରେ କାଚ ଥାଏ କାହିଁକି



ଅଫିସ୍, ମଲ୍, ହସ୍ପିଟାଲ, ହୋଟେଲମାନଙ୍କରେ ଆଜିକାଲି ଲିଫ୍ଟ ବ୍ୟବସ୍ଥା ରହୁଛି । ଏହି ଲିଫ୍ଟଗୁଡ଼ିକ ଭିତରେ କାଚ ବା ମିରର୍ ଲାଗିଥାଏ । ଲିଫ୍ଟକୁ ଅଧିକ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ଏଥିରେ ମିରର୍ ଲାଗିଥାଏ ବୋଲି ଅନେକ ଭାବନ୍ତି । ପ୍ରକୃତରେ ଏହାପଛରେ ଅନେକ କାରଣ ଅଛି । ହ୍ୱିଲଚେୟାର୍ ବ୍ୟବହାର କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଲିଫ୍ଟ ଭିତରେ ପଛ ଆଡୁ ବାହାରିବା ବେଶ୍ ଆହ୍ୱାନପୂର୍ଣ୍ଣ ହୋଇଥାଏ । ଏପରି ଏକ ଛୋଟ କ୍ୟାବିନ୍‌ରେ ଜାଗା ବି ଖୁବ୍ କମ୍ ଥାଏ । ଏଭଳି ସ୍ଥିତିରେ ମିରର୍ ଖୁବ୍ ଆବଶ୍ୟକ ମନେହୁଏ । କାରଣ ମିରର୍‌ରେ କେବିନ୍ ଭିତର ସହ ବାହାରର ଦୃଶ୍ୟ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥାଏ । ଏହାଦ୍ୱାରା ଲିଫ୍ଟରୁ ବାହାରିବା ସହଜ ହୋଇଥାଏ । ଏହିପ୍ରକାରେ କାଚ ସୁରକ୍ଷିତ ଭାବେ ଯିବା ଆସିବାରେ ସାହାଯ୍ୟ କରେ । ଲିଫ୍ଟ ଭିତର ବନ୍ଦ ରହିବା ଓ ଛୋଟ ଜାଗା ହେତୁ ଅନେକ ଲୋକ ଏହା ଭିତରେ ରହି ବିଚଳିତ ହୋଇଥାନ୍ତି । କିଛି ଲୋକଙ୍କୁ ଏଭଳି ନିବୁଜ ସ୍ଥାନ ଭୟଭୀତ କରିଥାଏ । ଏଭଳି ସ୍ଥିତିରେ ମିରର୍ ଲାଗିଥିଲେ ଲିଫ୍ଟ ବଡ଼ ଦେଖାଯାଏ । ଯେତେବେଳେ ସ୍ଥାନ ବଡ଼ ଦେଖାଯାଏ, ଭୟ ଓ ବିଚଳିତ ହ୍ରାସ ପାଏ । ଏହି କାରଣ ଯୋଗୁଁ ଅଧିକାଂଶ ଲୋକ ମିରର୍ ଲାଗିଥିବା ଲିଫ୍ଟରେ ଯିବାକୁ ପସନ୍ଦ କରନ୍ତି । ଏହାବାଦ୍ ଲିଫ୍ଟରେ ଥିବା ମିରର୍ ହେଉଛି ଏକ ସୁରକ୍ଷା ଉପାୟ । ମିରର୍‌ରେ ଲିଫ୍ଟ ଭିତରର ପ୍ରତ୍ୟେକ କୋଣ ଦେଖାଯାଏ । ଏହାବାଦ୍ ପଛରେ କିଏ ଛିଡ଼ା ହୋଇଛି ନ ହୋଇଛି ଜଣାପଡ଼େ । ଯେତେବେଳେ ଲୋକେ ପରସ୍ପରକୁ ଦେଖିପାରନ୍ତି, ପରିବେଶ ଅଧିକ ସୁରକ୍ଷିତ ଓ ଭରସାଯୋଗ୍ୟ ହୋଇଥାଏ । କେହି କାହା ସହିତ ଧକ୍କା ମଧ୍ୟ ହୋଇ ନ ଥାନ୍ତି । ଅନ୍ୟପଟେ ଲିଫ୍ଟ ଭିତରେ ଯାତ୍ରା କିଛି ସେକେଣ୍ଡର ହୋଇଥାଏ । ତେଣୁ ଖାଲି ଲିଫ୍ଟର କାନ୍ଥକୁ ଦେଖିଲେ ଏଥିରେ ସମୟ ରହିଲା ଭଳି ଲାଗେ । ଏଭଳି ସ୍ଥଳେ ଲିଫ୍ଟର ଦର୍ପଣ ଏହି ବିରକ୍ତିକର ପରିସ୍ଥିତିକୁ ଦୂର କରେ । ସେହିପରି ଅନେକେ ଲିଫ୍ଟରେ ମିର୍‌ର ଲାଗିଥିବାରୁ ନିଜ ପୋଷାକ ଓ କେଶ ଆଦିକୁ ଦେଖି ସଜାଡ଼ି ପାରନ୍ତି ।

# 'ଡନ୍ ୩'ରୁ ଓହରିଲେ ରଣବୀର !



ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଅଭିନୀତ ଚଳଚ୍ଚିତ୍ର 'ଧୁରନ୍ଧର' ବକ୍ସ ଅଫିସ୍‌ରେ ଖୁବ୍ ଭଲ ପ୍ରଦର୍ଶନ କରିଛି । ଇତିମଧ୍ୟରେ ରଣବୀର, ଫରହାନ୍ ଅଖତର୍‌ଙ୍କ ଫିଲ୍ମ 'ଡନ୍ ୩'ର ଅଫର୍‌କୁ ପ୍ରତ୍ୟାଖ୍ୟାନ କରିଥିବା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି । ରଣବୀର ଏଥିରୁ ଓହରି ଯିବା ପରେ ଫରହାନ୍ ଏହି ଫିଲ୍ମକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦେଇଥିବା କୁହାଯାଉଛି । ଅବଶ୍ୟ ଏନେଇ ରଣବୀର କି ଫରହାନ୍‌ଙ୍କ ପକ୍ଷରୁ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ । ରଣବୀରଙ୍କ 'ଧୁରନ୍ଧର' ହିଟ୍ ହେବା ପରେ ସେ ଏବେ ସଞ୍ଜୟ ଲୀଲା ଭଁସାଲି, ଲୋକେଶ କନଗରାଜ ଓ ଏଟ୍‌ଲି ଭଳି ଆଗଧାଡ଼ିର ନିର୍ଦ୍ଦେଶକଙ୍କ ସହ କାମ କରିବାକୁ ଇଚ୍ଛା କରିଛନ୍ତି । ସେହିଭଳି ଲଗାତାର ସେ ଗ୍ୟାଙ୍ଗଷ୍ଟର୍ ଭୂମିକାରେ ଅଭିନୟ ନ କରି କିଛି ନୂଆ କରିବା ପାଇଁ ଇଚ୍ଛା କରିଛନ୍ତି । 'ଡନ୍ ୩'ରେ ରଣବୀରଙ୍କୁ ନୂଆ ଜେନେରେସନ୍‌ର ଡନ୍ ଭାବେ ଦେଖାଯାଇଥାନ୍ତା । ଏଥିରେ ରଣବୀରଙ୍କ ବିପକ୍ଷରେ କିଆରା ଆଡଭାନୀଙ୍କୁ ସାଇନ୍ କରାଯାଇଥିଲା । କିଆରା ଗର୍ଭବତୀ ଥିବାରୁ ସେ ଏଥିରୁ ଓହରି ଯାଇଥିଲେ । ଏହାପରେ ଏଥିରେ କ୍ରିତି ସାନନ୍‌ଙ୍କୁ ସାଇନ୍ କରାଯାଇଥିଲା । ସେହିଭଳି ଖଳନାୟକ ପାଇଁ ଫରହାନ୍, ବିଜୟ ଦେବରକୋଣ୍ଡା ଓ ବିକ୍ରାନ୍ତ ମେସିଙ୍କୁ ଅଫର୍ ଦେଇଥିଲେ । ଉଭୟ ଅଭିନେତା ସେମାନଙ୍କ ଭୂମିକାରେ ଗୁରୁତ୍ୱ ନ ଥିବା ଅନୁଭବ କରି ଏଥିରୁ ଦୂରେଇ ଯାଇଥିଲେ । ଏବେ ରଣବୀର ଏଥିରୁ ଓହରି ଯିବା ପରେ ଏବେ ଏହି ଫିଲ୍ମକୁ ନେଇ ଅନିଶ୍ଚିତତା ଦେଖା ଦେଇଛି ।

# ଝରଣାରେ ନିଆଁ

ସାଧାରଣତଃ ଝରଣାର ପାଣି ସ୍ୱଚ୍ଛ ଓ ନିର୍ମଳ ହୋଇଥାଏ । ହେଲେ ବିଶ୍ୱରେ ଏମିତି କିଛି ଝରଣା ରହିଛି ଯାହାର ରଙ୍ଗ ବଦଳିଥାଏ । କାଲିଫର୍ଣ୍ଣିଆର ହର୍ସଟେଲ୍ ଫଲ୍ ଏଭଳି ଏକ ଝରଣା । ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଏହି ଝରଣାର ପାଣିର ଧାର ଲାଲ୍ କମଳା ରଙ୍ଗ ହୋଇ ତଳକୁ ଖସିଥାଏ । ଆଗ୍ନେୟଗିରିର ଲାଭା ଯେଭଳି ତଳକୁ ଝରଣା ହୋଇ ଖସୁଛି ଏହା ସେଭଳି ଭ୍ରମ ସୃଷ୍ଟି କରିଥାଏ । ତେବେ ଏହି ଦୃଶ୍ୟ ଫେବୃଆରୀ ମାସର ଶେଷ ଦୁଇ ସପ୍ତାହରେ ଦେଖିବାକୁ ମିଳିଥାଏ । ଏହି ଦୃଶ୍ୟକୁ ଦେଖିବା ପାଇଁ ୟୋସେମାଇଟ୍ ଜାତୀୟ ଉଦ୍ୟାନରେ ଶହ ଶହ ପର୍ଯ୍ୟଟକ ଭିଡ଼ ଜମାଇଥାନ୍ତି । ଏହି ଝରଣା ୧୫୦୦ ଫୁଟ ଉଚ୍ଚରୁ ତଳକୁ ଖସିଥାଏ । ଏହାଏକ ଋତୁକାଳୀନ ଝରଣା । ୟୋସେମାଇଟ୍ ଘାଟିରେ ବରଫ ତରଳିବା ପରେ ଏହି ଝରଣାର ଜଳ ପ୍ରବାହିତ ହୋଇଥାଏ । ଫେବୃଆରୀ ମାସର ଶେଷ ଦୁଇ ସପ୍ତାହର ସଂଧ୍ୟା ସମୟରେ ଏହା ଆଗ୍ନେୟଗିରି ଭ୍ରମ ସୃଷ୍ଟି କରୁଥିବାରୁ ଏହାକୁ ଫାୟାରଫଲ୍ ମଧ୍ୟ କୁହାଯାଏ । ଏହି ପ୍ରାକୃତିକ ଦୃଶ୍ୟ ପ୍ରଥମେ ୧୯୭୩ ମସିହାରେ ଦେଖିବାକୁ ମିଳିଥିଲା । ତେବେ ଏଭଳି ଏକ ଦୃଶ୍ୟ ପାଇଁ ଠିକ୍ ସମୟରେ କିଛିଟା ଜିନିଷର ସଂଯୋଗ ହେବା ଜରୁରି । ଫେବୃଆରୀ ମାସ ମଧ୍ୟଭାଗରେ ଏଠାରେ ଠିକ୍ ସନ୍ଧ୍ୟା ସମୟରେ ଆଲୋକିତ ହୁଏ ଝରଣା । ସୂର୍ଯ୍ୟାସ୍ତ ସମୟରେ ଘୋଡା ଲାଞ୍ଜ ବା ହର୍ସଟେଲ ବୋଲାଉଥିବା ଝରଣାଟି ଏକ ରଙ୍ଗୀନ ରିବନ ପରି ଦେଖାଯାଏ । ଲାଗେ ଯେମିତି ଏହାର ଲାଞ୍ଜରେ କେହି ନିଆଁ ଲଗାଇ ଦେଇଛି । ଏହି ସମୟରେ ଝରଣାର ପାଣି ଆଗ୍ନେୟଗିରିରୁ ବାହାରିଥିବା ଲାଭା ଭଳି ଦେଖାଯାଇଥାଏ । ଏହି ଦୃଶ୍ୟ ଦେଖିବାକୁ ହେଲେ ସୂର୍ଯ୍ୟାସ୍ତ ସମୟରେ ପାଗ ନିର୍ମଳ ରହିବା ମଧ୍ୟ ଆବଶ୍ୟକ । ଏହାସହ ଝରଣାର ଜଳର ପ୍ରଭାବ ପ୍ରଖର ହେବା ଆବଶ୍ୟକ । ପ୍ରକୃତିର ଏଭଳି ଏକ ଆଶ୍ଚର୍ଯ୍ୟକୁ ଦେଖିବା ପାଇଁ ଏଠାରେ ସୂର୍ଯ୍ୟାସ୍ତ ସମୟରେ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଲାଗେ ।



## ପ୍ରହେଳିକା

- ଗୋଟେ ମାଳରେ ବାରଟି ଫୁଲ
  ଥାଏ ସଜେଇ ହୋଇ
  ପ୍ରତିଟି ଫୁଲ ଅଟେ ଜରୁରି
  ଅଟେ ଆମରି ପାଇଁ
  ବର୍ଷରେ ଥରେ ସେହି ମାଳର
  ବଦଳିଯାଏ ରୂପ
  ପ୍ରତିଟି ଫୁଲ ପାଖୁଡ଼ା ତା'ର
  ଛାଡ଼ଇ ସ୍ମୃତି ଛାପ ।

  ଉ-କ୍ୟାଲେଣ୍ଡର୍

- କି ସୁନ୍ଦର ଆହା ରଙ୍ଗ ବେରଙ୍ଗ
  କେଡ଼େ ଆଦରେ ଦିଅନ୍ତି ସାଙ୍ଗ
  କବିତା ହେଉ କି ହେଉ ସାଏରି
  ଲେଖି ଦେଉଥାନ୍ତି ସେଥିରେ ଭରି
  ବର୍ଷରେ ଥରୁଟେ ଚାହିଦା ତା'ର
  କେଉଁ ଦରବ ସେ ଏତେ ସୁନ୍ଦର ।

  ଉ-ଅଭିବାଦନ ପତ୍ର (ଗ୍ରୀଟିଙ୍ଗସ୍ କାର୍ଡ)

- କେତେ ନୂଆ ରୂପ ରଙ୍ଗକୁ ନେଇ
  ବର୍ଷରେ ଥରୁଟେ ଆସୁଛି ସେହି
  ବଦଳି ଯାଉଛି ମସିହାଟିଏ
  ନାମଟି ତାହାର କହିବ କିଏ ?

  ଉ-ନୂଆବରଷ

- ବର୍ଷରେ ଥରେ ଏମିତି ଦିନ
  ଧରାକୁ ଆମ ଆସେ
  ଦିନ ଓ ମାସ ସାଥିରେ ବର୍ଷ
  ସବୁ ନୂତନ ଦିଶେ ।
  ଡାଏରୀ ପୃଷ୍ଠା ବଦଳି ଯାଏ
  ବଦଳେ କ୍ୟାଲେଣ୍ଡର
  ଜାଣିଛ କିଏ ନାମଟି ତାର
  ଦିଅ ଥରେ ଉତ୍ତର ।

  ଉ-ଜାନୁଆରୀ ପହିଲା

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର ।
ମୋ-୮୩୧୦୩୨୮୩୪୫





## ବିଦାୟ ଘେନନ୍ତୁ ବିଦାୟୀ ବର୍ଷ



ନିରଞ୍ଜନ ସାହୁ

ପୁରୁଣା ବରଷ ସରୁଛି
ନୂଆ ଆଗମନ କରୁଛି
ପୁରୁଣା ବର୍ଷର ସ୍ମୃତି ଚିହ୍ନ ସବୁ
ମନ ମାନସରେ ଭରୁଛି ।
ଯିଏ ଏବେ ଚାଲି ଯାଉଛି
ବହୁତ କଷ୍ଟ ସେ ପାଉଛି
ଦିନ ଥିଲା ଦିନେ ଆସିଥିଲା ସିଏ
ଯାହା କଥା ବିଶ୍ୱ ଗାଉଛି ।
କେତେ ଆଶା ସ୍ୱପ୍ନ ଆଣିକି
ଆସିଥିଲା ସିଏ ଜାଣିକି
କଅଣ ଦେଇଛି କଅଣ ନେଇଛି
ଯାଉଛି ସେ ମୁହଁ ହାଣିକି ।
ଗୋଟିଏ ବରଷ ରହିଲା
କେତେ ନୂଆକଥା କହିଲା
କେତେ ସେ ସହିଲା କେତେ ସେ ଦହିଲା
କେତେ ନିନ୍ଦା ସିଏ ବହିଲା ।
ଇତିହାସ ସାକ୍ଷୀ ରହିବ
ଦିନେ ତାହା କଥା କହିବ
ଭଲ କରିଥିଲେ ସୁନାମ ମିଳିବ
ଖରାପେ ଦୁର୍ନାମ ବହିବ ।
ପୁରୁଣା ବିଦାୟ କରିବା
ତାହାରି ଦୋଷ ନ ଧରିବା
ଯା' ହେବାର ଥିଲା ତାହା ତ ହୋଇଲା
ମନରେ ଦୁଃଖ ନ ଭରିବା ।
ଆସିବ ନୂତନ ବରଷ
ମନରେ ଭରିବ ହରଷ
ମନର କାମନା ପୂରଣ କରିବ
ନୂଆ ବର୍ଷ ହେବ ସରସ ।
ହେ ବିଦାୟୀ ବର୍ଷ ! ଯାଆନ୍ତୁ
ସୁଖରେ ଶାନ୍ତିରେ ଥାଆନ୍ତୁ
ଯେଉଁଠାରେ ଯାଇ ରହିବେ ସେଠାରେ
ସଭିଙ୍କ ଶରଧା ପାଆନ୍ତୁ ।

ନିହଲ ପ୍ରସାଦ, ଢେଙ୍କାନାଳ
ମୋ-୯୯୩୮୭୪୧୫୮୩

## ସ୍ୱାଗତଂ ନବବର୍ଷ



ଗୋପୀନାଥ ଦାଶ

ପରିବର୍ତ୍ତନ ଅଟେ ପ୍ରକୃତି ନିୟମ
ପୁରୁଣା ଯାଇ ଆସେ ନୂଆ
ଗଡ଼ି ଚାଲିଥାଏ ସମୟ ଚକ ସେ
ଦେଖାଇ ନୂତନ ରାହା ।
ଚାଲିଯିବ ଦୁଇ ହଜାର ପଚିଶି
ହୋଇବ ସବୁ ଅତୀତ
ସ୍ୱାଗତମ୍ ଦୁଇହଜାର ଛବିଶି
ଆଣିବ ସୁନ୍ଦର ଭବିଷ୍ୟତ ।
ଧରାକୁ ଆସିବ ତାଜା ବରଷଟେ
ରହିବ ଆମ ସାଥିରେ
ତା ସାଙ୍ଗରେ ଆମେ ବଢ଼ିବା ଆଗକୁ
କର୍ମ କରି ଉଲ୍ଲାସରେ ।
ନୂଆ ବରଷର ନୂତନ ପଞ୍ଜିକାଟି
ସଜେଇ ହେବ ଘରେ
ନବବର୍ଷର ଶୁଭେଚ୍ଛା ବାର୍ତ୍ତା
ଦିଆନିଆ ଆନନ୍ଦରେ ।
ସଭିଙ୍କ ମନରେ ଉତ୍କଣ୍ଠା ଭରିଛି
ଆସୁଛି ନବୀନ ବରଷ
ଗାଁଠୁ ସହର ଝଲସି ଉଠୁଛି
ସଭିଙ୍କ ମନରେ ହରଷ ।
ଆସରେ ପିଲାଏ ମିଳିମିଶି ସର୍ବେ
ପାଳିବା ନୂଆ ବରଷ
ଏକତା ବନ୍ଧନେ ବାନ୍ଧି ହୋଇ ଆମେ
ଗଢ଼ିବା ବିକଶିତ ଦେଶ ।

ବରପାଲିପଡ଼ା, ବଲାଙ୍ଗିର
ମୋ-୬୩୭୧୮୦୫୦୭୦




## ମନ ବଦଳିଲା





ସତ୍ୟନାରାୟଣ ପ୍ରଧାନ

ଆଗାମୀ ନୂଆବର୍ଷ ଉପଲକ୍ଷେ ସୋନୁ ତା' ସାଙ୍ଗମାନଙ୍କ ସହିତ ମିଶି ବଣଭୋଜିର ଆୟୋଜନ କରିଥିଲା । ପନିପରିବା ଆଉ ସଉଦା କିଣା ସରିଲା ଖାସି ମାଂସ ଲାଗି ଦୋକାନୀକୁ ଅଗ୍ରୀମ ଟଙ୍କା ମଧ୍ୟ ଦିଆ ସରିଥିଲା । ପର୍ଯ୍ୟାୟକ୍ରମେ ରୋଷେଇ ସରି ଯାଇଥିଲା ଦୋକାନୀର ଲୋକ ଜଣଙ୍କ ଦୀର୍ଘ ଘଣ୍ଟାଏ କାଳ ବିତି ଯାଇଥିଲେ ବି ମାଂସ ଦେବାରେ ବିଳମ୍ବ ହେବାରୁ ରାଗରେ ତା ପାଖକୁ ବିରକ୍ତ ହୋଇ ଧାଇଁ ଯାଇଥିଲେ । ସେ ଗାଁ ଲୋକ ହୋଇଥିବାରୁ ତା' ପାଖରେ ସେମାନେ ହାଜର ହୋଇଗଲେ । ଅନ୍ୟ ଦିନମାନଙ୍କ ଅପେକ୍ଷା ଗରାଖ ବେଶି ଥିବାରୁ ଶୀଘ୍ର ବିକ୍ରି ସରି ଯାଇଥିଲା । ଲୋକଟି ଦୋକାନ ବନ୍ଦ କରି ସିଧା ଘରକୁ ଯାଇ ମୁଣ୍ଡ ତଳକୁ କରି ବସିଥାଏ । ଆଖିରେ ତାର ଲୁହ ଟୋପାଗୁଡ଼ାକ ମାଟିରେ ଝରି ପଡୁଥିଲା । ସମସ୍ତେ ତାକୁ ଦେଖି ଆଶ୍ଚର୍ଯ୍ୟ, ଏପରି ବେପାର ନ କରି ଖାଲି ବସିବାର କାରଣ କିଛି ଜାଣିବାଟା ମୁସ୍କିଲ । ସେ ଘର ଭିତରକୁ ହାତ ହଲାଇ କିଛି ବୋଧେ ଦେଖିବାକୁ ସଙ୍କେତ କରୁଥିଲା । ଘର ଭିତର ଦୃଶ୍ୟ ଦେଖିଲା ପରେ ଆଖି ପିଛୁଳାକେ ସମସ୍ତେ ବାହାରକୁ ଚାଲି ଆସିଲେ । ଛୋଟ ପିଲା ଭଳି ଛେଳି ଛୁଆଟା ତା' ସ୍ତ୍ରୀ ହାତରୁ ପଖାଳ ଭାତ ମେଁ ମେଁ କରି ଖାଇ ଦେଉଥିଲେ । ଭଗବାନ ସେମାନଙ୍କୁ ଛୁଆଟିଏ ପାଇଁ ଲାଗି ଯେତେ ଡାକିଲେ ବି କୋଳ ଖାଲି ଥିଲା । ଦୋକାନୀ ପିଲାମାନଙ୍କୁ ଟିକେ ଅପେକ୍ଷା କର ବଇନା ନେଇଛି ମାନେ ନିଜର ପୋଷା ଛେଳି ହେଉ ନା କାହିଁକି ଦେବାକୁ ପଛାଇବି ନାହିଁ କହୁଥିଲା । ସେ ଛେଳି ଛୁଆଟିକୁ ବାହାରକୁ ଆଣି ପିଲାଙ୍କ ହାତରେ ଧରାଇ ଦେଲାବେଳେ ଦୁହେଁ ତାକୁ ଧରି ଭୋ ଭୋ କରି କାନ୍ଦୁଥିଲେ । ସୋନୁ ମନରେ କେଜାଣି କାହିଁକି ସେ ଦୁହିଁଙ୍କ ପ୍ରତି ଭାବନା ବଦଳି ଯାଇଥିଲା । ମଣିଷ ଆଉ ପଶୁ ଭିତରେ ଥିବା ସ୍ନେହ ବନ୍ଧନର ଡୋରକୁ ଛିଣ୍ଡାଇ ସାଙ୍ଗରେ ନେଇଯିବା ଭଲ ନୁହେଁ ଜାଣି ପାରିଲା । ଦୁନିଆରେ ମଣିଷଠାରୁ ପଶୁ ପକ୍ଷୀମାନେ ବେଶି ନିଜର ଆଉ ବଞ୍ଚିଥିବା ଯାଏ ସେମାନେ କେବେ ପାଖ ଛାଡ଼ି ଯାଆନ୍ତି ନାହିଁ ହୃଦୟଙ୍ଗମ କରୁଥିଲା । ସୋନୁ ଏଭଳି ପରିସ୍ଥିତିରେ ସାଙ୍ଗମାନଙ୍କୁ ସେଠାରୁ ଯିବା ପାଇଁ ଡାକି ଆଣିଲା । ଦୋକାନୀ ଜଣଙ୍କ ପାଖରେ ରଖିଥିବା ଅଗ୍ରୀମ ଟଙ୍କା ସୋନୁ ହାତକୁ ବଢ଼ାଇ ଖୁସି ମନରେ ଘର ଭିତରକୁ ଚାଲିଗଲେ ।

ଜେନାପୁର, ଯାଜପୁର
ମୋ - ୯୧୭୮୩୧୩୬୪


## ତୁଳି ଆଙ୍କିଲା ଫୁଲ













**ଦିବ୍ୟାଂଶ ମହାପାତ୍ର**
ୟୁକେଜି
କିଡ୍‌ଜି ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



**ଲକ୍ଷ୍ମୀପ୍ରିୟା ଦାଶ**
ତୃତୀୟ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ ୬
ଭୁବନେଶ୍ୱର



**ନବ୍ୟା**
ନବମ ଶ୍ରେଣୀ
ଡିପିଏସ୍
କାଟ୍ରା, ଜମ୍ମୁ କାଶ୍ମୀର



**ସ୍ୱାତିକା ମହାପାତ୍ର**
ୟୁକେଜି
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର

**ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ**

# ଓଡ଼ିଶାର ପ୍ରଥମ ବିଜୟ

ଭୁବନେଶ୍ୱର,୨୬।୧୨(ସମିସ)

ବେଙ୍ଗାଲୁରୁର ଅଲୁରଠାରେ ଚାଲିଥିବା ବିଜୟ ହଜାରେ ଟ୍ରଫିର ଓଡ଼ିଶା ଦଳ ଚଳିତବର୍ଷ ପ୍ରଥମ ବିଜୟ ହାସଲ କରିଛି। ଫାଷ୍ଟ ବୋଲର ରାଜେଶ ମହାନ୍ତି ରାଜ୍ୟର ପ୍ରଥମ ବୋଲର ଭାବେ ହ୍ୟାଟ୍ରିକ୍ ସହ ୪ଟି ଓ ସମ୍ବିତ ବରାଳ ମଧ୍ୟ ୪ଟି ୱିକେଟ ନେବା ଫଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ଲୋ ସ୍କୋରିଂ ମ୍ୟାଚ୍‌ରେ ଓଡ଼ିଶା ୪ ୱିକେଟରେ ସର୍ଭିସେସ୍‌କୁ ପରାସ୍ତ କରିଛି। ଏଠାରେ ପ୍ରଥମେ ବ୍ୟାଟିଂ କରି ସର୍ଭିସେସ୍ ୨୧.୫ ଓଭରରେ ୮୩ ରନ୍ କରିଥିଲା। ଜବାବରେ

- **ହ୍ୟାଟ୍ରିକ୍ ନେବାରେ ରାଜେଶ ପ୍ରଥମ ଓଡ଼ିଆ**
- **ସମାନ ସ୍କୋରରେ ସର୍ଭିସେସ୍ ହରାଇଲା ପ୍ରଥମ ୪ ୱିକେଟ**

ଓଡ଼ିଶା ୨୪.୩ ଓଭରରେ ୬ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଓଡ଼ିଶାର ପ୍ରଥମ ହ୍ୟାଟ୍ରିକ୍ ବୋଲର ହୋଇ ୨୫ ରନ୍‌ରେ ୪ଟି ୱିକେଟ ନେବା ଓ ଗୋଟିଏ ଛକା ସହ ୧୨ ରନ୍ କରିଥିବା ରାଜେଶ ଏହି ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପ୍ରଥମ ମ୍ୟାଚରେ ସୌରାଷ୍ଟ୍ର ନିକଟରୁ ୫ ୱିକେଟରେ ହାରିଥିବା ଓଡ଼ିଶା ତାହାର ତୃତୀୟ ମ୍ୟାଚ୍ ଆନ୍ଧ୍ରପ୍ରଦେଶ ସହ ସୋମବାର ଖେଳିବ।

ଅଲୁରଠାରେ ଥିବା କର୍ଣ୍ଣାଟକ ରାଜ୍ୟ କ୍ରିକେଟ ସଂଘ


ରାଜେଶ ମହାନ୍ତି


ସମ୍ବିତ ବରାଳ

ଗ୍ରାଉଣ୍ଡ-୩'ରେ ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଓଡ଼ିଶା ଦଳ ଟସ୍ ଜିତିବା ପରେ ଘାସ ଥିବା ପିଚ୍‌ରେ ସର୍ଭିସେସ୍‌କୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। ସର୍ଭିସେସ୍ ପ୍ରଥମେ ବ୍ୟାଟିଂ କରି ୬ ଓଭର ଶେଷ ଯାଏ କୌଣସି ୱିକେଟ ନ ହରାଇ ୨୧ ରନ୍ କରିଥିଲା। କିନ୍ତୁ ବୋଲିଂ ଓପନ କରିଥିବା ରାଜସୁନାଖଳାର ୨୫ ବର୍ଷୀୟ ଡାହାଣହାତୀ ଫାଷ୍ଟ ବୋଲର ରାଜେଶ ମହାନ୍ତି ସପ୍ତମ ଓଭରରେ ଖେଳର ମୋଡ ବଦଳାଇ ଦେଇଥିଲେ। ସେ ଏହି ଓଭରର ପ୍ରଥମ ୩ଟି ବଲ୍‌ରେ ୩ଟି ୱିକେଟ ନେଇ ଓଡ଼ିଶାର ପ୍ରଥମ ହ୍ୟାଟ୍ରିକ୍ ବୋଲର ହୋଇଥିଲେ। ୨୧ ରନ୍‌ରେ ସର୍ଭିସେସ ପ୍ରଥମ ୩ଟି ୱିକେଟ ହରାଇଥିଲା। ସର୍ଭିସେସ୍ ଇନିଂସରେ ୭ମ ଓଭରର ପ୍ରଥମ ବଲ୍‌ରେ ସାଗର ଦହିଆ (୯)ଙ୍କୁ ବୋଲ୍ଡ, ଦ୍ୱିତୀୟ ବଲ୍‌ରେ ଅମିତ ଶୁକ୍ଲା (୦) ଓ ତୃତୀୟ ବଲ୍‌ରେ ରବି ଚୋହାନ(୦)ଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ କରିଥିଲେ। ଏତିକିରେ ଦଳର ବିପଦ ଟଳି ନ ଥିଲା। ୮ମ ଓଭରର ଦ୍ୱିତୀୟ ବଲ୍‌ରେ ସମ୍ବିତ ବରାଳ ପ୍ରତିପକ୍ଷ ଓପନର ନୀତୀନ ତନୱର (୧୧)ଙ୍କୁ ବୋଲ୍ଡଆଉଟ କରିଦେଇଥିଲେ। ଦଳ ଏକଦା ବିନା ୱିକେଟରେ ୨୧ ରନ୍ କରିଥିଲାବେଳେ ୪ ୱିକେଟରେ ୨୧ ରନ୍‌ରେ ପହଞ୍ଚିଥିଲା। ପରେ ସେ ମୋହିତ ଅହଲାୱତ (୭) ଓ ୱିକେଟ ରକ୍ଷକ ନକୁଳ ଶର୍ମା (୦)ଙ୍କୁ ପାଭିଲିଅନ ଫେରାଇଦେଇଥିଲେ। ଅଧିନାୟକ ରଜତ ପାଲିୱାଲ (୨) ସମ୍ବିତଙ୍କର ଚତୁର୍ଥ ଶିକାର ବନିଥିଲେ। ଫଳରେ ୧୨ ଓଭର ସୁଦ୍ଧା ସର୍ଭିସେସ୍ ୩୫ ରନ୍‌ରେ ୭ ୱିକେଟ ହରାଇ ଇନିଂସରେ ଅର୍ଦ୍ଧଶତକ ପୂରଣ କରିବା କଷ୍ଟକର ମନେହୋଇଥିଲା। ଏହି ସମୟରେ ଗୋଟିଏ ପଟେ ଅର୍ଜୁନ ଶର୍ମା ଖୁଣ୍ଟ ଭଳି ଛିଡ଼ା ହୋଇଥିଲାବେଳେ ଅନ୍ୟପଟେ ପୁନମ ପୁନିଆ ୧୮ ବଲ୍‌ରୁ ୨ ଚୌକା ଓ ୨ ଛକା ସହ ଦ୍ରୁତ ୨୫ ରନ୍ କରିଥିଲେ। ଫଳରେ ଦଳ ୮୩ ରନ୍ କରିବାକୁ ସମର୍ଥ ହୋଇଥିଲା। ସର୍ଭିସେସ୍ ପକ୍ଷରୁ ୩ଜଣ ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ ଅର୍ଜୁନ ୧୩ ରନ କରି ଶେଷ ଯାଏ ଅପରାଜିତ ରହିଥିଲେ। ଓଡ଼ିଶା ପକ୍ଷରୁ ରାଜେଶ ଓ ସମ୍ବିତଙ୍କୁ ୪ଟି ଲେଖାଏଁ ୱିକେଟ ମିଳିଥିଲା। ବାଦଲ ବିଶ୍ୱାଳ ଗୋଟିଏ ୱିକେଟ ପାଇଥିଲାବେଳେ ନୀତୀନ ଯାଦବ ରନ୍‌ଆଉଟ ହୋଇଥିଲେ।

ଏଭଳି ପିଚ୍‌ରେ ୮୪ ରନ୍‌ର ଟାର୍ଗେଟ ହାସଲ କରିବା ଓଡ଼ିଶା ଲାଗି ଏତେ ସହଜ ନ ଥିଲା। ଏହି ଟାର୍ଗେଟକୁ ପିଛା କରି ବ୍ୟାଟିଂ କରିବା ପରେ ଦଳ ପ୍ରଥମ ଦୁଇ ଓଭରରେ ଦୁଇ ଓପନରଙ୍କୁ ହରାଇଥିଲା। ସୌରାଷ୍ଟ୍ର ବିପକ୍ଷରେ ଦ୍ୱିଶତକ ହାସଲ କରିଥିବା ସ୍ୱସ୍ତିକ ୦ ଓ ଓମ୍ ଟି ମୁଣ୍ଡେ ୧ ରନ୍ କରିଥିଲେ। ତୃତୀୟ ୱିକେଟରେ ସନ୍ଦୀପ ପଟ୍ଟନାୟକ ଦଳର ସିନିଅର ବ୍ୟାଟର ଗୋବିନ୍ଦ ପୋଦ୍ଦାରଙ୍କ ସହ ୩୭ ରନ୍ ଉଠାଇ ଦଳକୁ ବିଜୟମୁଖେ ନେଇଯାଇଥିଲେ। ୩୨ ବଲ୍‌ରେ ଧୈର୍ଯ୍ୟପୂର୍ଣ୍ଣ ୧୧ ରନ୍ କରି ଗୋବିନ୍ଦ ଆଉଟ ହେବା ସମୟରେ ଓଡ଼ିଶା ୧୫ ରନ୍‌ରେ ଆଉ ୩ଟି ୱିକେଟ ହରାଇଥିଲା। ୫୫ ରନ୍‌ରେ ୫ମ ୱିକେଟ ପଡ଼ିବା ପରେ ଗୋଟିଏ ପଟେ ଦୃଢ଼ତାର ସହ ଖେଳୁଥିବା ସନ୍ଦୀପ ପଟ୍ଟନାୟକ ଓ ରାଜେଶ ମହାନ୍ତି ୬ଷ୍ଠ ୱିକେଟର ଦ୍ରୁତ ୧୮ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ଅଲରାଉଣ୍ଡର ରାଜେଶ ୧୩ ବଲ୍‌ରୁ ଗୋଟିଏ ଛକା ସହ ୧୨ ରନ୍‌ରେ ଆଉଟ ହୋଇ ସର୍ଭିସେସ୍ ବାମହାତୀ ଫାଷ୍ଟ ବୋଲର ପୁନମ ପୁନିଆଙ୍କ ଚତୁର୍ଥ ଶିକାର ବନିଥିଲେ। ଏହା ପରେ ସନ୍ଦୀପ ଓ ପ୍ରୟାସ ସିଂ ଠାକୁର ଆଉ କୌଣସି କ୍ଷତି ହେବାକୁ ନ ଦେଇ ଓଡ଼ିଶାକୁ ବିଜୟୀ କରାଇଥିଲେ। ସନ୍ଦୀପ ମାରାଥନ ୬୯ ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ସହ ସର୍ବାଧିକ ୩୨ ଓ ପ୍ରୟାସ ୮ ବଲ୍‌ରେ ୯ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ସର୍ଭିସେସ ପକ୍ଷରୁ ପୁନମ ପୁନିଆ ୪ଟି ଓ ନୀତୀନ ଯାଦବ ୨ଟି ୱିକେଟ ପାଇଥିଲେ।

**ରେଣୁକାଙ୍କୁ ୪ ୱିକେଟ, ଶେଫାଳିଙ୍କ ୭୯*ରନ୍**

# ଭାରତର ଟି-୨୦ ସିରିଜ୍ କବ୍‌ଜା

ତିରୁଅନନ୍ତପୁରମ୍,୨୬।୧୨(ଏଜେନ୍ସି): ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ରେଣୁକା ସିଂ ଠାକୁର (୪/୨୧) ଓ ଦୀପ୍ତି ଶର୍ମା (୩/୧୮)ଙ୍କ ଚମତ୍କାର ବୋଲିଂ ଏବଂ ଶେଫାଳି ବର୍ମାଙ୍କ ଅପରାଜିତ ୭୯ ରନ୍ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ତୃତୀୟ ମହିଳା ଟି-୨୦ରେ ଭାରତ ୮ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହା ଫଳରେ ଚଳିତ ୫ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଆଉ ୨ଟି ମ୍ୟାଚ୍ ବାକିଥାଇ ଭାରତ ୩-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ଆଗୁଆ ସିରିଜ୍ ଜିତିନେଇଛି। ସିରିଜ୍‌ର ପରବର୍ତ୍ତୀ ଦୁଇଟି ମ୍ୟାଚ୍ ଏଠାରେ ଯଥାକ୍ରମେ ଡିସେମ୍ବର ୨୮ ଓ ୩୦ରେ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଭାରତୀୟ ବୋଲରଙ୍କ ଉଚିତ ମୁକାବିଲା କରି ନ ପାରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୧୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଇମେଶ ଦୁଲାନି ସର୍ବାଧିକ ୨୭ ହାସିନୀ ପରେରା ୨୫, କାଭିଶା ଦିଲହରୀ ୨୦ ଓ ୱିକେଟରକ୍ଷକ କୌସନି ନୁଥ୍ୟାଙ୍ଗନା ଅପରାଜିତ ୧୯ ରନ୍ କରିଥିଲେ। ଜବାବରେ ଭାରତ ୧୩.୨ ଓଭରରେ ସ୍ମୃତି ମନ୍ଧାନା (୧) ଓ ଜେମିମା ରୋଡ୍ରିଗ୍ସେଜ୍ (୯)ଙ୍କ ୱିକେଟ ହରାଇ ମ୍ୟାଚ୍ ଜିତିନେଇଥିଲା। ଶେଫାଳି ୪୨ ବଲ୍‌ରୁ ୧୧ ଚୌକା ଓ ୩ ଛକା ସହାୟତାରେ ୭୯ ରନ୍ କରି ଅପରାଜିତ ରହିଥିଲେ। ଅଧିନାୟିକା ହରମନପ୍ରୀତ୍ କୌର ୨୧ ରନ୍‌ରେ ବ୍ୟାଟିଂ କରୁଥିଲେ।



**ଲିଷ୍ଟ-ଏ'ରେ ସର୍ବୋଚ୍ଚ ଆଭରେଜ**

# ବିରାଟଙ୍କ ବିଶ୍ୱରେକର୍ଡ

ବେଙ୍ଗାଲୁରୁ, ୨୬।୧୨ (ଏଜେନ୍ସି): ଫର୍ମରେ ଥିବା ତାରକା ବ୍ୟାଟର୍ ବିରାଟ କୋହଲି ଚଳିତ ବିଜୟ ହଜାରେ ଟ୍ରଫିରେ କ୍ରମାଗତ ଦ୍ୱିତୀୟ ଶତକ ହାସଲରୁ ବଞ୍ଚିତ ହୋଇଛନ୍ତି। ଶୁକ୍ରବାର ଦ୍ୱିତୀୟ ରାଉଣ୍ଡର ଏକ ମ୍ୟାଚରେ ଦିଲ୍ଲୀ ୭ ରନରେ ଗୁଜରାଟକୁ ପରାସ୍ତ କରିଥିଲା। ୬୧ ବଲରେ ୭୭ ରନ କରିଥିବା କୋହଲି ମ୍ୟାଚର ଶ୍ରେଷ୍ଠ ଖେଳାଳି ବାବଦକୁ ୧୦ ହଜାର ଟଙ୍କା ପୁରସ୍କାର ପାଇଥିଲେ। ଦୁଇଦିନ ତଳେ ଆନ୍ଧ୍ରପ୍ରଦେଶ ବିପକ୍ଷରେ କୋହଲି ୧୩୧ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଏଥିସହ କୋହଲି ଆଉ ଏକ ବିଶ୍ୱରେକର୍ଡ ତାଙ୍କ ଜ୍ୱାଜ୍ୱଲ୍ୟମାନ କ୍ୟାରିୟରରେ ଯୋଡ଼ିଛନ୍ତି। ଲିଷ୍ଟ-ଏ କ୍ରିକେଟ୍‌ରେ ବିଶ୍ୱରେ ସର୍ବୋଚ୍ଚ ଆଭରେଜ ଥିବା ବ୍ୟାଟର୍ ହୋଇଛନ୍ତି କୋହଲି। କୋହଲି ବର୍ତ୍ତମାନ ଲିଷ୍ଟ-ଏ'ରେ ୩୪୩ଟି ମ୍ୟାଚ୍ ଖେଳି ୧୬,୧୩୦ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୫୮ଟି ଶତକ ଓ ୮୪ଟି ଅର୍ଦ୍ଧଶତକ ସାମିଲ ରହିଛି। ମ୍ୟାଚ୍ ପିଛା ତାଙ୍କ ଆଭରେଜ ୫୭.୮୭ ରହିଛି। କୋହଲି ଏହିକ୍ରମରେ ଅଷ୍ଟ୍ରେଲିଆ କିମ୍ବଦନ୍ତୀ ମାଇକେଲ ବେଭାନଙ୍କୁ ପଛରେ ପକାଇଛନ୍ତି। ଲିଷ୍ଟ-ଏ'ରେ ବେଭାନଙ୍କ ଆଭରେଜ ୫୭.୮୬ ରହିଛି।

## ତନ୍ୱୀଙ୍କୁ ପ୍ରଶଂସାରେ ପୋତିଲେ ସିନ୍ଧୁ

ଭୁବନେଶ୍ୱର, ୨୬।୧୨ (ସମିସ): ବିଜୟୱାଡାରେ ଚାଲିଥିବା ଜାତୀୟ ସିନିଅର ବ୍ୟାଡ୍‌ମିଣ୍ଟନରେ ଓଡ଼ିଶାର ଯୁବ ତାରକା ତନ୍ୱୀ ପତ୍ରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚରେ ତନ୍ୱୀ ୨୧-୧୬, ୧୨-୨୧, ୨୨-୨୦ ଗେମରେ ଅଭିଜ୍ଞ ଖେଳାଳି ଆକର୍ଷୀ କାଶ୍ୟପଙ୍କୁ ପରାସ୍ତ କରିଥିଲେ। ୨୪ ବର୍ଷୀୟା ଆକର୍ଷୀ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟା ରହିଥିଲେ। ୧୪ ବର୍ଷୀୟ ଓଡ଼ିଆ ସଟ୍‌ଲର ତନ୍ୱୀଙ୍କ ଏହି ପ୍ରଦର୍ଶନରେ ବେଶ୍ ପ୍ରଭାବିତ ହୋଇଛନ୍ତି ଦୁଇଥରର ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ। ସୋସିଆଲ୍ ମିଡିଆରେ ଏକ ପୋଷ୍ଟ କରି ସିନ୍ଧୁ ଲେଖିଛନ୍ତି, 'ତନ୍ୱୀ ପତ୍ରି... ଆମେ କ'ଣ ଆମ ସାମ୍ନାରେ ଭାରତୀୟ ବ୍ୟାଡ୍‌ମିଣ୍ଟନର ଭବିଷ୍ୟତର ଚେହେରାକୁ ଉଠିବାର ଦେଖୁଛୁ। ସେ ବେଙ୍ଗାଲୁରୁରେ ମୋ ସହ ଟ୍ରେନିଂ ନେଉଛନ୍ତି। ମୁଁ ସବୁବେଳେ ତାଙ୍କ ଖେଳ ଦେଖିବାକୁ ଭଲ ପାଏ। ହୁଏତ ମୁଁ ତାଙ୍କ ଭିତରରେ ମୋତେ ଦେଖୁଛି।' ତନ୍ୱୀ ଗତକାଲି ପ୍ରି-କ୍ୱାର୍ଟରରେ ଇଶାରାଣୀ ବରୁଆଙ୍କୁ ହରାଇଥିଲେ।



**ଆସେସ୍ ସିରିଜ୍: ଗୋଟିଏ ଦିନରେ ୨୦ଟି ୱିକେଟ ପତନ**

# ଅଷ୍ଟ୍ରେଲିଆ-୧୫୨, ଇଂଲଣ୍ଡ-୧୧୦

ମେଲବୋର୍ଣ୍ଣ,୨୬।୧୨(ଏଜେନ୍ସି): ଅଷ୍ଟ୍ରେଲିଆ-ଇଂଲଣ୍ଡ ଚତୁର୍ଥ ଆସେସ ଟେଷ୍ଟରେ ଫାଷ୍ଟ ବୋଲରଙ୍କ ରାଜୁତି ଦେଖିବାକୁ ମିଳିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୫୨ ଓ ଇଂଲଣ୍ଡ ୧୧୦ ରନ୍‌ରେ ଅଲଆଉଟ ହୋଇଛି। ଏହା ଫଳରେ ଗୋଟିଏ ଦିନରେ ମୋଟ ୭୫.୧ ଓଭରରେ ୨୦ଟି ୱିକେଟର ପତନ ଘଟିଛି। ଟେଷ୍ଟ କ୍ରିକେଟ ଇତିହାସରେ ଗୋଟିଏ ଦିନରେ ସର୍ବାଧିକ ୱିକେଟ ପତନରେ ଏହା ଯୁଗ୍ମ ତୃତୀୟ ସ୍ଥାନରେ ରହିଛି। ପୂର୍ବରୁ ୧୯୦୧-୦୨ ଆସେସ୍ ସିରିଜ୍‌ର ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ଗୋଟିଏ ଦିନରେ ସର୍ବାଧିକ ୨୫ଟି ୱିକେଟର ପତନ ହୋଇଥିଲା। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଉସ୍‌ମାନ ଖୱାଜା (୨୯) ଓ ଆଲେକ୍ସ କ୍ୟାରୀ (୨୦) ଦଳ ପକ୍ଷରୁ ସର୍ବାଧିକ ୩୮ ରନ୍‌ର ପାର୍ଟନରସିପ୍ ସଂଗ୍ରହ କରିଥିଲେ। ଫାଷ୍ଟ ବୋଲର ମାଇକେଲ ନେସେର ସର୍ବାଧିକ ୩୫ ରନ୍ କରିଥିଲେ। ଯାହା ଫଳରେ ଦଳ ୪୫.୨ ଓଭରରେ ୧୫୨ ରନ୍ କରିଥିଲା। ଇଂଲଣ୍ଡ ପକ୍ଷରୁ ଜୋଶ ଟଙ୍ଗ୍ ସର୍ବାଧିକ ୫ଟି ୱିକେଟ ନେଇଥିଲେ। ଜବାବରେ ଇଂଲଣ୍ଡ ମାତ୍ର ୨୯.୫ ଓଭରରେ ୧୧୦ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ହ୍ୟାରୀ ବ୍ରୁକ୍ ସର୍ବାଧିକ ୪୧, ଫାଷ୍ଟ ବୋଲର ଗସ ଆଟକିନସନ ୨୮ ଓ ଷ୍ଟୋକ୍ସ ୧୬ ରନ୍ କରିଥିଲେ। ରୁଟ ଖାତା ଖୋଲି ପାରି ନ ଥିଲେ। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ କୌଣସି ୱିକେଟ ନ ହରାଇ ୪ ରନ୍ କରିଛି।

## ପ୍ରୀତିସ୍ମିତା, କାଳୁଚରଣଙ୍କୁ 'ଓସ୍‌ଜା' ପୁରସ୍କାର





ଭୁବନେଶ୍ୱର,୨୬।୧୨(ସମିସ): ଉଦୀୟମାନ ଭାରୋତ୍ତୋଳନାକାରୀ ପ୍ରୀତିସ୍ମିତା ଭୋଇ ଓ ପ୍ରଭାବୀ ହକି ପ୍ରଶିକ୍ଷକ କାଳୁଚରଣ ଚୌଧୁରୀଙ୍କୁ ଚଳିତବର୍ଷର ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ପୁରସ୍କାର ମିଳିବ। ପ୍ରୀତିସ୍ମିତାଙ୍କୁ ଓଡ଼ିଶାର ଶ୍ରେଷ୍ଠ ଖେଳାଳି ଓ କାଳୁଚରଣଙ୍କୁ ଜୀବନବ୍ୟାପୀ ସେବା ସମ୍ମାନ ପ୍ରଦାନ କରାଯିବ। ୨୦୨୬ ଜାନୁଆରୀ ୧୮ ତାରିଖ ଭୁବନେଶ୍ୱରରେ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଉଭୟଙ୍କୁ ଉଭୟଙ୍କୁ ୨୫,୦୦୦ ଟଙ୍କା ଲେଖାଏଁ, ପ୍ରଶସ୍ତିପତ୍ର, ଟ୍ରଫି ଓ ଉତ୍ତରୀୟ ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ପ୍ରୀତିସ୍ମିତା ବିଶ୍ୱ ଯୁବ ଭାରୋତ୍ତୋଳନରେ ବିଶ୍ୱରେକର୍ଡ କରି ଦେଶ ତଥା ରାଜ୍ୟର ଗୌରବ ବଢ଼ାଇଛନ୍ତି। ଏସୀୟ ଯୁବ ଭାରୋତ୍ତୋଳନ ଓ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଏକାଧିକ ସ୍ୱର୍ଣ୍ଣପଦକ ଜିତି ସେ ତାଙ୍କ ସଫଳତାର ଧାରା ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ କ୍ରୀଡ଼ା ଓ ଯୁବସେବା ବିଭାଗରେ କୋଚ୍ ଭାବେ ୩ ଦଶନ୍ଧି ଧରି କାମ କରି ଡଜନେରୁ ଅଧିକ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିଥିବା କାଳୁଚରଣ ଚୌଧୁରୀ ଏବେ ମଧ୍ୟ ହକି ନିଶାରେ ଡିଷ୍ଟି ରହିଛନ୍ତି। ସେ ରାଉରକେଲାରେ ହକି ପ୍ରଶିକ୍ଷଣ କାର୍ଯ୍ୟ ଅବ୍ୟାହତ ରଖିଛନ୍ତି। ଓସ୍‌ଜା ଏହି ପୁରସ୍କାର ୨୦୧୮ରୁ ପ୍ରଦାନ କରିଆସୁଛି। ସେହି ବର୍ଷ ପୂର୍ଣ୍ଣିମା ହେମ୍ବ୍ରମ ଓ ଦେବ ସିଂ ଏବଂ ଗତବର୍ଷ ପ୍ରତ୍ୟାଶା ରାୟ ଓ ମହମ୍ମଦ୍ ସାହିଦ୍ ଜବାରଙ୍କୁ ଏହି ପୁରସ୍କାର ମିଳିଥିଲା।

**ସନ୍ତୋଷ ଟ୍ରଫି**

# ଓଡ଼ିଶାର ହ୍ୟାଟ୍ରିକ୍ ବିଜୟ



କଟକ,୨୬।୧୨(ସମିସ)

୭୯ତମ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହି ଓଡ଼ିଶା ପରବର୍ତ୍ତୀ ରାଉଣ୍ଡକୁ ପ୍ରବେଶ କରିଛି। ନାରାୟଣପୁରସ୍ଥିତ ଆରକେଏମ ଆଶ୍ରମ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ଗ୍ରୁପ-ଏଫ'ର ଶେଷ ଲିଗ୍‌ରେ ଓଡ଼ିଶା ୩-୧ ଗୋଲରେ ଘରୋଇ ଛତିଶଗଡକୁ ହରାଇଥିଲା। ଖେଳର ପ୍ରଥମାର୍ଦ୍ଧରେ ୨ଟି ଗୋଲ ସ୍କୋର କରି ଓଡ଼ିଶା ଦବଦବା ଜାହିର କରିଥିଲା। ୩୨ତମ ମିନିଟରେ ଫରୱାର୍ଡ ଜିତୁ ମୁଦୁଲି ଏବଂ ୩୭ତମ ମିନିଟରେ ମିଡଫିଲ୍ଡର ଚନ୍ଦ୍ରମୋହନ ମୁର୍ମୁ ଗୋଟିଏ ଲେଖାଏ ଗୋଲ ସ୍କୋର କରି ଦଳକୁ ଏକପାଖିଆ ଆଗୁଆ ରଖିଥିଲେ। ଦ୍ୱିତୀୟାର୍ଦ୍ଧର ୫୧ତମ ମିନିଟରେ ଛତିଶଗଡ ଗୋଟିଏ ଗୋଲ ସୁଝାଇଥିଲା। ଅଭିଷେକ କୁଞ୍ଜମଙ୍କ ଗୋଲ ବଳରେ ମ୍ୟାଚ୍ ସ୍ଥିତି ୨-୧ରେ ପହଞ୍ଚିଥିଲା। ହେଲେ ୬୪ତମ ମିନିଟରେ ଓଡ଼ିଶା ଅଧିନାୟକ କାର୍ତ୍ତିକ ହାନ୍ତାଳ ଦଳ ପାଇଁ ୩ୟ ଗୋଲ ସ୍କୋର କରି ପୁର୍ନବାର ମ୍ୟାଚକୁ ନିଜ କବଜାରେ ରଖିଥିଲେ। ଖେଳର ଅବଶିଷ୍ଟ ସମୟରେ କୌଣସି ଗୋଲ ନହେବା ଯୋଗୁଁ ଓଡ଼ିଶା ୩-୧ ଗୋଲରେ ବିଜୟୀ ହୋଇଥିଲା। ଲିଗ୍ ପର୍ଯ୍ୟାୟର ପୂର୍ବ ଦୁଇ ମ୍ୟାଚ୍‌ରେ ଓଡ଼ିଶା ମଧ୍ୟପ୍ରଦେଶକୁ ୪-୦ ଗୋଲରେ ଏବଂ ତେଲେଙ୍ଗାନାକୁ ୧-୦ ଗୋଲରେ ହରାଇଥିଲା।


'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ

କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୭୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ


## ଏଆଇଏଫ୍‌ଏଫ୍ ଆୟୋଜନ କରିବ ଆଇଏସ୍‌ଏଲ୍

ନୂଆଦିଲ୍ଲୀ, ୨୬।୧୨ : ଅନିଶ୍ଚିତତା ମଧ୍ୟରେ ରହିଥିବା ଆଇଏସ୍‌ଏଲ୍‌କୁ ବଞ୍ଚାଇ ରଖିବା ଲାଗି ଏଆଇଏଫ୍‌ଏଫ୍ ବଡ଼ ଯୋଜନା ପ୍ରସ୍ତୁତ କରିଛି। ନୂତନ ଭାବେ ଆଇଏସ୍‌ଏଲ୍‌କୁ ଆରମ୍ଭ କରିବାକୁ ଶୁକ୍ରବାର ଏଆଇଏଫ୍‌ଏଫ୍ ଗଠନ ପ୍ରସ୍ତାବ ଦେଇଛି। ନୂତନ ସମ୍ବିଧାନ ଅନୁଯାୟୀ ଆଗାମୀ ୨୦ ବର୍ଷ ପର୍ଯ୍ୟନ୍ତ ଏଆଇଏଫ୍‌ଏଫ୍ ମାଲିକାନାରେ ଓ ପରିଚାଳନରେ ଆଇଏସ୍‌ଏଲ୍ ଆୟୋଜିତ ହେବ ବୋଲି ଏହି ପ୍ରସ୍ତାବରେ ରହିଛି।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS